ମଧୁ-ସ୍ମରଣିକା

୭୭୨୯

Digitized by srujanika@gmail.com

Please donate Re. 1.00

Digitized by srujanika@gmail.com

ଉତ୍କଳ-ଗୌରବ ମଧୁସୂଦନଙ୍କ

୧୯୮ତମ

ଜୟନ୍ତୀ-ଉତ୍ସବ ଉପଲକ୍ଷେ

ପୂଜ୍ୟପୂଜା ସଂସଦ, ଓଡ଼ିଶା

ଆନୁକୂଲ୍ୟରେ ପ୍ରକାଶିତ

●

ସଂପାଦକ

ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ

Digitized by srujanika@gmail.com

ସୂଚୀ

- ବମ୍ବାର-ଓଡ଼ଶା କାଉନ୍‌ସିଲ୍‌ରେ ମଧୁବାବୁଙ୍କ ଘୋଷଣା
- ଏ ଜାତିର ମହାନ୍ ପିପାସ୍ତା
- ମଧୁବାବୁ—ଏକ ରାଜନୈତିକ ଅଧ୍ୟୟନ
- ମଧୁବାବୁ ସଙ୍ଗେ ଲଢ଼ିବ
- ଓଡ଼ିଆ ଜାତି ଓ ଜ୍ୱଳନ୍ତ-ଗୌରବ ମଧୁସୂଦନ
- ଓଡ଼ଶାର ଦୀପଶିଖା
- ଗୋଲାପ ଓ ପିଙ୍କଦାମ୍ପା
- ଏ ଜାତିର ଜାଗ୍ରତ ପ୍ରହରୀ
- ମଧୁବାବୁଙ୍କ ଜୀବନର ଏକ ସମୀକ୍ଷା
- ସଂପାଦକୀୟ

Digitized by srujanika@gmail.com

MADHUSUDAN DAS

AS SEEN BY

Gandhi wrote after Das's death :—

"Madhusudan was a great patriot. He held most liberal views about religion. He were himself out in teaching the youth of the country dignity of labour and gave practical proof of his teaching by establishing at great sacrifice industrial concerns."

Gandhi's letter to Das on 12-8-25 from Calcutta—"Dear friend, I have been constantly thinking of you, but till I was in Jamshedpur I could not make up my mind to pay a special visit to Cuttack to see your undertaking. But my conscience pricked me and told me that I must likewise go to Cuttack. I leave on Tuesday by Puri Express. I would love to put up with you. × × × You will of course teach me how to spread the message of the spinning wheel in Utkal. Though the Congress has spent money like water it has made very little headway in Utkal. I have not however despaired."

Yours sincerely
M. K. Gandhi
-8:25

Digitized by srujanika@gmail.com

AS SEEN BY

Aurobindo contributed an article to the weekly English Paper "Bande Mataram" of Calcutta which was published in its issue dated 17th December, 1907.

"Lives of people have been stirred and they direct their energies for the reformation of the great Indian Nation. Nationalism depends for its success on the awakening and organising the whole strength of the Nation.

As with the backward Communities so with backward Provinces. It is vitally important to nationalism that these should awake and place themselves in advancing surge of political life and prepare themselves for a higher rank in future federated strength of India we welcome any sign of this awakening.

It is, for instance, a cause for gratification that Orissa is beginning to feel its separate consciousness and to attempt to grow into an organised life under a very capable and high spirited leader Mr. Madhusudan Das. The new organised life of Orissa will become an immense addition to the force of nationalism. It remains true that the only way this Province can make up for lost time and bring itself to the level of more advancing races by throwing itself with full tide of nationalism".

Aurobindo

NOTE : Mr. Das started Utkal Union Conference in 1903 and this piece is quoted from the book 'Aurobindo and new thought in Indian Politics.'

Digitized by srujanika@gmail.com

AS SEEN BY

Address of Pandit Jawaharlal Nehru while unveiling the statue of Mr. M. S. Das in the premises of the Sailabala Women's College on 13th February, 1953.

"Having been in Orissa for a short visit I feel a great joy in joining the unveiling ceremony of the statue of a great leader like Madhusudan Das. Madhusudan Das was a great man not only of Orissa but of the whole India. I have been hearing his name for the last fifty years. Though I had no opportunity to meet him directly yet I have seen him from a distance. He was a very great friend of my father. During this period whenever the affairs of Orissa came up for discussion and consideration, the name of Madhusudan absorbed all this and came into prominence. You all know all that he had done for Orissa. This College is the proof of his far sight and vision. If he had not moved for the progress of female education, this institution could not have raised its head. The progress of civilisation of a country is to be measured by Female Education.

× × × × ×

while I offer my inmost feelings of admination for him I say that this College is one of the many monuments of his life.

Jawaharlal Nehru

Digitized by srujanika@gmail.com



ଉତ୍କଳ-ଗୌରବ ମଧୁସୂଦନ

ଆବିର୍ଭାବ
୨୮-୪-୧୮୪୮

ତିରୋଭାବ
୪-୨-୧୯୩୪

Digitized by srujanika@gmail.com

ଉପୋଦ୍‌ଘାତ

ମଧୁବାବୁ ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଦିଗରେ ନିୟୋଜିତ କରି କେବଳ ଓଡ଼ିଶାରେ ନୁହେଁ, ସାରା ଘରଉରେ ସୁନାମ ଅର୍ଜନ କରି ଅଛନ୍ତି । ଅବହେଳିତ ଓଡ଼ିଆ ଜାତିର ଅଞ୍ଚାତର ଗୌରବୋଜ୍ଜ୍ୱଳ ଐତିହ୍ୟକୁ ସମ୍ମୁଖରେ ରଖି ଏ ଜାତିର ପ୍ରାଣରେ ସେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ନୂତନ ପ୍ରାଣସ୍ପନ୍ଦନ ଦେବାପାଇଁ ଜୀବନବ୍ୟାପୀ ସାଧନା କରିଥିଲେ । ସେହି ସାଧନାର ଜ୍ୱଳନ୍ତ ନିଦର୍ଶନ-ସ୍ୱରୂପ ଅଞ୍ଚାତ ଓଡ଼ିଶାର ସୂକ୍ଷ୍ମ କାରିଗରିବିଦ୍ୟା କଟକର ଚାରିକସି କାମରେ ନୂତନ ଜୀବନ୍ୟାସ ପାଇଅଛୁ ।

ଆଜି ମଧୁବାବୁଙ୍କ ଜନ୍ମପୀଠରେ 'ପୂଜ୍ୟପୂଜା ସଂସଦ' ତରଫରୁ ମଧୁବାବୁଙ୍କ ୧୧୮ ବାର୍ଷିକ ଜନ୍ମଦିବସରେ ତାଙ୍କପ୍ରତି ଭକ୍ତି ନୈବେଦ୍ୟ ପ୍ରଣିପାତ କରିବା ସଙ୍ଗେ ସଙ୍ଗେ ତାଙ୍କ ଜୀବନର କେତୋଟି ବିଭବ ପୁସ୍ତିକା ଆକାରରେ ପ୍ରକାଶ କରିଅଛୁ । ଆଶା କରୁଛୁ—ଏହି ପୁସ୍ତିକା ସମାଜର ବିଭିନ୍ନ ଦିଗରେ ମଧୁବାବୁଙ୍କ ଜୀବନର ଭାବସଞ୍ଚାତ ଉପଲବ୍ଧି କରିବାରେ ଏବଂ ଭବିଷ୍ୟତରେ ସେହି କର୍ମୀବୃନ୍ଦଙ୍କ ଆଦର୍ଶର ପ୍ରତିଫଳନ ସୃଷ୍ଟି କରିବାରେ ସାହାଯ୍ୟ କରିବ ।

ସନ୍ତୋଷକୁମାର ସାହୁ
ସଭାପତି, ପୂଜ୍ୟପୂଜା ସଂସଦ
ଓଡ଼ିଶା

Digitized by srujanika@gmail.com

କହାର ଓଡ଼ଶା କାଉନ୍‌ସିଲ୍‌ରେ ମଧୁବାବୁଙ୍କ ପ୍ରଦତ୍ତ ଭାଷଣ

(ଉତ୍କଳମଣି ଗୋପବନ୍ଧୁ ଓ ଅନ୍ୟାନ୍ୟ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରିବାକୁ ତା ୨୦।୨।୧୯୨୭ରେ ମଧୁବାବୁ ଏ ଭାଷଣ ଦେଇଥିଲେ)

ସ୍ୱର୍ଗତଃ ମଧୁସୂଦନ ଦାସ

ଦେଶରେ ଆଇନ ଓ ଶୃଙ୍ଖଳାକୁ ଅବ୍ୟାହତ ରଖିବା ସବୁ ସରକାରଙ୍କର କର୍ତ୍ତବ୍ୟ । ଯେଉଁମାନେ ଆଇନ, ନିୟମ ଓ ଶୃଙ୍ଖଳାଭଙ୍ଗ କରନ୍ତି ଓ ମଦ୍ୟପ କମ୍ବା ଯେଉଁମାନଙ୍କ କାର୍ଯ୍ୟକଳାପ ଏବଂ ସ୍ୱଭାବ ମଦ୍ୟପମାନଙ୍କ ସହିତ ସାଦୃଶ୍ୟ ରଖେ, ଜେଲଖାନା ସେମାନଙ୍କ ନମନ୍ତେ ତିଆରି ହୋଇଥିଲା । ଏହି ପ୍ରସଙ୍ଗରେ ମୋର ପ୍ରିୟ ବନ୍ଧୁ ଓଡ଼ଶାର ଗୋପବନ୍ଧୁ ବାବୁଙ୍କ କଥା କୁହାଯାଇପାରେ । ତାଙ୍କର ଚରିତ୍ର ଓ ଜୀବନର ଆଚରଣ ଓଡ଼ଶାରେ ସମସ୍ତେ ଜାଣନ୍ତି ଏବଂ ଏଠାର ଓଡ଼ଆ ସଭ୍ୟମାନେ ମଧ୍ୟ ଜାଣନ୍ତି । ଏଠାରେ ଯେତେ ସଭ୍ୟ ଅଛନ୍ତି, ସେମାନଙ୍କଠାରୁ ମୁଁ ତାଙ୍କୁ ବଶେଷ ଭଲଭାବରେ ଜାଣେ । କାରଣ ସେହି ଯୁବକଙ୍କ ଜୀବନ ଗଢ଼ିବାରେ ମୁଁ ଭାଗ ନେଇଥିବାରୁ ନଜକୁ ଗୌରବାନ୍ୱିତ ଏବଂ ସମ୍ମାନିତ ବୋଲ ଅନୁଭବ କରେ । ମୁଁ 'ତାଙ୍କୁ 'କାଉନ୍‌ସିଲକୁ ପଠାଇବାରେ ସାହାଯ୍ୟ କରିଛି ଏବଂ ତାଙ୍କୁ ଖ୍ରେଟ 'ଫଗ୍ରଡ୍ ' କରେଇ ଦେଇଛି । ମୁଁ ତାଙ୍କୁ କାଉନ୍‌ସିଲକୁ ଅଣାଇଛି । ସରକାର ଭାବୁଛନ୍ତି, ସେହି ଚରିତ୍ରବାନ୍ ଉନ୍ନତ ଲୋକକୁ ଜେଲରୁ ମୁକ୍ତ କରିଦେଲେ ତାଙ୍କ ପ୍ରଭାବରେ ଲୋକେ ବଶୃଙ୍ଖଳିତ ହୋଇ ଆଇନ ଅମାନ୍ୟ କରିବେ । ଏହାର ଅର୍ଥ କ'ଣ ? ଜଣେ ଭଲଲୋକ କ ରାଷ୍ଟ୍ର-ବଶୃଙ୍ଖଳା କରିପାରେ ? ଏହାର ଅର୍ଥ ହେଲା, ସରକାରଙ୍କ ପ୍ରତିଷ୍ଠିତ ସମାଜବ୍ୟବସ୍ଥା ଭଲ ନୁହେଁ ଏବଂ ବଦେଶୀ ଶାସନଚ୍ଛତଳେ ସମାଜ ଖରାପ ହୋଇଯାଇଛି । ପୃଥିବୀରେ ବସ୍ଫୋରକ ପଦାର୍ଥ ରହିଛି ବୋଲ ତୁମେ ପୃଥିବୀରୁ ଅଗ୍ନିକୁ ନବାସିତ କରିପାରିବ ନାହିଁ । ମୁଁ ନରାପଦ ବୋଧ କରିଲି ଗୃହେଁ; ଯେଉଁଥିରେ କ ଅଗ୍ନି ବସ୍ଫୁରିତ ହେବାର ଆଶଙ୍କା ନାହିଁ । ଗୋଟିଏ

Digitized by srujanika@gmail.com

ଉତ୍ତମ ଚରିତ୍ରର ବ୍ୟକ୍ତିଦ୍ୱାରା କ ଲୋକମାନଙ୍କର ବ୍ୟାପକ ଅନିଷ୍ଟ ହେବାର ଆଶଙ୍କା କରିଯାଏ? ଲୋକେ ସେହି ଭଲ ଲୋକ ନଜଝରୁ ପଳାଇଯିବେ ନାହିଁ; ବରଂ ତାଙ୍କର ଗୁରୁପଟ୍ଟେ ଗ୍ରାମିଣ ଲୋକେ ଘେରି ରହିବେ । କିନ୍ତୁ ସେମାନେ ଗୋଷ୍ଠିଏ ଗୋରସାର୍ଜକ ଦେଖିଲେ ତା ପାଖରୁ ପଳାଇଯିବେ— ଏହା ନଗ୍ନ ସତ୍ୟ । ଏଥିରୁ କଣ ବୁଝାଯାଏ ? ଯେଉଁମାନଙ୍କୁ ଏ ସରକାର ଶାସନ କରିବାର ଦାୟିତ୍ୱ ନେଇଛନ୍ତି, ସେହି ସରକାର ଆମର ଲୋକଙ୍କ ଧାତୁ କଣ ଓ କିପରି, ତାହା ବୁଝିବାକୁ ଅକ୍ଷମ । ଓକିଲମାନେ ସରକାରଙ୍କର ଯେଉଁ ଶାସନବିଧାନ ବା Constitution ସହିତ ସଂପୃକ୍ତ ଥାଇ କାର୍ଯ୍ୟ କରନ୍ତି, ମୁଁ ସେହି ଶାସନବିଧାନ ଆଇନ କଥା କହୁନାହିଁ । କିନ୍ତୁ ଜନସାଧାରଣଙ୍କ ହୃଦୟରୁ ଯେଉଁ ସ୍ୱର ପ୍ରକଟିତ ହେଉଛି, ମୁଁ ସେହି ବିଧାନ ବା Constitution କଥାହିଁ କହୁଛି । ଏହା ହେଉଛି ମାନବିକ ବିଧାନ (Human Constitution) ରାଜନୈତିକ ଶାସନର ବିଧିବିଧାନରେ ଯେପରି ଶାସନତାନ୍ତ୍ରିକ ଭିତ୍ତି ଓ ମୌଳିକ ଗୁଣ ରହିଛି, ମାନବିକ ବିଧାନର ମଧ୍ୟ ସେହିପରି ମୌଳିକ ଗୁଣମାନ ରାଜନୈତିକ ବିଧାନ ପରି ରହିଛି । ଏହି ଶାସନତାନ୍ତ୍ରିକ ଗୁଣଯୁକ୍ତ ବିଧାନମାନ ଓ ଶାସନକର୍ତ୍ତା ଲୋକଙ୍କର ଉପକାର ସାଧନ କରିବା ପାଇଁ ପ୍ରଣୀତ ହୋଇଛି । ସେହିପରି ମନୁଷ୍ୟପ୍ରକୃତ ହେଉଛି—ଯେତେବେଳେ ତାର ନୈତିକ ଆଦର୍ଶ ବା ମଜ୍ଜ, ଦୈହିକ ଶକ୍ତି, ବୌଦ୍ଧିକ ବିଚାରଶକ୍ତି ପୂର୍ଣ୍ଣ ବିକଶିତ ହୋଇଯାଏ, ସେତେବେଳେ ସେହି ବ୍ୟକ୍ତି ସବାଙ୍ଗୀନ ପୂର୍ଣ୍ଣତାର ଅଧିକାରୀ ହୁଏ ଏବଂ ତାର ସ୍ୱାଧୀନ ମାନବିକ ନଜସ୍ୱ ବିଧାନ ରହିଥାଏ । ହିନ୍ଦୁ ଶାସ୍ତ୍ର କହେ ନୃସିଂହ ଅବତାର ଏବଂ ବନ୍ଦୁ ପିଠୁଲା ଓ ଦେବମୂର୍ତ୍ତିଙ୍କ କଥା । ପୁଣି ଗଣେଶଙ୍କ କଥା କହେ—ଯାହାଙ୍କ ଦେହ ମନୁଷ୍ୟାକୃତି; ମାତ୍ର ମସ୍ତକ ହସ୍ତୀଶୁଣ୍ଡ ଆକୃତିବିଶିଷ୍ଟ । ଏହା ସାମଞ୍ଜସ୍ୟମୂଳକ ଗଠନ ନୁହେଁ । ଏହା ଅସାମଞ୍ଜସ ଗଠନ । ମନୁଷ୍ୟ ଦେହଗଠନରେ ସାମଞ୍ଜସ୍ୟ ନ ଥିବାପରି ଯନ୍ତ୍ର ଶାସନବିଧାନରେ ସାମଞ୍ଜସ୍ୟ ଦେଖାଯାଏ ନାହିଁ, ତେବେ ମହାଶୟ, ପ୍ରକୃତରେ ଏହା ଲୋକମାନଙ୍କର ଦୋଷ ନୁହେଁ । କ୍ରିଶ୍ଚିଆନମାନଙ୍କ ଶାସନତନ୍ତ୍ରେ ଶାସିତ ହୋଇ ଲୋକମାନେ ଖରାପ ହୋଇ-ଯାଉଛନ୍ତି—ଏହା ସତ୍ୟ କଥା । ଘରତରେ କଣ ଏହା ପୂର୍ବରୁ ଏହିପରି ଜନ-ବିକ୍ଷୋଭ ଘଟି ନ ଥିଲା ? ଚୈତନ୍ୟ ମହାପ୍ରଭୁଙ୍କ କାଳରେ ଘରତରେ

Digitized by srujanika@gmail.com

କ ଜନ-ବିପ୍ଳବ ଘଟି ନ ଥିଲ ? ସହସ୍ର ସହସ୍ର ଲୋକ ସେହି ଉତ୍ତମ ବ୍ୟକ୍ତିଙ୍କୁ ଘେରିଥିବାରୁ ଆମ୍ଭେମାନେ କ ଦେଖିନାହୁଁ ? ଆମ୍ଭେମାନେ କ ସେହି ସାଧାରଣ ଲୁବ୍ଧ ଜନତାଙ୍କ ସେବାରେ ଲାଗ ନେଇ ନ ଥିଲୁ ? ସହସ୍ର ସହସ୍ର ଲୋକ ସେହି ବ୍ୟକ୍ତିଙ୍କ ନିକଟରେ ଘେରି ଚୁଣ୍ଡି ହେଉ ନଥିଲେ କ ? କିନ୍ତୁ ଯେଉଁ ସହସ୍ର ସହସ୍ର ଜନତା ସେହି ବ୍ୟକ୍ତିଙ୍କ ନିକଟରେ ଚୁଣ୍ଡି ହେଇଥିଲେ, ସେମାନଙ୍କ ଉପରେ ସେହି ବ୍ୟକ୍ତିଙ୍କର କୌଣସି ମନ୍ଦ ପ୍ରଭାବ ପଡ଼ିଥିଲ ? ସେହି ବ୍ୟକ୍ତିଙ୍କ ପ୍ରସ୍ରବରେ ଯେଉଁ ଲୋକମାନେ ଆସୁଥିଲେ, ସେମାନଙ୍କଦ୍ୱାରା ଦେଶର କିଛି ଅନିଷ୍ଟ ଘଟିଛି କ ? ଏହା ଆଇନ-ଶୃଙ୍ଖଳା ପ୍ରତି ମଧ୍ୟ ଅତ୍ୟନ୍ତ ବିପଜ୍ଜନକ । ସବୁ ସରକାର ଖିବୁଥାନ୍ତି, ସେହି ଉତ୍ତମ ଚରିତ୍ର ବ୍ୟକ୍ତିଙ୍କ ସଂସ୍ପର୍ଶରେ ଓ ସଂପର୍କରେ ଆସିଥିବାରୁ ସେହି ବ୍ୟକ୍ତିଙ୍କୁ ଗୋଟିଏ ବିପଦର ଉତ୍ସ ବୋଲି ମନେ କରିପିବ, ତେବେ ମୋର ମନେ ହୁଏ, ଦେଶରେ ଜନବିପ୍ଳବ ଓ ଜନ-ବିକ୍ଷୋଭର କାରଣ ସେହି ବ୍ୟକ୍ତି ନୁହଁନ୍ତି—ଜନ-ବିକ୍ଷୋଭ ହେବାର ସ୍ୱତନ୍ତ୍ର କାରଣ ବର୍ତ୍ତମାନ ଅଛି । ଏହି କାରଣ ବା ହେତୁ କଣ, ତାହା ଜନସାଧାରଣଙ୍କଠାରୁ ଅନୁସନ୍ଧାନ କରି ନଷ୍ଟି ଚିତ୍ତବରେ ସେହି କାରଣ ବା ହେତୁପ୍ରତି ଅବହିତ ହେବାକୁ ହେବ । ଲୋକେ ପ୍ରକୃତରେ କଣ ଗୁହାଁନ୍ତି, ତାହା ଜାଣିବାକୁ ହେବ । ଏହି କାଉନ୍ସିଲର ସଭ୍ୟମାନେ ବନ୍ଦୀ ଲୋକମାନଙ୍କୁ ଶୀଘ୍ର ମୁକ୍ତ କରିବାକୁ ଗୁହାଁନ୍ତି । ଏହା ମଧ୍ୟ ଜନସାଧାରଣଙ୍କର ଇଚ୍ଛା । ସରକାର ତାଙ୍କ ଇଚ୍ଛାରେ ଯାହା ତାହା କରନ୍ତୁ; ମାତ୍ର ମୋର ବ୍ୟକ୍ତିଗତ ଇଚ୍ଛା ଏବଂ ଅନୁଭୂତି ତାଙ୍କ ଆଗେ ପ୍ରକାଶ କଲି, ଯାହାର ପ୍ରତିଧ୍ୱନିମାନ ଏହି ଘର କାନ୍ଥ ସେପ୍ରସ୍ତରୁ ସେ ପାଇବେ । ଯେଉଁ ଲୋକମାନେ କୌଣସି ବେଆଇନ କାର୍ଯ୍ୟ କରନାହାନ୍ତି ଏବଂ ଆଇନ-ଶୃଙ୍ଖଳା ରକ୍ଷା କରୁଛନ୍ତି ସେମାନଙ୍କୁ ଖାଲସ କରିଦେବା ସଂପର୍କରେ ସରକାର ବହୁତ ବଦ୍ଧପର କରିବା ଉଚିତ । ମୋ ସାମନାରେ ଯେଉଁ ବିରୋଧୀପକ୍ଷ ମାନ୍ୟବର ସଭ୍ୟମାନେ ବସିଛନ୍ତି, ସେମାନେ କେବଳ ପୁଲିସ ଠେଙ୍ଗାରେ ଲୋକଙ୍କୁ ସିଧାସଳଖ କରିଦେଇ ଦେବାକୁ ଗୁହାଁନ୍ତି । ଆମେ ମନୁଷ୍ୟପ୍ରକୃତିକୁ ଯଥାର୍ଥତ୍ୱରେ ଅଧ୍ୟୟନ କରିବାକୁ ଗୁହୁଁ । ମନୁଷ୍ୟ-ଚରିତ୍ର ଓ ତାର ପ୍ରକୃତି ଅଧ୍ୟୟନ କରି ନ ପାରିଲେ ଲୋକେ ଜବତ୍ ହୋଇ ରହିବେ ନାହିଁ । ତୁମେ ଲୋକଙ୍କୁ ଯେ କୌଣସି ସମୟରେ ଇଚ୍ଛା କଲେ ମାରିପାର, ଜଲ୍ଲାଦ ଡାକ

Digitized by srujanika@gmail.com

ଫାଁସି ଦେଇ ହତ୍ୟା କରିପାର, ବୋମାଗୁଳି ଲଗାଇ, ସେନାମାନଙ୍କୁ ଲଗାଇ ଲୋକମାନଙ୍କୁ ଧ୍ୱଂସ କରିଦେଇପାର । ଭଲ ପୁଲିସ ଇନ୍‌ସପେକ୍ଟର-ଜେନେରାଲ୍‌ଦ୍ୱାରା ନରହତ୍ୟା କରାଇପାର; କିନ୍ତୁ ଏହି ଦମନ-ନୀତିରେ ଲୋକମାନଙ୍କୁ ତୁମେ ଜୟ କରିପାରିବ ନାହିଁ । ଲୋକେ ଯେତେ ଦୁଃଖ-ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ ମଧ୍ୟ ଜାଗ୍ରତ ହେବେ, ବିପ୍ଳବ କରିବେ । ଆଉ ଯେତେବେଳେ ଲୋକେ ତୁମ ବିରୁଦ୍ଧରେ ଉଠିବେ, ତୁମେ ତାଙ୍କୁ ସମ୍ଭାଳି ପାରିବ ନାହିଁ । ଜନବିକ୍ଷୋଭ ଫୁଟିଉଠିବାରେ ଯେପରି ଜନବିପ୍ଳବ ଆକାର ଧରିଥାଏ, ସେହିପରି ଶକ୍ତିଶାଳୀ ବିପ୍ଳବ ହେବ । ଏହି ବିପ୍ଳବ ଶକ୍ତିରେ କୌଣସି ବ୍ୟକ୍ତିବିଶେଷକୁ ଧ୍ୱଂସ କରିବ ନାହିଁ—ଏହା ତୁମର ବୈଧାନିକ ଶକ୍ତିସଞ୍ଚୟକୁ ଧ୍ୱଂସ କରିଦେବ; ଶାସନବିଧାନକୁ ଧ୍ୱଂସ କରିଦେବ । ଯଦି ସରକାର ସତରେ ଲୋକଶାସନ ଗଢ଼ିଥାନ୍ତି, ତେବେ ଆମ ଲୋକଙ୍କ ପ୍ରକୃତ ଓ ଇଚ୍ଛା କଣ, କାମନା କଣ, ତାହା ନିରୂପଣ କରନ୍ତୁ । ଲୋକଚରିତ୍ର ଓ ଗୋଷ୍ଠିଏ ବୈପ୍ଳବିକ ଫଘର ଆଶା-ଆକାଂକ୍ଷା କଣ, ତାହା ମଧ୍ୟ ଅଧ୍ୟୟନ କରି ଦେଖନ୍ତୁ । କିନ୍ତୁ ସରକାର ଘରଭରି ଏ ଗଣବିକ୍ଷୋଭ ସମ୍ବନ୍ଧେ ଖାତର କରନ୍ତୁ ନାହିଁ; କିଛି ସମାଧାନ କରିବାକୁ ଚାହାନ୍ତୁ ନାହିଁ । ଘରଭ ଲୋକଙ୍କ ମନ ବୁଝିବାକୁ ଚାହାନ୍ତୁ ନାହିଁ । ଘରଭ ଲୋକଙ୍କ ହୃଦୟ ସ୍ପର୍ଶ ନ କରି କେବଳ ସରକାର ଆଇନ ଓ ଶୃଙ୍ଖଳା ରକ୍ଷା କରିବାକୁ ଚାହାନ୍ତି । ଏହାର ଫଳ ହେଉଛି: ଦେଶରେ ବେଆଇନ କାମ କରିବା ଓ ଆଇନ ଅମାନ୍ୟ ପାଇଁ ବଶୃଙ୍ଖଳା ପରିସ୍ଥିତି ସବୁ ସୃଷ୍ଟି କରିବା—ଆଇନ ଭାଙ୍ଗିବା । ସରକାର ଯାହା ସୃଷ୍ଟି କରିଛନ୍ତି, ତାହାର ଲୋପ ସାଧନ କରିବାକୁ ଯାଉଛନ୍ତି ।

ତୁମେ ହିଁ ଦେଶରେ ବଶୃଙ୍ଖଳା ସୃଷ୍ଟି କରୁଛ, ପୁଣି ତୁମେ ହିଁ ଏହି ନିଜ ସୃଷ୍ଟ ବଶୃଙ୍ଖଳାକୁ ଅବଦମିତ କରିବାକୁ ଜଦ୍ଦୁଛ । ସେପରି ଜଣେ ଷ୍ଟନ୍ ଶାଶୁ ଘରେ ପଶି ପୁଅବୋହୂଙ୍କ ମଧ୍ୟରେ ବୁଝାମଣା ଅଭାବ ଦେଖି କହିଲ—"ତୁମେ ଦୁହେଁ କଳି କର । ମୁଁ ଏଠାକୁ ତୁମ କଳି ଘୁଞ୍ଚିବାକୁ ଆସିଲି ।" ମୋର ଏହି ମନ୍ତବ୍ୟ ଦେଇ ମୁଁ ଦୃଢ଼ଭାବରେ ବନ୍ଦୀମୁକ୍ତି ବିଷୟ ଦାବୀ କରୁଛି ।

ଓଡ଼ିଆ ରୂପାନ୍ତର—**ସରଳା ଦେବୀ**

Digitized by srujanika@gmail.com

ଏ ଜାଡର ମହାନ୍ ସିପାହୀ

ଶ୍ରୀ ବ୍ରଜବନ୍ଧୁ ଦାସ, ଆଡ୍‌ଭୋକେଟ୍

ଆଜକୁ ବତ୍ତଶ ବର୍ଷତଳେ ମଧୁବାବୁଙ୍କର ତିରୋଧାନ ହୋଇଥିଲା । ଏଥିମଧ୍ୟରେ ପୃଥିବୀରେ କେତେ ପରିବର୍ତ୍ତନ ହୋଇଗଲାଣି । ବୈଜ୍ଞାନିକମାନେ ଶୂନ୍ୟମାର୍ଗରେ ଧନନ୍ଧନ ଧରି ପରିଭ୍ରମଣ କରିପାରୁଛନ୍ତି ଓ ଗ୍ରହରାଜ୍ୟରେ ପ୍ରବେଶ କରିବାର ଉଦ୍ୟମରେ ଅଛନ୍ତି । ଚନ୍ଦ୍ର ପୃଷ୍ଠରୁ ଫଟୋ ଉଠାଯାଇ ପାରୁଛି ଓ ଗ୍ରହରାଜ୍ୟରେ ବସବାସ କରିବାର ଆଶା ଉଜ୍ଜ୍ୱଳତର ହୋଇ ଉଠୁଛି । ସମଗ୍ର ପୃଥିବୀର ରାଜନୈତିକ ଭୂଗୋଳରେ କେତେ ପରିବର୍ତ୍ତନ ଘଟିଯାଇଛି । ଦ୍ୱିତୀୟ ପୃଥିବୀ ମହାସମର ମଝିରେ ଆସିବାଫଳରେ କେତେ ସାମ୍ରାଜ୍ୟ ଲୋପ ପାଇଯାଇଛି । ଆମ ଓଡ଼ଶା ଏକ ସ୍ୱତନ୍ତ୍ର ଅଙ୍ଗରୂପେ ଭାରତବର୍ଷର ଅନ୍ୟାନ୍ୟ ଅଙ୍ଗମାନଙ୍କ ସଙ୍ଗେ କାନ୍ଧ ମିଳାଇ ଚାଲିଛି । ବୃହତ୍ତର ଓଡ଼ଶା ଗଠିତ ହୋଇ ଶିଳ୍ପ ଓ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ପ୍ରସାର ଲାଭ କରିଅଛି । ଏସବୁ କଥା ଭାବିଲାବେଳକୁ ମଧୁସୂଦନଙ୍କ ଉଜ୍ଜ୍ୱଳ ସମ୍ଭାବନା, ଶିଳ୍ପ-କାରଖାନା ଓ ପ୍ରଜାପ୍ରତିନଧି ସଭା ପ୍ରଭୃତି ଅତି ନଗଣ୍ୟ ଜଣାପଡ଼ୁଛି —ମାତ୍ର ମଧୁବାବୁ ତାଙ୍କ କାଳରେ ବଙ୍ଗ ଦେଶ-କାଳପାତ୍ର ପାଇଁ ଯାହା କରିବାର କରିଯାଇଛନ୍ତି ।

'ଉତ୍କଳମାତା' ଶବ୍ଦ ମଧୁବାବୁଙ୍କ ସୃଷ୍ଟି । ଏଥିରେ ଯେଉଁ ଧ୍ରୁବ ନ୍ୟସ୍ତ, ସେହି ଧ୍ରୁବର ଜନ୍ମଦାତା ହେଉଛନ୍ତି ମଧୁବାବୁ । ଏହି ଧ୍ରୁବକୁ ଆଜି ମହାଧ୍ରୁରଗୁପି ବଗ୍ଧରମନ୍ୟତାରେ କେତେକେ ପ୍ରାଦେଶିକ ସଂକୀର୍ଣ୍ଣତା କହି ପାରନ୍ତି; କିନ୍ତୁ ମଧୁବାବୁଙ୍କ ଚିନ୍ତାଧାରା ଓ ଧାରଣା ଭିନ୍ନ ଥିଲା । ସେ ଏକ ବକ୍ତୃତାରେ କହିଥିଲେ—"ଧ୍ରୁରତମାତାର ଉତ୍କଳମାତା କନ୍ୟା । ଉତ୍କଳ ଓ ଅନ୍ୟାନ୍ୟ ଅଞ୍ଚଳର ଅଙ୍ଗ ପୁଷ୍ଟ ଓ ସବଳ ନହେଲେ ଧ୍ରୁରତ ଦୁର୍ବଳ ହୋଇପଡ଼ିବ । ଧ୍ରୁରତର ଜାତିଗତ ଅଖଣ୍ଡତା ଓ ସମ୍ପତ୍ତି ରକ୍ଷାକରିବାକୁ ହେଲେ ତାର ବଭିନ୍ନ ଅଙ୍ଗଗୁଡ଼ିକୁ ସୁସ୍ଥ ସବଳ କରିବାକୁ ହେବ । ବଭିନ୍ନ ଅଙ୍ଗଗୁଡ଼ିକର ସମାବସ୍ଥାନ ଓ ସହଯୋଗ ଉପରେ ମୂଳଶକ୍ତି ଦୃଢ଼ ହେବ; ତା'ର ବକାଶ ଘଟିବ ।" ଏହାହିଁ ଥିଲା 'ଉତ୍କଳ ସମ୍ମିଳନୀ'ର ଉଦ୍ଦେଶ୍ୟ ।

Digitized by srujanika@gmail.com

ଚା'ର ଫଳରେ ଓଡ଼ଶାର ବଉନ୍ଧ ଅଙ୍ଗର ମିଶ୍ରଣ ହୋଇ ବୃହତ୍ତର ଓଡ଼ଶା ଗଠିତ ହୋଇଛି ।

ମଧୁସୂଦନଙ୍କ ଶିଲ୍ପପ୍ରସାର ଉଦ୍ୟମ ସମ୍ବନ୍ଧରେ ଅନେକ ବ୍ୟକ୍ତି ଅନେକ ଅନେକ କଥା କହିଆସିଛନ୍ତି । ଗାନ୍ଧୀ, ଗୋଖଲେ, ମାଲବ୍ୟ ଲଜପତ୍ ପ୍ରଭୃତିଙ୍କ ବହୁପୂର୍ବରୁ ୧୮୯୭ ଖ୍ରୀଷ୍ଟାବ୍ଦରେ ସେ ଲଣ୍ଡନ ଓ ମାଞ୍ଚେଷ୍ଟରଠାରେ ଯେଉଁ ବକ୍ତୃତା ଦେଇଥିଲେ, ସେଥିରେ ସେ ଭାରତର ଭବିଷ୍ୟତ ଶିଳ୍ପବିକାଶର ମୂଳଦୁଆର ସୂଚନା ଦେଇଯାଇଛନ୍ତି । ସେ କହିଥିଲେ—"ମୋତେ ମୋଟ କୁହ, ତନ୍ତୀ କୁହ, ବଡ଼େଇ କୁହ, ମୁଁ ଏହି ଜାତମାନଙ୍କର ପରଂପରାଗତ ବଦ୍ୟାର ପ୍ରସାର କରାଇବି; ଦେଶର ପ୍ରଚ୍ଛନ୍ନ ସମ୍ପଦକୁ ମ୍ଲେଚ୍ଛସମାଜର କଲ୍ୟାଣରେ ଲଗାଇବି ।"

୧୯୦୯ ଖ୍ରୀଷ୍ଟାବ୍ଦରେ ଯେତେବେଳେ ଓଡ଼ଶା ବଙ୍ଗପ୍ରଦେଶର ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ଶାସନାଧୀନରେ ଥିଲା, ସେତେବେଳେ ସେ ଭୂସଂସ୍କାର ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟରେ ପ୍ରଜାପ୍ରତିନଧି ସଭା ସ୍ଥାପନ କରି ଓଡ଼ଶାର ଗ୍ରାମେ ଗ୍ରାମେ ସଭା ବସାଇ, ସଭ୍ୟ ସଂଗ୍ରହ କରାଇ ପ୍ରତିନଧି ବାଛି ଗଣତନ୍ତ୍ର ଶାସନର ମୂଳଦୁଆ ପକାଇଥିଲେ । ଏହାର ବହୁଦିନ ପରେ ବ୍ରିଟିଶ ଶାସକମାନେ ଆଂଶିକଭାବରେ ସେହି ଅଧିକାର ଏ ଦେଶରେ ପ୍ରବର୍ତ୍ତନ କଲେ ।

ଆମର ଏ ସାମାନ୍ୟ ଭୂଖଣ୍ଡରେ ମଧୁବାବୁ ଜାତିୟ ଉନ୍ନୟନର ଭିତ୍ତି ସ୍ଥାପନ କରିଯାଇଛନ୍ତି । ମଧୁସୂଦନ ସଂକୀର୍ଣ୍ଣ ଓଡ଼ିଆ ନ ଥିଲେ; ସେ ଜଣେ ସର୍ବଭାରତୀୟ ଜାତିୟବାଦୀ । ପ୍ରଥମ ମହାସମର ସମୟରେ ସେ ଭାରତବର୍ଷର ତତ୍କାଳୀନ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଦସ୍ୟ ଥାଇ ଯେଉଁ ବକ୍ତୃତାମାନ ଦେଇଥିଲେ, ସେଥିରେ ସେ ଭାରତବାସୀଙ୍କୁ ଆହ୍ୱାନ ଦେଇଥିଲେ ଯେ ଜର୍ମାନୀ ଆସି ଭାରତ ଆକ୍ରମଣ କଲେ ଭାରତବାସୀ ଏକଯୁଟ ହୋଇ ଭାରତର ଅଖଣ୍ଡତା ରକ୍ଷା କରିବେ । "ଭାରତର ମାଲିକ ଭାରତବାସୀ"—ଏ ଉକ୍ତିକୁ ତତ୍କାଳୀନ ବଡ଼ଲାଟ ଚେମସ୍‌ଫୋର୍ଡ଼ ସମର୍ଥନ କରିଥିଲେ । ସେ ୧୮୮୭ରୁ ୧୯୦୩ ମସିହା ପର୍ଯ୍ୟନ୍ତ ସତର ବର୍ଷକାଳ ତତ୍କାଳୀନ ମହାଭାରତୀୟ ଜାତିୟ କଂଗ୍ରେସରେ ଯୋଗଦେଇ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ଏହା ଓଡ଼ଶାବାସୀ ଭୁଲିଯାଇଛନ୍ତି । ୧୯୦୩ରେ ସେ

Digitized by srujanika@gmail.com

ଦେଖିଥିଲେ ଯେ ଘରଓଡ଼ର ପ୍ରଭାବଶାଳୀ ଓ ପ୍ରଚ୍ଛପତ୍ତିଶାଳୀ ପ୍ରଦେଶମାନଙ୍କର ନେତୃବର୍ଗ ଓଡ଼ିଶାର ସ୍ୱାଭନ୍ତ୍ର୍ୟ ସ୍ୱୀକାର କଲେ ନାହିଁ; ପରନ୍ତୁ ଦେଶମିଶ୍ରଣରେ ବାଧା ସୃଷ୍ଟି କରାଇଲେ । ସେ ଚଉଣ୍ଡୁ ଜାଙ୍ଗପ୍ଲ କଂଗ୍ରେସପର ଏକ ବରାଟ ଅନୁଷ୍ଠାନ ଗୁଡ଼ ଓଡ଼ଶାର ସ୍ୱାଧୀନ ବକାଶ ପାଇଁ ସ୍ୱତନ୍ତ୍ର ଅନୁଷ୍ଠାନ ଗଡ଼ିଲେ । ସେହ୍ନ ବର୍ଷ ଯେତେବେଳେ ସେ ଦେଶିଲେ ବଙ୍ଗ ପ୍ରାଦେଶିକ ସମ୍ମିଳନୀର ଅଧିବେଶନ କଟକରେ ବସିବାର ସ୍ଥିର ହେଲା, ତାଙ୍କର ଆଶଙ୍କା ହେଲା ଯେ ଯେଉଁ ବଙ୍ଗାଲୀମାନେ କହିଆସୁଥିଲେ "ଉଡ଼ିଆ ସ୍ୱତନ୍ତ୍ର ଭାଷା ନଯୁଁ" ସେହ୍ନମାନେ ବଙ୍ଗଭଙ୍ଗକ୍ଷେତ୍ରରେ ଓଡ଼ଶାର ସମ୍ମକୁ ପୂର୍ଣ୍ଣପୂର୍ଣ୍ଣ ବଙ୍ଗ ପ୍ରଦେଶ ମଧ୍ୟରେ ଲୋପ କରାଇଦେବେ । ଏହ୍ନ ଧକ୍କା ତାଙ୍କ ଦେହ୍ନରେ ବାଜିବାରୁ ସେ ଉତ୍କଳମାତାର ସ୍ୱପ୍ନ ଦେଖିଲେ—'ସମ୍ମିଳନୀ'ର ମଞ୍ଚି ଭୋଙ୍ଗିଲେ । 'ସାଇମନ କମିଶନ' ଆଗରେ ସେ ୧୯୬୮ ସାଲ୍‌ରେ ଏକ ସ୍ୱତନ୍ତ୍ର ସ୍ମାରକ-ପତ୍ର ଦେଇ ଓଡ଼ିଶାକୁ 'ଘରଓଡ଼ର ପୁଣ୍ୟଭୂମି' ଆଖ୍ୟା ଦେଇଥିଲେ ଓ ସାଇମନ କମିଶନ ତାଙ୍କ ରପୋର୍ଟରେ ଓଡ଼ିଶାକୁ ମଧ୍ୟ ସେହ୍ନଭାବରେ ବର୍ଣ୍ଣନା କରିଥିଲେ । ସେ କହୁଥିଲେ—'ମୁଁ ଘରଓଡ଼କୁ କମ୍ ଭଲ ପାଏ ନାହିଁ; ମାତ୍ର ଓଡ଼ଶାକୁ ଅଧିକ ଭଲପାଏ ।" ଏ ସମ୍ପର୍କରେ ସେ ଇଂରାଜୀ କବି ଲର୍ଡ ବାଇରନ୍‌ଙ୍କ ଲେଖା ଉଦ୍ଧାର କରିଥିଲେ—"ମୁଁ ମଣିଷକୁ କମ୍ ଭଲ ପାଏ ନାହିଁ; କନ୍ତୁ ପ୍ରକୃତିକୁ ଅଧିକ ଭଲ ପାଏ ।" କବିବର ରାଧାନାଥ ତାଙ୍କ 'ଚଲକା'ରେ ଲେଖିଗଲେ—

"ଦେଖା ସାଣାପାଣି କେଉଁ ପାପଫଳେ
କରୁଣା ତୋହ୍ନର ଉଣା ଏ ଉତ୍କଳେ ।" ଇତ୍ୟାଦି ଇତ୍ୟାଦି ।

ମଧୁବାବୁ ଏ ଲେଖାର ବଡ଼ ସମାଲୋଚକ ଥିଲେ । ସେ ଥରେ ହାଇକୋର୍ଟ ବାର୍ ଲାଇବ୍ରେରୀରେ କହିପକାଇଲେ, "ମୁଁ ଯେବେ ଭଲ କବି ହୋଇଥାନ୍ତି, ତେବେ ଲେଖନ୍ତି—

"ଦେଖା ସାଣାପାଣି କେଉଁ ପୁଣ୍ୟଫଳେ
କରୁଣା ସଦା ତୁ ଢାଳୁ ଏ ଉତ୍କଳେ ।
ସ୍ୱଭାବେ ଉତ୍କଳ ଶୋଭାର ନିଧାନ
ତହିଁ ଏ ଶୋଭାରେ ତୋର ଅଧିସ୍ଥାନ
ଯୋଗୁଁ ସିନା ମାତା ହୋଇଛୁ ସୁବେଶା
ମର୍ତ୍ତ୍ୟ ବୈକୁଣ୍ଠର ଲଭିଅଛୁ ଦଶା ।

Digitized by srujanika@gmail.com

ପୁଣ୍ୟ ବୈତରଣୀ ବଖ୍ୟାତ ଜଗତେ
ବ୍ୟାସ ତାଡ଼ା ଋଷି ନ ପାରନ୍ତେ ଗୁପ୍ତେ ।
ଭୃଗୁମୁନି ଚପେ ପବନ ମହେନ୍ଦ୍ର,
ଗିରି-ସମାଜରେ ବୋଲ୍ଲଏ ସେ ଇନ୍ଦ୍ର ।
ଚଳକା ଅଂଶୁପା ଲୋକେ ଅଗୋଚର
ଶ୍ରଦ୍ଧାସ୍ପଦ ତାକୁ କଲେ କବିବର ।"

ଆଜ ଚୀନ ଓ ପାକସ୍ତାନ ଆକ୍ରମଣ ଫଳରେ ଦେଶରେ ଦେଶାତ୍ମବୋଧ-ମୂଳକ କବିତା ଲେଖାଯାଉଅଛୁ । କନ୍ତୁ ମଧୁବାବୁଙ୍କ ଜାତିପ୍ରାଣମୂଳକ କେତୋଟି କବିତା ସବୁ କାଳ ଓ ସବୁ ଯୁଗପାଇଁ ଇତିହାସର ପୋଥିପତ୍ରରେ ଲେଖାହୋଇ ରହିଯାଇଛୁ । ତାର ସମସାମୟିକ ଓ ସାଂପ୍ରକାଳିକ ମୂଲ୍ୟବୋଧ ଚନ୍ତାର ଗଭୀରତା, ପ୍ରକାଶଭଂଗୀର ସାବଲୀଳତା, ଗାମ୍ଭୀର୍ଯ୍ୟ ଓ ପ୍ରାଣପ୍ରାଚୁର୍ଯ୍ୟରେ ଉଜ୍ଜ୍ୱଳ ହୋଇ ରହିସାଇଅଛୁ—

"ଜାତି ଇତିହାସ ଜାତିର ନଈର
ତହିଁ ବହେ ସଦା ଜାତିପ୍ରାଣଧାର ।
ସେ ଧାରରୁ ନୀର ପିଇଛୁ ଯେ ନର
ନଶ୍ବର ହେବ ସେ ନୁହେ କମିଂକାର ।
କଳକଳ ନାଦେ ଛୁଟିଛୁ ସେ ଧାର
ଜାଗ୍ରତ କାରତ ଗାଇ ନିରନ୍ତର ।
ଘୃଣା କାରତର ହୃଦପ୍ରେ ନାଚୁଛୁ
ଯେପ୍ନେ ସିନ୍ଧୁ ନାଚେ ରତ୍ନାକର ଦେଶି ।"

ମଧୁବାବୁଙ୍କ ଜୀବନ ଦେଶାତ୍ମବୋଧରେ ଗଭୀର ଅନୁପ୍ରାଣିତ ହୋଇଥିଲ, ତାହା ତାଙ୍କର ନିମ୍ନଲିଖିତ କବିତାରେ ସୁସ୍ପଷ୍ଟ ହୋଇଅଛୁ—

"ଜାତି-ପ୍ରେମବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦଅ ଆହୁତି,
ସ୍ୱାର୍ଥମେଧସଜ୍ଞେ ଘୁରଆଡ଼େ ନାଚ
ଛାତିକୁ ମିଶାଇ ଛାତି ।"

Digitized by srujanika@gmail.com

—ଏ ଖାଲି ତାଙ୍କର କହିବା କଥା ନୁହେଁ । ଏହା ତାଙ୍କ ଜୀବନର ସବୁଠାରୁ ବଳ ବଡ଼ ଆଦର୍ଶ ଥିଲା । ବସ୍ତୁତଃ ଜୀବନକୁ ସେ ଏହିଭଳିରେ ହିଁ ଦେଖିଥିଲେ । ଏହି କବିତା ସେହି ମହାନ୍ ତ୍ୟାଗପୂତ ଓ ସାଧନଧର୍ମୀ ଜୀବନର ପ୍ରକାଶ ମାତ୍ର ।

ମହାତ୍ମା ଗାନ୍ଧୀ ଯେତେବେଳେ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ ଚଳାଇଲେ, ସେତେବେଳେ ବିହାର-ଓଡ଼ିଶା ବିଧାନସଭାର ପ୍ରଥମ ମନ୍ତ୍ରୀତ୍ୱ ସେ ଗ୍ରହଣ କରିଥିବାରୁ ଲୋକେ ତାଙ୍କୁ ସମାଲୋଚନା କରିଥିଲେ । ସେ ଉଦାରପନ୍ଥୀ ଥିଲେ; ଉଗ୍ରପନ୍ଥୀ ନ ଥିଲେ । ଦେଖିବାକୁ ହେବ, ସେତେବେଳେ ତାଙ୍କ ବୟସ ୭୩ବର୍ଷ । ତାଙ୍କର ବିଶ୍ୱାସ ଥିଲା ଯେ ବ୍ରିଟିଶ ଲୋକେ ପାହାଚ ପାହାଚ କରି ସ୍ୱାୟତ୍ତଶାସନ ଦେଇ ସମୟରେ ପୂର୍ଣ୍ଣ ସ୍ୱାଧୀନତା ଦେଇଯିବେ । ତଥାପି ୧୯୨୨ରେ ସେ ମନ୍ତ୍ରୀପଦ ତ୍ୟାଗ କରି ଗାନ୍ଧିଜୀଙ୍କ ଆଦର୍ଶରେ ଜଦ୍‌ବୁଦ୍ଧ ହୋଇଥିଲେ । ଗାନ୍ଧୀଙ୍କୁ ନିମନ୍ତ୍ରଣ କରି ଆଣି ନିଜ ଘରେ ଅତିଥିରୂପେ ରଖାଇ ଶିଳ୍ପପ୍ରସାର ବିଷୟରେ ଆଲୋଚନା କରିଥିଲେ । ଘଟଣାକ୍ରମେ ଦ୍ୱିତୀୟ ପୃଥିବୀ ମହାଯୁଦ୍ଧ ହେଲା ଓ ବ୍ରିଟିଶମାନେ ଏ ଦେଶ ଛାଡ଼ିପିବାକୁ ମଧ୍ୟ ବାଧ ହେଲେ । କଥା ପ୍ରସଙ୍ଗରେ ମଧୁବାବୁ କହିଥିଲେ—"ଚଟ୍ଟରେ ମାଙ୍କଡ ବସି ଫଳ ଖାଉଛି । ତାକୁ ଭୁଣ୍ଡରେ ଦୁରୁଡ଼ାଇ ଯା ଯା କହିଲେ ସେ ପିବ ନାହିଁ । ଯେତେବେଳେ ବାଟୁଳି-ଖଡ଼ାର ବାଟୁଳ ତା' ଦେହରେ ବାଜିବ, ସେ ଗଛ ଛାଡ଼ି ପଳାଇବ । ସେହିପରି ବ୍ରିଟିଶଜାତିକୁ ଭୁଣ୍ଡ-ଆନ୍ଦୋଳନ ପ୍ରସ୍ତାବରେ ଚଢ଼ିବେ ନାହିଁ । ତାଙ୍କ ଦେହରେ ଆଘାତ ଲାଗିବାଭଳି କାମ କଲେ ସେ ତେଣ୍ଟବେ ଓ ଏ ଦେଶ ଛାଡ଼ି ପଳାଇବେ ।" ଏ କଥାର ତାତ୍ପର୍ଯ୍ୟ ପାଠକମାନେ ସହଜରେ ହୃଦୟଙ୍ଗମ କରିପାରିବେ ।

ମଧୁବାବୁ ଏକ ବିରାଟ ବ୍ୟକ୍ତି ଓ ଏକ ବିଶାଳ ଅନୁଷ୍ଠାନ ଥିଲେ । ସେ ୮୭ ବର୍ଷ ବଞ୍ଚିଥିଲେ । ୧୬ବର୍ଷ ବୟସରେ କଟକରୁ ଏଣ୍ଟ୍ରାନ୍ସ ପାଶ୍ କରି ନ'ଅଙ୍କ ଦୁର୍ଭିକ୍ଷ ସମୟରେ ୧୮୬୬ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଛାଡ଼ି କଲିକତା ଗଲେ । ସେଠାରେ ସେ ଷୋଡ଼ଳବର୍ଷ ରହି ଓଡ଼ିଶା ଫେରି ୧୮୮୬ରୁ ୧୯୩୪ପର୍ଯ୍ୟନ୍ତ ଅର୍ଦ୍ଧ-ଶତାବ୍ଦୀରୁ ଅଧିକ କାଳ କର୍ମମୟ ତ୍ୟାଗପୂତ ଜୀବନ-ଯାପନ କରି ଓଡ଼ିଆ ଜାତିକୁ ଗଢ଼ିଲେ । ରାଜାରାଜୁଡା ଓ ଜମିଦାରମାନଙ୍କୁ

Digitized by srujanika@gmail.com

ସାଧାରଣଙ୍କ ସହଜ ମିଶାଇ ନୂତନ ଓଡ଼ିଶା ଗଠନର ସୂତ୍ରପାତ କଲେ । ଯୀଶୁଖ୍ରୀଷ୍ଟ ଯେପରି ତାଙ୍କ ଜୀବନରେ ୧୩ ବର୍ଷରୁ ୨୯ ବର୍ଷ ପ୍ରାପ୍ତ ଷୋହଳ ବର୍ଷକାଳ ଅନ୍ଧକାରରେ ଥିଲେ, ମଧୁବାବୁ ସେହିପରି ଷୋହଳବର୍ଷ କଲିକତାରେ କଟାଇ ଜାତୀୟ ଜୀବନ ଗଢ଼ିବା ପାଇଁ ମଧ୍ୟ ମାନସିକ ଓ ନୈତିକ ସମ୍ବଳ ସଂଗ୍ରହ କରୁଥିଲେ ।

ତାଙ୍କୁ ତାଙ୍କ ଧର୍ମମତ ସଂପର୍କରେ ପଚାରିବାରେ ସେ ଏଭଳି କହୁଥିଲେ ଯେ ମୁଁ **Christ**ଙ୍କ **Follower, କନ୍ତୁ Churchian** ନୁହେଁ । ଅର୍ଥାତ୍ ସେ ଗୀର୍ଜାଭକ୍ତ ନୁହଁନ୍ତି, କନ୍ତୁ ଯୀଶୁଖ୍ରୀଷ୍ଟଙ୍କ ବାଣୀଦ୍ୱାରା ଆକୃଷ୍ଟ । ତାଙ୍କର ଧର୍ମ ସମ୍ବନ୍ଧରେ ଉଦାର ଘୃବ ଥିଲା । ତାଙ୍କୁ ଖ୍ରୀଷ୍ଟୀୟାନ ବୋଲି କହିବାରେ ଯେଉଁକ ତାତ୍ପର୍ଯ୍ୟ ଥିଲା, ଜଣେ ହିନ୍ଦୁ କହିବାରେ ମଧ୍ୟ ସେଉଁକ ଯୁକ୍ତି ଥିଲା । ପୁରୀ ଜଗନ୍ନାଥ ମନ୍ଦିର (ଯାହା କି ହିନ୍ଦୁ ଜାତିର ଶ୍ରେଷ୍ଠ ଦେବାଳୟ) ମକଦ୍ଦମାରେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ସେ କଲିକତା ପ୍ରିଭି-କାଉନ୍ସିଲକୁ ଯାଇଥିଲେ ।

ମଧୁବାବୁଙ୍କ ସଂସ୍ପର୍ଶରେ ଅନେକ କଥା ଲେଖାଯାଇପାରେ । ତାଙ୍କର ଯେତେ ବକ୍ତୃତାସବୁ ସମ୍ମିଳନୀ ବକ୍ତରଣୀରେ ଅଛି ଏବଂ ବଙ୍ଗ, ବିହାର ଓ କେନ୍ଦ୍ର ବ୍ୟବସ୍ଥାପକ ସଭାର ପଚିଶ ବର୍ଷର ବକ୍ତରଣୀ ଗୁଡ଼ିକରେ ଅଛି, ସେସବୁ ସଂଗ୍ରହ କରି ଆଲୋଚନା କଲେ ମହାଗ୍ରନ୍ଥ ପରି ଏକ ବିଶାଳ ଗ୍ରନ୍ଥ ହୋଇପାରିବ । ତା'ଛଡ଼ା ସାଧାରଣ ସଭା-ସମିତିମାନଙ୍କରେ ସେ ଯାହା ଯାହା କହିଛନ୍ତି ଓ ସ୍ମାରକପତ୍ରଗୁଡ଼ିକରେ ଯାହା ଯାହା ଲେଖିଛନ୍ତି, ସେସବୁ ବହୁତ ଉପାଦାନ ଯୋଗାଇବ । ଦୁଃଖର କଥା ଯେ ସେସବୁ ଏପର୍ଯ୍ୟନ୍ତ କୌଣସି ସରକାରୀ ବା ବେସରକାରୀ ଉଦ୍ୟମରେ ସଂଗୃହୀତ ହୋଇପାରିନାହିଁ ।

ମୋଟ ଉପରେ ମଧୁବାବୁ ଜଣେ ସ୍ୱାଧୀନଚେତା, ଉଦାରଚେତା ରାଜନୈତିକ, ଜାତିର ସଂଗଠକ ଓ ମହାନ୍ ତ୍ୟାଗୀ ପୁରୁଷ ଥିଲେ । ଏ ଜାତିର ଜଣେ ମହାନ୍ ସିପାହୀଭିତରେ ଇତିହାସ କାଳକାଳକୁ ତାଙ୍କ ନାମର ଜୟଜୟକାର କରିବ । ଆଜି ଘରତ ଉପରେ ଯେଉଁ ବିପଦ ଓ ଆଶଙ୍କା ଦେଖାଦେଇଛି, ତାକୁ ଦୂର କରିବାକୁ ଏଭଳି ମହାପୁରୁଷଙ୍କ ବ୍ୟକ୍ତିତ୍ୱ ଓ ବାଣୀ ଆମ୍ଭମାନଙ୍କର ପଥ-ପ୍ରଦର୍ଶକ ହେଉ ।

Digitized by srujanika@gmail.com

ମଧୁବାବୁ.....
.....ଏକ ରାଜନୈତିକ ଅଧ୍ୟୟନ

ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ

ମଧୁବାବୁ ଓଡ଼ିଶାର ଏକ ଦୁର୍ଦ୍ଦିନତମ ମୁହୂର୍ତ୍ତରେ ଜନ୍ମଲାଭ କରିଥିଲେ । ସେତେବେଳେ ଇଂରେଜ ସାମ୍ରାଜ୍ୟର ସୂର୍ଯ୍ୟ ଗ୍ରହଚ୍ଛ-ଆକାଶର ପ୍ରଥମ ବଳୟରେ ଅଧିଷ୍ଠିତ । ପୁନଶ୍ଚ ଓଡ଼ିଶା ବୋଲି ଏକ ଗ୍ରଷାଗ୍ରଷୀ ଅଞ୍ଚଳ ଥିଲେ ମଧ୍ୟ ତାର ଭୌଗୋଳିକ ସ୍ୱତନ୍ତ୍ର ସତ୍ତା କିଛି ନ ଥିଲା । ଅବଶ୍ୟ ଦୂର ଅତୀତରେ ସୂର୍ଯ୍ୟବଂଶ, ଗଙ୍ଗବଂଶ ରାଜାମାନଙ୍କଦ୍ୱାରା ଓଡ଼ିଶାର ସୀମା ଉତ୍ତରରେ ଗଙ୍ଗାନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଏପରକି ଓଡ଼ଶାର ସମ୍ରାଟ୍‌ମାନେ ବାରମ୍ବାର ଉତ୍ତର ଓ ଉତ୍ତର-ପଶ୍ଚିମର ମୁସଲମାନ ରାଜାମାନଙ୍କୁ ପରାଜିତ କରି ସେମାନଙ୍କୁ ଗଙ୍ଗାନଦୀ ପରପାରପର୍ଯ୍ୟନ୍ତ ତଡ଼ି ଦେଉଥିଲେ; ନଚେତ୍ ଆଜିର କଲିକତା ସମେତ ପଶ୍ଚିମବଙ୍ଗ, ପୂର୍ବବଙ୍ଗ ପରି ମଧ୍ୟ ମୁସଲମାନ-ଅଧ୍ୟୁଷିତ ଅଞ୍ଚଳ ହୋଇ ରହିଥା'ନ୍ତା । ଏ ଐତିହାସିକ ସତ୍ୟତା କଳୁ ଜ୍ଞନବଂଶ ଶତାବ୍ଦୀର ଚରମ ଦୁର୍ଭାଗ୍ୟକୁ ସ୍ମରଣ କବରରୁ ଉପହାସ କରୁଥିଲା । ଏହି ସମୟରେ ଓଡ଼ିଶା ଦୁଇଟି ଵପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା—ଗୋଟିଏ ୧୮୬୬ର ନ'ଅଙ୍କ ଦୁର୍ଭିକ୍ଷ । ଏଥିରେ ଏ ଦେଶର ସାମାଜିକ ସ୍ଥିତି ଵପନ୍ନ ହେଲା ଓ ଆର୍ଥନୈତିକ ମାନଦଣ୍ଡ ସମ୍ପୂର୍ଣ୍ଣ ଭୂଷୁଡ଼ି ପଡିଥିଲା । ଏକ ପ୍ରାକୃତିକ ଵପତ୍ତି ଏ ଦେଶର ଜାତୀୟ ଜୀବନକୁ ତଳତଳାନ୍ତ କରିଦେଲା । ତା'ପରେ ବଙ୍ଗ ଏବଂ ଉତ୍କଳର ବଦ୍ଧବନର ସ୍ୱାଂସ୍କୃତିକ ସମ୍ପର୍କକୁ ବଚ୍ଛିନ୍ନ କରି ଏହି ସମୟରେ ଓଡ଼ିଆ ଗ୍ରଷା ଉପରେ ବଙ୍ଗଦେଶରୁ ଏକ ଅଭିଯାନମୂଳକ ଆକ୍ରମଣ ଆରମ୍ଭ ହୋଇଥିଲା । ଓଡ଼ିଶାରେ କର୍ମସଂସ୍ଥାନ କରିଥିବା କତ୍ତ ବଂଗୀୟ ଭଦ୍ରଲୋକ ଏ ଚକ୍ରାନ୍ତରେ ଭାଗୀଦାର ଥିଲେ ଏବଂ ଓଡ଼ିଶାର ସାଧାରଣ ଜନଜୀବନ ଏହା ଫଳରେ ଗଭୀର ପ୍ରମାଦର ସମ୍ମୁଖୀନ ହୋଇଥିଲା । ଏସବୁ ମଧୁବାବୁ ଗଭୀର ଷୋଭ ଓ ଅନୁଧ୍ୟାନର ସହିତ ଅନୁଭବ କରି ପ୍ରତିକାର ଚନ୍ତା କରୁଥିଲେ ।

Digitized by srujanika@gmail.com

ଉନବିଂଶ ଶତାବ୍ଦୀର ଶେଷ ଦୁଇ ଦଶକ ଓଡ଼ିଶା ପାଇଁ ଜାଗରଣ ଅଭ୍ୟୁତ୍‌ଥାନ ଓ ଆତ୍ମପ୍ରତିଷ୍ଠାର ସମୟ ଥିଲା । ଧ୍ରୁବଗୁଜ୍ୟରେ, ଚନ୍ଦ୍ରା ସେଙ୍ଗରେ, ଆର୍ଥମାନ୍ତିକ ଉଦ୍ୟମରେ ଓ ସାମାଜିକ ଜୀବନରେ—ସବୁଆଡ଼େ ଏକ ପରିବର୍ତ୍ତନ ଓ ଚଞ୍ଚଳତା ଉପଲବ୍ଧି କରାଗଲା । କର୍ମଯୋଗୀ ଗୌରୀଶଙ୍କର, ଫକୀରମୋହନ, ରାଧାନାଥ, ନନ୍ଦକିଶୋର, ମଧୁସୂଦନ, ବିଶ୍ୱନାଥ କର ଆଦି ସାଧକମାନେ ଏହି ଚନ୍ଦ୍ରାଗୁଜ୍ୟରେ ଆଲୋଡ଼ନ ସୃଷ୍ଟି କଲେ—ଓଡ଼ିଶାର ସାଧାରଣ ଜନତାର ମନରେ ଗଭୀର ପ୍ରତ୍ୟୟ ଆଣିଦେଲେ ।

ଏହି ସମୟରେ ମଧୁବାବୁ ଥିଲେ ଓଡ଼ିଶାର ପ୍ରକୃତ ଜନନେତା । କେବଳ ଧ୍ରୁବଗୁଜ୍ୟରେ ନୁହେଁ, ସମାଜ ଓ ଅର୍ଥମାନ୍ତରେ ଭୁମୂଳ ପରିବର୍ତ୍ତନ ଆଣି ମଧୁବାବୁ ଏକ ପୂର୍ଣ୍ଣାଙ୍ଗ ଉଜ୍ଜଳର ପରିକଳ୍ପନା କଲେ । ପରେ ସେ ବନ୍ଧୁ, ସହଗାମୀ ଓ ସମମର୍ମୀ ହୃଦୟରେ ଗୋପବନ୍ଧୁଙ୍କୁ ପାଇଲେ । ଉଭୟ ଥିଲେ ଏହି ଦୃଢ଼ଚେତନ ନିସ୍ପନ୍ଦ ଜାତିପାଇଁ ଦୁଇଟି ଦୀପ୍ତ ଆଲୋକ-ରେଖା । ଜଣେ ମରମୀ ଦରଦୀ ବନ୍ଧୁ ସାଧାରଣ ମଣିଷର, ପ୍ରାଣର ଅନ୍ତରଙ୍ଗ କାହାଣୀ—ଗୋପବନ୍ଧୁ । ଆଉ ଜଣେ ଗଭୀର ଆତ୍ମପ୍ରତ୍ୟୟର, ନିର୍ଭୀକ ମୀମାଂସା-ଆତ୍ମଜ୍ଞାନ, ଦୈନ୍ୟରୁ ଉତ୍ତୀର୍ଣ୍ଣରେ ଓଡ଼ିଆ ଜାତିର ଶାଶ୍ୱତର ଗାଥା—ମଧୁବାବୁ । ଗାଲ୍‌ମାଧବ ବସ୍ତୁତର ଅତଳଗର୍ଭରୁ ଏ ଜାତିର ବଡ଼ଦେଉଳ ଉଦ୍ଧାର କଲାପରି ଏମାନେ ଜଡ଼ତାଗ୍ରସ୍ତ, ହତପ୍ରାଣ, ନିରୁଦ୍‌ବେଗ ଓଡ଼ିଆପ୍ରାଣରେ ପ୍ରଚୁର ଉନ୍ମାଦନା, ଗଭୀର ଜୀବନବୋଧ ଆଣିଦେଲେ । ଜଣେ କୁଳ କୁଳ ସମାଜଶିବରରେ ଜାଗୃତ ଓ ପ୍ରସୁପ୍ତର ଗାନ ଶୁଣାଇଲେ, ଆଉ ଜଣେ ନୂତନ ଓଡ଼ିଶା ପରିକଳ୍ପନାରେ ଶିଳ୍ପସମୃଦ୍ଧ ଆତ୍ମନିର୍ଭରଶୀଳ ଏକ ଦୁର୍ବିନୀତ ଜାତି ଗଢ଼ିବାରେ ଆତ୍ମାହୁତି ଉଦ୍ୟମ କଲେ ।

ମଧୁବାବୁଙ୍କ 'ଉତ୍କଳ ସମ୍ମିଳନୀ' (୧୯୦୩)ର ପ୍ରତିଷ୍ଠା ଓଡ଼ିଶା ପାଇଁ ଏକ ଯଥାର୍ଥ ରାଜନୈତିକ ପଦକ୍ଷେପ । କବି ଗୋଷ୍ଠୀ ଓ ବଉଳ ଜୀବନଧାରୀର ଲୋକମାନଙ୍କର ଏହି ସମ୍ମିଳନୀ ସର୍ବପ୍ରଥମେ ଆନୁଷ୍ଠାନିକ ଧ୍ରୁବରେ ଏ ଦେଶର ସାମୁହିକ ସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ କଲା । ମଧୁବାବୁ ଥିଲେ ଏହି ମୂଲ୍ୟବୋଧର ସର୍ବଶ୍ରେଷ୍ଠ ଗୁରୁଣ । ଉତ୍କଳ ସମ୍ମିଳନୀ ମଣ୍ଡପରେ ଡାକ୍ତର ଚନ୍ଦ୍ରାଧାରୀ ଓ ଧ୍ରୁବୋଦ୍ଭୀପକ ଜାତିପ୍ରାଣମୂଳକ

Digitized by srujanika@gmail.com

କବିତାର ବଜ୍ରନର୍ଘୋଷ ଏ ଦେଶର ଲୋକଙ୍କ ମନରେ ଯୁଗପତ୍ ଆଲୋଡ଼ନ ଓ ଆକାଙ୍କ୍ଷା ସୃଷ୍ଟି କଲ । ସେ କହିଲେ—"ଏହି ସମ୍ମିଳନୀ ଜାତିପ୍ରାଣର ସିନ୍ଧୁପ୍ରାୟ । କୋଟି କୋଟି ଜନତାର ପ୍ରାଣବନ୍ଦୁର ପ୍ରବାହରେ ଏହାର ସୃଷ୍ଟି । ପ୍ରତ୍ୟେକ ଓଡ଼ିଆ ନଜର ପ୍ରାଣ (କର୍ମପ୍ରେରଣା, ବ୍ୟକ୍ତିଗତ ଉଦ୍ୟମ ଓ ସ୍ଥିତି)କୁ ଏଥିରେ ମିଶାଇ ମନ୍ତୁଆଳ ନହେଲେ ଜାତି ବଞ୍ଚିବନି ବା ତା'ର ସ୍ୱୀକୃତି ପାଇବନି । ବ୍ୟକ୍ତିଗତ ସ୍ୱାର୍ଥକୁ ଜାତି ଉଦ୍ଦେଶ୍ୟରେ ଆହୁତି ଦେଇ ପ୍ରାଣୋତ୍ସର୍ଗ ନହେଲେ ଏ ଜାତିର ଉତ୍ଥାନ ଅସମ୍ଭବ ।" ତେଣୁ ଭୂମିକମ୍ପ ପରି ଏକ ସାମାଜିକ ବିପ୍ଳବର ସେ ପରିକଳ୍ପନା କରିଥିଲେ । ଲୋକଙ୍କ ମନରୁ ଫକ୍କାଣ୍ଡିତା ଓ ସ୍ୱାର୍ଥପରତାକୁ ଦୂର କରି ଏକ ମହାଜାତିର ଅନୁପ୍ରାଣନରେ ଲମ୍ଫ ଦେବାକୁ ସେ ମାନ ଯେତୋଟି କବିତା ଲେଖିଥିଲେ, ସେ କବିତା ଏବେ ବି ଓଡ଼ିଆ ଜାତିର ଓ ସାହିତ୍ୟର ପୌରୁଣିକ ସମ୍ପତ୍ତି ହୋଇ ରହିଛନ୍ତି । ଜାତିପ୍ରାଣରେ ଗଭୀର ଆଶାବୋଧ ଓ ଦୁରନ୍ତ ପ୍ରତ୍ୟୟ ଆଣି ସେ ଲେଖିଲେ—

"ଘୋର-ପ୍ରସବନା କୋଟି ସୁତ ମାତା
ପାଇବ କି ଦରଶନ,
ମୋ ଭଲ ନଗୁଣ ଧନମାନଜ୍ଞାନ
ସନ୍ତାନ କଲେ ରୋଦନ ?"

—ଏ ପ୍ରଶ୍ନ ସେ ପ୍ରତ୍ୟେକ ଉତ୍କଳୀୟକୁ ପଚାରିଲେ ଓ ପ୍ରତ୍ୟେକ ଉତ୍କଳୀୟର ମନରେ ନିଜ ସ୍ଥିତି ଓ କୃତପ୍ରତ ସମ୍ବନ୍ଧ ଓ ସଚେତନତା ଆଣିଦେଲେ । ପରେ ଏହି ଚିନ୍ତାର ପରିବାହକ ହେଲେ ଏକ କଲସ୍ଥ ଜାତିପ୍ରବାହ। ଯୁଗର କର୍ଣ୍ଣଧାର ଗୋପବନ୍ଧୁ ଓ ତାଙ୍କ ତାତ୍ତ୍ୱିମପ୍ରାପ୍ତ ସତ୍ୟବାଦୀ ଜୀବନଦର୍ଶନର ଅନ୍ୟାନ୍ୟ ଆଲୋକପୁଞ୍ଜମାନେ ।

ଉତ୍କଳ ସମ୍ମିଳନୀର ଦ୍ୱିତୀୟ ରାଜନୈତିକ ପଦକ୍ଷେପ ହେଲ— ଘରୋଇ କଂଗ୍ରେସଠାରୁ ସ୍ୱତନ୍ତ୍ର ଆତ୍ମମୁଖ୍ୟ ନେଇ କେବଳ ଓଡ଼ିଶାର ସ୍ୱତନ୍ତ୍ରତାକୁ ଆଗିଆଗରେ ରଖି ଏହାକୁ ପରିଚାଳିତ କରିବା । ମଧୁବାବୁ ବୁଝିଥିଲେ, ଘରଭର ମୁକ୍ତ-ଆନ୍ଦୋଳନ କାମ୍ୟ ହେଲେ ମଧ୍ୟ ସେ ମହାସମୁଦ୍ରଗର୍ଭରେ ଝାସଦେବା ପୂର୍ବରୁ ଓଡ଼ିଶାର ସ୍ୱତନ୍ତ୍ର ସ୍ଥିତି

Digitized by srujanika@gmail.com

ଅତ୍ୟାବଶ୍ୟକ । ସେଥିପାଇଁ ତାଙ୍କ ପରିକଳ୍ପନାରେ ଓଡ଼ିଆ ଜାତି ଓ ଭାରତୀୟ ମହାଜାତି ଭିତରେ ପାର୍ଥକ୍ୟ ନଥିଲେ ମଧ୍ୟ ଏକ ଅସଲ ଗୁଜନୈତିକ ସୀମାରେଖା ଟଣାଯାଇଥିଲା । ଓଡ଼ିଶାର ମୁକ୍ତି-ଆନ୍ଦୋଳନ ଓ ଓଡ଼ିଆ ଜାତିର ଆଶା-ଆକାଙ୍କ୍ଷା ସମଗ୍ର ଭାରତୀୟ ଜାତିର ମୁକ୍ତି-ଆନ୍ଦୋଳନର ପରିପୂରକ ହେବ ବୋଲି ସେ ଘୋଷଣା କରି ସମସ୍ତ ଶକ୍ତି ଓ ଉଦ୍ୟମ ଓଡ଼ିଶା ଭିତରେ ସୀମାବଦ୍ଧ କରିଥିଲେ । ଏଥିପାଇଁ ଅତି ଚତୁରତାର ସହିତ ସେ ପ୍ରଥମେ ଓଡ଼ିଶାର ଗଡ଼ଜାତ ଅଞ୍ଚଳର ରାଜା-ମହାରାଜାମାନଙ୍କୁ ଏହି ଚନ୍ଦ୍ରାଧାରାରେ ସଂଘଟିତ କଲେ; ଏଥିରୁକି ମହାତ୍ମା ଗାନ୍ଧୀଙ୍କ 'ଅସହଯୋଗ' ଆନ୍ଦୋଳନର ଆହ୍ୱାନରେ ଗୋପବନ୍ଧୁ ଓ ଅନ୍ୟମାନେ ମଧୁବାବୁଙ୍କ ଚନ୍ଦ୍ରାଧାରାରୁ ଅଲଗା ହୋଇ କଂଗ୍ରେସରେ ଯୋଗ ଦେଇଥିଲେ ମଧ୍ୟ ମଧୁବାବୁ ନିଜ ନିଷ୍ପତ୍ତିରେ ଶେଷଯାଏ ସ୍ଥିର ଓ ଅବିଚଳିତ ଥିଲେ ।

ଭାରତରେ ସମସ୍ତ ଉତ୍କଳଭାଷୀ ଅଞ୍ଚଳ ସଙ୍ଗେ ସେଉଁମାନଙ୍କର ସ୍ୱାର୍ଥ ସ୍ଥାୟୀଭାବରେ ଜଡ଼ିତ, ସେମାନଙ୍କୁ ଓଡ଼ିଆ ପରିବର୍ତ୍ତେ ଉତ୍କଳୀୟ ନାମ ଦେଇ ମଧୁବାବୁ ଉତ୍କଳ ସମ୍ମିଳନୀକୁ ଆହ୍ୱାନ କଲେ । ଯଦିଓ ମଧୁବାବୁ ବଙ୍ଗଭାଷା-ଭାଷୀ କେତେକ ଲୋକଙ୍କ ଅଶ୍ଳୀତ ଅପକର୍ମପ୍ରତି ସଚେତନ ଥିଲେ; ତଥାପି ଏ ସମ୍ମିଳନୀ ପାଇଁ ଓଡ଼ିଶାରେ ବାସକରୁଥିବା ବଙ୍ଗାଳି, ମରହଟ୍ଟୀ, ବିହାରୀ, ତେଲୁଗୁ, ମାରୱାଡ଼ୀ, ମୁସଲମାନ, ଖ୍ରୀଷ୍ଟିୟାନ୍ ଆଦି ସମସ୍ତଙ୍କର ସହଯୋଗ କାମନା କରିବା ଏକ ବୀତିହାସିକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏହାଦ୍ୱାରା ସେ କେତେକ ବିରୋଧ ଶକ୍ତିକୁ ପରାହତ କରିପାରିଥିଲେ ଓ ସମସ୍ତଙ୍କୁ ସଭ୍ୟତାବରେ ଗ୍ରହଣ କରି ନିଜ ଦାବିକୁ ଆନ୍ତର ବଳସ୍ୱରୂପରେ ଉପସ୍ଥାପିତ କରିପାରିଥିଲେ ।

ଏ ଚନ୍ଦ୍ରାଧାରାର ଆବହ ପରେ ୧୯୦୭ ମସିହାରେ ସେ ବମ୍ବଇ ଯାଇ ସେଠାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକୀକରଣ ଓ ଶିଳ୍ପର ବିକାଶ ଦାବି କରି ବମ୍ବେ ସ୍ଥଳରେ ବକ୍ତୃତାଚ୍ଛଳରେ ଇଂରେଜମାନଙ୍କ ମନରେ ନୈତିକ ଚାପ ପକାଇପାରିଥିଲେ । ଏପରିକି ଲର୍ଡ କର୍ଜନ, ମର୍ଲେ ମିଣ୍ଟୋ ଓ ଚେମ୍ସଫୋର୍ଡଙ୍କ ସହିତ ଏଥିପାଇଁ ତାଙ୍କର ବହୁ ଯୁକ୍ତିତର୍କ ହୋଇଥିଲା । ଶେଷରେ ଓ'ଡ଼ନେଲ କମିଟିରେ ଓଡ଼ିଆ ଜାତିର ପ୍ରତିନିଧି-

Digitized by srujanika@gmail.com

ରୂପେ ସେ ଏ ଦେଶର ଓ ଜାତିର ଦାବୀ ନର୍ଥ୍ରକବ୍ରୁକଠାରେ ବ୍ୟକ୍ତ କରିଥିଲେ ଓ ପରିଶେଷରେ ସାର୍ ଜନ୍ ହବାକ୍‌ଙ୍କ ସଭାପତିତ୍ୱରେ ପ୍ରତିଷ୍ଠିତ ନବ ଓଡ଼ିଶା ପ୍ରଦେଶ ଶାସନ କମିଟିରେ ମଧ୍ୟ ବଶିଷ୍ଟ ସଭ୍ୟରୂପେ ନିଜର ଚିନ୍ତାଧାରାକୁ ଉପସ୍ଥାପିତ କରିଥିଲେ ।

ଏକ ଚିନ୍ତା ଓ ଏକ ଲକ୍ଷ୍ୟରେ ସବୁଠାରେ ଏହି ମହାନ୍ ଓଡ଼ିଆର ଆତ୍ମା ଏ ଦେଶର ସ୍ୱାର୍ଥ ପାଇଁ କାମ କରୁଥିଲା । ନିଜର ଓଜସ୍ୱିନୀ ବକ୍ତବ୍ୟରେ, ବମ୍ବାର-ଓଡ଼ିଶା ଶାସନ ପରିଷଦର ପ୍ରତିନିଧିତ୍ୱରେ, କବିତା ଲେଖି ମାନସିକ ଆଲୋଡ଼ନ ଆଣିବାରେ, ପ୍ରତ୍ୟୁତ୍ପନ୍ନମତିତାରେ ଓ ଓକିଲ ଭାବରେ ଓଡ଼ିଶାର ସ୍ୱାର୍ଥ ପାଇଁ ବିଭିନ୍ନ ସ୍ଥାନରେ ଲଢ଼ିବାରେ—ସବୁ ସ୍ଥାନରେ ଦୀର୍ଘ ୫୦ ବର୍ଷ ପାଇଁ ସେ ଏ ଦେଶର ଏକ ବଳିଷ୍ଠ ରାଜନୈତିକ ପ୍ରତିନିଧିତ୍ୱ କରିପାରିଥିଲେ । ନର୍ଥ୍ରକ, ଅକ୍ସଫୋର୍ଡ଼ୟ, ଅମାର୍ଥିକ, ଉତ୍କଳସଭା ଭାବରେ ମଧ୍ୟ ଏ ଦେଶ ପାଇଁ ସେ ହମେ କମ୍ବଦନ୍ତୀ ଓ ଇତିହାସରେ ପରିଣତ ହୋଇଗଲେ । 'ମଧୁବାବୁ' କହିଲେ ଓଡ଼ିଶା ବୁଝାଇଲା ଓ କେଉଁ ଦୁଃସମ୍ବପ୍ନ ଖାରବେଳ-ଅଶୋକଙ୍କ [illegible] ଯୁଗରୁ ଐତିହାସିକ ଗୌରବ ଏହି ସାରଆତ୍ମା ପାଇଁ ଓଡ଼ିଶା ପୁଣି ଦାବୀକରି ବସିଲା । ମଧୁବାବୁଙ୍କ ଶ୍ରମ ସାର୍ଥକ ହେଲା । ଅବଶ୍ୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୂର୍ବରୁ ସେ ଦେହତ୍ୟାଗ କଲେ; ତଥାପି ତାଙ୍କ ବ୍ୟକ୍ତିତ୍ୱର ଅମର ସତ୍ତ୍ୱ ଉପରେ ଜାତି-ପ୍ରାଣର ଦୁରନ୍ତ ଜୟଗାନ ଶୁଣାଗଲା—ଓଡ଼ିଶା ସ୍ୱତନ୍ତ୍ର ହୋଇଲା ।

ଆଜି ଚାରିଶ ବର୍ଷପରେ—ଯେଉଁ ପରିପ୍ରେକ୍ଷୀରେ ଓଡ଼ିଶାର ସ୍ୱାର୍ଥ ଓ ସଂସ୍କୃତି ଉପରେ ପ୍ରଚ୍ଛନ୍ନ ଓ ପ୍ରତ୍ୟକ୍ଷ ଆକ୍ରମଣ ଘଟିଛି, ତାହା ମହାଭାରତୀୟ ମାନସପଟରେ ଫଳାଶ୍ରୁତି ପ୍ରାଦେଶିକତା ନାମରେ ଉଲ୍ଲେଖ ରହିଲେ ମଧ୍ୟ ମଧୁବାବୁଙ୍କ ଜୀବନ ଓ ଉଦ୍ୟମ ସମ୍ବନ୍ଧରେ ପରିଚିତ ଏ ଦେଶର ଅଗଣିତ ନରନାରୀ ଏହି ଗ୍ଲାନି ଓ ଦୈନ୍ୟ ମନୋଭାବରୁ କିପରି ଉଦ୍ଧାର ପାଇବେ, ତା' ଖୋଜ କୁଲୁଛନ୍ତି । ମଧୁବାବୁ ଗୋପବନ୍ଧୁଙ୍କ ପରିକଳ୍ପନା ଓ ଉଦ୍ୟମ ଓଡ଼ିଶା ପାଇଁ ଯେଉଁ ସୁବର୍ଣ୍ଣ ସମ୍ଭାବନା ସୃଷ୍ଟି କରିଥିଲା, ତାହାର ଅଗ୍ରଗତି ପାଇଁ କେତେକ ଓଡ଼ିଆଯୁଅ ବ୍ୟାକୁଳ ଥିଲେ ମଧ୍ୟ ବହୁ ପରିହତ ଶକ୍ତିର ଧକ୍କାରେ ସେମାନେ ମ୍ରିୟମାଣ ଓ ଭଗ୍ନମନ ହୋଇପଡ଼ୁଛନ୍ତି । ବସ୍ତୁତଃ

Digitized by srujanika@gmail.com

ଓଡ଼ିଶାରେ କଂଗ୍ରେସ ପରି ଏକ ମହତ ଅନୁଷ୍ଠାନ ମଧ୍ୟରେ ଗୋଷ୍ଠୀବାଦ ଓ ପରସ୍ପର ବିପକ୍ଷତମୁଖୀ ଚନ୍ତାଧାରା ଓଡ଼ିଶାର ସାମଗ୍ରିକ ଓ ସାମୂହିକ ସମୁନ୍ନତିରେ ଅନୁରୂପ୍ତ୍ୱାବରେ ଠିଆହୋଇଛୁ ! ନର୍ଦ୍ଦକତା ଓ ପ୍ରଗତିପନ୍ଥୀ ପଦକ୍ଷେପ ଜପ୍ତକାର ନ ପାଇ ଯେଉଁପରିସ୍ଥିତିରେ ଅଯଥା ରାଜନୈତିକ ଦ୍ରୀନମନ୍ୟତାର ଶରବ୍ୟ ହେଉଛୁ, ତାହାର ତୁଳନା ଅନ୍ୟତ୍ର ନାହିଁ । ସଙ୍କୋଚର ଜନସ୍ୱାର୍ଥବମୁଖ ଓ ଆତ୍ମସ୍ୱାର୍ଥ ଅବଗାମ୍ଭୀ ଏ ଦେଶର ବହୁଲୋକ ଯେଉଁପରି ଭାବରେ ପ୍ରଦେଶର ସାମୂହିକ ଉନ୍ନତି ପାଇଁ ଉଦାସୀନତା ପ୍ରକାଶ କରୁଛନ୍ତି, ମଧୁବାବୁଙ୍କ ଅମର ଆତ୍ମା ଏବଂ 'ସ୍ୱାର୍ଥମେଧ ଯଜ୍ଞ'ର ପ୍ରକଳ୍ପନା କେଉଁପରି ଭାବରେ ଆଜି ଆଶ୍ୱସ୍ତି ଓ ନର୍ଭର ପ୍ରତିଶ୍ରୁତି ପାଇବ—ଚନ୍ତା କରିହେଉନି ।

ଶୀଘ୍ର ପ୍ରକାଶ ପାଉଛୁ—

କବିତା ଯୁଗେ ଯୁଗେ—ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ

(ସାରଳା ଦାସଙ୍କଠାରୁ ଅତ୍ୟାଧୁନିକ ଓଡ଼ିଆ କବିତା ପର୍ଯ୍ୟନ୍ତ ବିଭିନ୍ନ କାବ୍ୟିକ ଭାବ୍ୱବର ଏକ ସମାଲୋଚନା)

ଅସ୍ତ୍ର କନ୍ଧର ଏଲିଜି—ଶ୍ରୀମତୀ ପ୍ରତିଭା ଶତପଥୀ

ପ୍ରକାଶକ—**ଜଗନ୍ନାଥ ରଥ**

ବିନୋଦବିହାରୀ, କଟକ-୨

Digitized by srujanika@gmail.com

ମଧୁବାବୁ ସଙ୍ଗେ ଲଢ଼ିଲି

ବାଳଜୀଚରଣ ପାଣିଗ୍ରାହୀ

ଆମ ଗାଁ ଜ୍.ପ୍ରା: ସ୍କୁଲର ହେଡ୍‌ମାଷ୍ଟର ରାମ କକେଇ ଥିଲେ ଉପୁ ଓ ଆତଙ୍କର ଏକ ପ୍ରତିମୂର୍ତ୍ତି । ସ୍କୁଲଘରେ ସେ ଚକ୍କାର କଲାବେଳେ ଗାଁଆଟା-ଯାକ ଦୁଲୁକ ଉଠେ । ଗ୍ରୁଅଗ୍ରୁଣୀଙ୍କଠାରୁ ଆରମ୍ଭ କରି ତାଙ୍କର ମାତାପିତା ଅଭିଭାବକ ପର୍ଯ୍ୟନ୍ତ କାହାକୁ ସେ ଚକ୍କାର ଥାଇ ନ ହଏ ! କାରଣ ଠିକ୍ ତାହା ପରେ ପରେ ସମଗ୍ର ସ୍କୁଲର ସବୁ ଗ୍ରୁଅଗ୍ରୁଣୀ ସମସ୍ୱରରେ ଚକ୍କାର କରିଉଠନ୍ତି—ଏକାବେଳେ ଏକ ହୃଦଯୁଦ୍ଧକାରକ ଚକ୍କାର !

ସତେ ଯେମିତି ସେ ଚକ୍କାରରେ ଗାଁର ବୁଲୁକୁଣ୍ଢଗୁଡ଼ା ସୁଦ୍ଧା ବୋବାଳ ଗୁଡ଼ିମ୍ଭି; ଆଉ କୁଆ କୁସ୍ଥାଟଆଙ୍କ ମୁହଁରୁ ଶବ୍ଦ ବାହାରିଆସେ । ବୋହୂ-ଭଉଣୀମାନେ ତରବର ହୋଇ କୂଅରୁ ପାଣି ଓଟାର ହାଣ୍ଡିଶାଳରେ ପଶନ୍ତି । ବଲ୍‌ମଟ୍ଟିରେ ଡଲଆର ଡଲ ମଧ୍ୟ ବେଗି ବେଗି ଘୁଲେ । ରାମ କକେଇଙ୍କ ଜାଉଁଳବେଢ଼ ଜାରଣ ଅକାରଣରେ ସାମବଡ଼-ନବିଁଶେଷରେ ସ୍କୁଲଘର ଭିତରେ ଗୋଟାଏ ପାଖରୁ ଅନ୍ୟ ପାଖ ପର୍ଯ୍ୟନ୍ତ ସବୁ ପିଲଙ୍କ ପିଠିରେ ନଆଁ ଲାଗିଲଭଳ ଘୁଲଗଲପରେ ଯେଉଁ ସ୍ୱରଲହଡ଼ା ଉଠେ, ଗାଁଟାଯାକର ପଶୁପକ୍ଷୀ ମନୁଷ୍ୟ କାହାର ଯେମିତି ସେଥିରୁ ନସ୍ତାର ନାହିଁ !

ତା' ବୋଲି ପଦେଦୁଇଲେ ରାମ କକେଇଙ୍କ ଆଗରେ ପ୍ରତିବାଦ କରି ପାରି ଫିଟାଇବା ସାହସ ଥିଲା କାହାର ! ସେ ଯେମିତି ଗାଁଯାକର ଧମ୍ମା ଗମ୍ମାବ, ପିଲା ବୁଢ଼ା, ସ୍ତ୍ରୀ ପୁରୁଷ ସମସ୍ତଙ୍କର ମାଷ୍ଟର । ସ୍କୁଲଘରପାଇଁ ଦ୍ୱାରଦ୍ୱାର ବୁଲି ନଡ଼ା ବାଉଁଶ ଫ୍ରଗ୍ରହ କରିବାଠାରୁ ଆରମ୍ଭ କରି ପିଲଙ୍କୁ ଡାକ ପାଠ ପଢ଼ାଇବା ପର୍ଯ୍ୟନ୍ତ ସବୁ କାମକୁ ସେ ତିଆର !

ସେଇ ରାମ କକେଇ ଯେଉଁ ଦିନ ସ୍କୁଲ ଗୁଡ଼ି କଣ ସବୁ ପ୍ରଗୁର କାମ କରିବାକୁ ବାହାରଗଲେ, ସେଦିନ କନ୍ତୁ ସ୍କୁଲପିଲ୍ଲଙ୍କ ମନ ଟିକେ ଉଶ୍ୱାସ

Digitized by srujanika@gmail.com

ହୋଇପଡ଼ିଥିଲା । ଆଉ ଯେ କେହି ମାଷ୍ଟର ଆସନ୍ତୁ ପଛେ, ତାଙ୍କଠାରୁ ଯେ କଦାପି ବେଶି ଭୟାନକ ଓ କଡ଼ା ହେବେ ନାହିଁ, ଏ ବିଶ୍ୱାସ ଗ୍ରାମମାନଙ୍କର ଥିଲା । ଅସଲ କାରଣଟି ହେଲା, ସେ ନିଜ ଗାଁର ହୋଇଥିବାରୁ ତାଙ୍କ ଆଗରୁ ଲୁଚିବା ଅଥବା ଲୁଗୁଇବା ଲଗି କୌଣସି ସ୍ଥାନ ବା ବିଷୟ ପିଲାମାନଙ୍କର ନ ଥିଲ ।

ତେବେ ସେ ପୁଣି କଣ ପ୍ରକାର କାମ କରିବେ ? ଏଡ଼େ ରାଗି ମଣିଷ, ତାଙ୍କ କଥା ଶୁଣିବ କିଏ ? କିନ୍ତୁ ଗ୍ରାମ କର୍ମକେଇ ସ୍କୁଲ ଗୃହ ଗାଁ-ଗାଁ ବୁଲି ପ୍ରକାର କଲେ । କୃଷୀମାନେ ଖାଲ ଧାନ ମୁଗ ଗୃହ ନ କରି ବେଶୀ ଲାଭଜନକ ଫସଲ ଆଖୁ କପା କଲ୍ଲାଇବେ; ଅରହ ଚଲାଇ ସୁତା କାଢିବେ । ଏଇ ପ୍ରକାର କାମ ପାଇଁ ଗ୍ରାମ କର୍ମକେଇଙ୍କୁ ମାସିକ ଦରମା ମିଳିଲା ୧୫ ଟଙ୍କା । ଘଟଣାଟି ପ୍ରାୟ ଅର୍ଦ୍ଧ-ଶତାବ୍ଦୀର । ସେଇକାଳୁ ମଧୁବାବୁଙ୍କ ନାଁ ମୁଁ ଆଜିପର୍ଯ୍ୟନ୍ତ ଶୁଣିଆସୁଛି ।

କୁଶଭଦ୍ରା ନଈର ଅଠାନ୍ତର ବନ୍ଧ ଭିତ୍ତି ଅନେକ କମି ବାଲିଚର ହୋଇଯାଇଥାଏ । ମଧୁବାବୁ ନଙ୍କେ ଆସି ଦେଖିଗଲେଣି—ଓଡ଼ିଶାର ମଧୁବାବୁ ! ଲୋକଙ୍କ ଅବସ୍ଥା ନଣ୍ଟେ ଏଣିକି ସୁଧୁରିବ ବୋଲି ଟିକେ ଦମ୍ଭ ଆସିଛି । ଗ୍ରାମ କର୍ମକେଇଙ୍କ ପ୍ରକାର ଫଳରେ କେତେ ଗାଁଆରେ ଆଖୁ କପା ଗୃହ ସଙ୍ଗେ ଅରହ ମଧ୍ୟ ଗୁଲଜାଣି । ସେତେବେଳକୁ ଗାନ୍ଧୀଙ୍କ ନାଁ ବେଶି ଶୁଣାଯାଇ ନ ଥାଏ ।

ଓଡ଼ିଶା ଜିଲ୍ଲେ ମଧୁବାବୁଙ୍କୁ ଓ ମଧୁବାବୁ ଅର୍ଥ ଓଡ଼ିଶାକୁ ବୁଝାଉ-ଥିଲା । ପୁଣି ପାଠ ପଢ଼ିବାର ଲକ୍ଷ୍ୟସ୍ଥଳ ଥିଲା, ମଧୁବାବୁ ସଙ୍ଗେ ଲଢ଼ିବା । ମଧୁବାବୁ ସଙ୍ଗେ ବିଦ୍ୟାରେ ବୁଦ୍ଧିରେ ଲଢ଼ିବାଠାରୁ ଆଉ ବେଶୀ କଷ୍ଟ ମଡ଼ୁଛ ଓ ପୌରୁଷର କାମ ନ ଥିଲା ।

ମଧୁବାବୁ କମିଡ ଲୋକ, କାହିଁକି ଏସବୁ କାମ ସେ ହାତକୁ ନେଇଛନ୍ତି, ପିଲାବେଳୁ ତାଙ୍କପ୍ରତି ଏହିରୂପେ ଏକ କୌତୂହଳ, ଆଗ୍ରହ ଓ ସମ୍ଭ୍ରମ ମନ ଭିତରେ ବସା ବାନ୍ଧିଥିଲ । ଯେଉଁ ଲୋକ ଯେତେ ବଡ଼ଲୋକ, ତାଙ୍କର ନିନ୍ଦା ଓ ପ୍ରଶଂସାର ମାତ୍ରା ଯେ ଏକାବେଳେ ନକ୍ତ-ଓଜନ ପରି ଦୁଇପାଖଯାକ ସମାନ; ଅଥବା ଭିତରେ କୌଣସି ପାଖର ଓଜନରେ ଅଳ୍ପ ବହୁତ କଣ୍ଟ ଫରକ୍ ଅଛି, ତାହା ସ୍ଥିର କରିବା କଠିଣ ।

Digitized by srujanika@gmail.com

ସେହିପରି ମଧୁବାବୁଙ୍କ ନାଆଁରେ ଅନେକ କଥା ଶୁଣାଯାଉଥାଏ । ମୋଟାମୋଟି ତାଙ୍କ ପ୍ରଶଂସାର ଢଗଟି ହେଲା, ଓଡ଼ିଶାରେ ସେ ସବୁଠାରୁ ବେଶୀ ବୁଦ୍ଧିମାନ୍, ବଡ ବାଗ୍ମିଷ୍ଟର (ବାଗ୍ମିଷ୍ଟର ନ ହୋଇ ମଧ୍ୟ),ବଡ଼ ବକ୍ତା, ବଡ଼ ନେତା, ଏକମାତ୍ର ମନ୍ତ୍ରୀ; ପୁଣି ମନ୍ତ୍ରୀପଦକୁ ତ୍ୟାଗ କରିବାରେ ସାର୍ ଘରଢବର୍ଷରେ ଏକମାତ୍ର ବ୍ୟକ୍ତି । ତାଙ୍କ ନନ୍ଦାର ଢଗଟି ହେଲା, ପାରିବାରିକ ଓ ସାମାଜିକ ଜୀବନରେ ସେ ମାନ୍ତଶୂନ୍ୟ, ବଧର୍ମୀ, ପୁଣି ବ୍ୟକ୍ତିଗତ ଜୀବନରେ ଲୋଧୀ, ଲେଖୁ, ଅହଂକାସ୍ତ ଇତ୍ୟାଦି । କନ୍ତୁ ଅନ୍ଧାର ଦୃଷ୍ଟରେ ହାବେଳ ବାଣପରି ତାଙ୍କର ସବୁ ଦୋଷକୁ ଆଲୁଅ କରି ଭଲ ଗୁଣଗୁଡ଼ିକ ଆକାଶଗାମୀ ହୋଇଥିଲା ।

ଯେଉଁସବୁ ଦୋଷାବହ ଆଚରଣକୁ ପରହାର କଲେ ମଣିଷ ମହାନ୍ ହୁଏ ବୋଲ ଶୁଭ ଅବସ୍ଥାରେ ପାଠ୍ୟ ପୁସ୍ତକରୁ ଶିକ୍ଷା କରାଯାଏ, ସେଗୁଡ଼ିକୁ ପୂରାପୂରି ଗ୍ରହଣ କରି ମଧ୍ୟ ମଣିଷ କପରି ମଧୁବାବୁ ହୋଇପାରେ, ତାହା ଜାଣିବା ପାଇଁ ଅଳ୍ପ ବସ୍ତୁସ୍ତରେ କୌତୂହଳ ଜନ୍ମିବା ସ୍ୱାଭାବିକ । ସେ କୌତୂହଳର କଛୁ ପରିମାଣରେ ନବୃତ୍ତି ହେଲା ପୁଣ୍ଡ ରାମଚଣ୍ଡୀ ସାହିରେ ଥିବା ଆମ ଘରପାଖେ ଯେଉଁ ବର୍ଷ 'ଉତ୍କଳ ସମ୍ମିଳନୀ'ର ଅଧିବେଶନ ହୁଏ ।

ଗୋପବନ୍ଧୁ ପ୍ରମୁଖ ଓଡ଼ିଶାର ବଭିନ୍ନ ଅଞ୍ଚଳରୁ ଆସିଥିବା ଏକାଧିକ ନେତା ଓ ପ୍ରତିନିଧିଙ୍କ ଗହଣରେ ଶୁକ୍ଳକେଶ ଶୁକ୍ଳଶ୍ମଶ୍ରୁ ଘେନ ବସିଥାନ୍ତି ଶୀର୍ଣ୍ଣକାୟ ମଧୁସୂଦନ । ବପୁଳ କରତାଳଧ୍ୱନି ମଧ୍ୟରେ ସେ ତାଙ୍କର ଭାଷଣ ଆରମ୍ଭ କଲେ, "ଓରେ ସଙ୍ଗି, ଆପଣା ମତ୍ତ ଆପେ ରଖି !' ନଜର ପୁଣି ଦେଶର ମର୍ଯ୍ୟାଦା ରଖିବା ଯେ ପ୍ରତ୍ୟେକ ଦେଶବାସୀର ପ୍ରଥମ ଓ ଶେଷ କର୍ତ୍ତବ୍ୟ, ଏହାକ୍ଟି ଯେପରି ତାଙ୍କ ଜୀବନର ଲକ୍ଷ୍ୟ ଥିଲା । ସେ ଲକ୍ଷ୍ୟକୁ ସାଧନ କରିବାରେ ସେ କେତେଦୂର ସଫଳ କମ୍ବା ବଫଳ ହୋଇଥିଲେ, ତାହାର ବଚ୍ଚର ତାଙ୍କୁ ଅମର କରିନାହିଁ—ଅମର କରିରଖିଛି କେବଳ ସେହି ଲକ୍ଷ୍ୟ, ସେହି ଅମ୍ଲାନ ଅଚ୍ୟୁତ ଅବଚଳିତ ଲକ୍ଷ୍ୟ । ସେ ଲକ୍ଷ୍ୟରୁ କେବେହେଲେ ସେ ଯେ ସ୍ଖଳିତ ହୋଇନାହାନ୍ତି, ଏହାକ୍ଟି ତାଙ୍କ ଜୀବନରୁ ଶିକ୍ଷଣୀୟ ।

Digitized by srujanika@gmail.com

ସ୍ୱଦେଶକୁ "ମାତୃଭୂମି" କହିଲେ ସେ ବ୍ୟାଖ୍ୟା କରୁଥିଲେ, ତାହା ମା'ଠାରୁ ସୁଦ୍ଧା ଅଧିକ । କାରଣ ମା'ସିନା କେବଳ ଜନ୍ମ ଦେଇ ସ୍ତନ୍ୟପାନ କରାଏ; ମାତ୍ର ତା'ପରେ ଆମର ସବୁ ଅଳଙ୍କାର ଲାଳନପାଳନର ଭାର ପଡ଼େ ମାତୃଭୂମି ଉପରେ । କେବଳ ତ ସେତିକି ନୁହେଁ —ମୃତ୍ୟୁ ହେଲେ ମା କଦାପି ନିଜ କୋଳରେ ସ୍ଥାନ ଦେଇପାରନ୍ତି ନାହିଁ, ଅଥଚ ସ୍ଥାନ ଦିଅନ୍ତି ମାତୃଭୂମି ।

ପ୍ରତ୍ୟେକ କଥା ଓଜନଦାର, ଅର୍ଥପୂର୍ଣ୍ଣ । ପ୍ରତ୍ୟେକ ବ୍ୟକ୍ତି କ ବାଳକ, କ ଯୁବକ, ପ୍ରୌଢ଼, ବୃଦ୍ଧ ତାଙ୍କ ପାଖରେ ଯେମିତି ଗୋଟିଏ ଗୋଟିଏ ସାଧାରଣ ସତ୍ତା । ତାଙ୍କ ସଙ୍ଗରେ କଥାବାର୍ତ୍ତାବେଳେ ସୁଦ୍ଧା ଯେମିତି ସେ ସାଧାରଣ ସତ୍ତାରେ ସମ୍ବୋଧନ ଦେଉଛନ୍ତି । ଏଇଭଳି ତାଙ୍କର ବହୁତ ବ୍ୟକ୍ତିତ୍ୱ ଓ ସବୁ ସ୍ୱତ୍ତା ହିଁ ବ୍ୟଷ୍ଟି ଭିତରେ ମିଳେଇଯାଇଥିଲା । ନିଜର ସମୁଦାୟ ସତ୍ତାକୁ ସେ ଲଗାଇ ଦେଇପାରିଥିଲେ ଦେଶ-ମାତୃକାର ସବୁ ମନୁଷ୍ୟ, ପଶୁପକ୍ଷୀ, ଜୀବଜନ୍ତୁ ଜଡ଼ ଉଦ୍‌ଭିଦ ଭିତରେ । ତାଙ୍କର ସବୁ ଗୁରୁତ୍ୱିକ ନ୍ୟୁନିଟ୍ୟୁଡ ଦୋଷ ଦୁର୍ଗୁଣ କାଠିକୁଟା ଅଳଆ-ଅସ୍ତର ପରି ଭସିଯାଇ-ଥିଲା ଦେଶପ୍ରେମର ଓ ମାନବପ୍ରେମର ମହାବେଗବାନ୍ ପ୍ରବଳ ସ୍ରୋତରେ ଜଳପୋଡ଼ ଭସ୍ମସାତ୍ ହୋଇଥିଲା, ଦେଶପ୍ରେମର ଅନଦାଣ ସ୍ୱାର୍ଥମେଧ-ଯଜ୍ଞର ବହ୍ନି ଦାହରେ । ମଧୁସୂଦନ ନିଜକୁ ଖୋଜି ପାଇନାହାନ୍ତି ନିଜର ବିଦ୍ୟା ବୁଦ୍ଧି ବିଚକ୍ଷଣତାରେ, ଆଇନ-ବ୍ୟବସାୟଦ୍ୱାରା ଅର୍ଥୋପାର୍ଜ୍ଜନର ପ୍ରାଚୁର୍ଯ୍ୟରେ, ଅସାଧାରଣ ଓଡ଼ିଆ କମ୍ବା ଇଂରାଜୀ ଭାଷାର ବାଗ୍ଜିତାରେ, ନାସ୍ତିଶିଖାର ଅଗ୍ରଣୀ ହୋଇ ଶିଖାନୁଷ୍ଠାନ ପ୍ରତିଷ୍ଠାରେ ଅଥବା ଉତ୍କଳୀୟ ଶିଳ୍ପକଳାର ପ୍ରତିନଧିତ୍ୱ କରି ଶିଳ୍ପାନୁଷ୍ଠାନ ଗଠନରେ, ସମ୍ବାଦପତ୍ରର ସାର୍ଥକ ସମ୍ପାଦନାରେ କମ୍ବା ମନ୍ତ୍ରୀଦପ୍ତରର ବିଚକ୍ଷଣ ସୁପରିଚାଳନାରେ । ସେ ଆପଣାକୁ ପାଇଛନ୍ତି 'ମାଆ ମାଆ ଭାଇ ଭାଇ ଡାକିବାରେ ପୁଣି ଖୋଜିବାରେ'—

"ମାଆ ମାଆ ବୋଲି କେତେ ମୁଁ ଡାକିଲି
ମାଆକୁ ପାଇଲି ନାହିଁ,
ଭାଇ ଭାଇ ବୋଲି କେତେ ମୁଁ ଖୋଜିଲି
ନ ଦେଲେ ଉତ୍ତର କେହି !"

Digitized by srujanika@gmail.com

ମାଆ ତାଙ୍କର ଗଲେ କୁଆଡ଼େ ? ଭାଇ ତାଙ୍କର କାହାନ୍ତି ? ବନ ପ୍ରନ୍ତ, ନଦୀ ସାଗର ସବୁଆଡ଼େ ସେ ଖୋଜ ବୁଲୁଛନ୍ତି । ମାଆଙ୍କର ପଦଚିହ୍ନ ଦେଖିଛନ୍ତି ଭୁବନେଶ୍ୱରରେ । ସେ ଚିହ୍ନ ଉପରେ ଲେଖାଅଛି 'ଗଜଗୁଣୀ' ! ଭାଇଙ୍କର ହସ୍ତଚିହ୍ନ ଅଙ୍କାରହିଛି ସମୁଦ୍ର କୂଳ ମରୁ ବାଲୁକାମୟ ପ୍ରାନ୍ତରରେ । ନାମ ତାହାର 'କୋଣାର୍କ' ! ମାଆ କୁଆଡ଼େ ଗଲେ ସେମାନେ ? ବକଳ ବଭ୍ରାନ୍ତ କବ ଶେଷରେ ସେମାନଙ୍କୁ ପାଇଛନ୍ତି ସେଇ ଏକ ଅନନ୍ତାଣ "ସ୍ୱାର୍ଥମେଧ ଯଜ୍ଞ"ରେ । ଡାକିଛନ୍ତି ସମସ୍ତଙ୍କୁ ସେଇ ଯଜ୍ଞକୁଣ୍ଡରେ ସ୍ୱାର୍ଥକୁ ଆହୁତ ଦେଇ ଘରଆଡ଼େ ଗୁଣ୍ଡକୁ ଗୁଣ୍ଡ ମିଶାଇ ନାଚବା ପାଇଁ ।

ପୃଥିବୀ-ସାହିତ୍ୟରେ ଯେଉଁ ଅଳ୍ପ କେତେ ଜଣ କବ ଗୋଟିଏ ଦଉଡ଼ି ମାନ୍ତ କବତା ଲେଖି ଅମର ହୋଇଛନ୍ତି, ମଧୁସୂଦନ ତାଙ୍କର ଉତରୁ ଜଣେ । କାରଣ ସେ କବତା ସ୍ୱୟଂ ସେ ନଜେ ! ତାହାର ପ୍ରତ୍ତ ଅକ୍ଷରରେ ତାଙ୍କର ରକ୍ତମାଂସ ଅସ୍ଥିମଜ୍ଜା ଶିର-ପ୍ରଶିର ସେପର ନଗିଡ଼ ପଡ଼ିଛୁ ।

ମନେ ପଡ଼େ—ସ୍କୁଲ୍‌ପ୍ରନ୍ତ ଥିବା ସମୟରେ ତାଙ୍କ ସହିତ ସାକ୍ଷାତ୍‌କାରର ଏକ ଅବସ୍ମରଣୀୟ ଘଟଣା । ପୁଣ୍ଡା ଜଲ୍ ସ୍କୁଲର କେତେ ଜଣ ପ୍ରତ୍ରବନ୍ଧୁ ମିଳତ ହୋଇ ଏକ ସାହିତ୍ୟ ଆଲୋଚନା ସଭା ଗଡ଼ିଥାଉଁ । ଗୋଟିଏ ହାତଲେଖା ପତ୍ରିକା ମଧ୍ୟ ପ୍ରକାଶ କରୁଥାଉଁ । ଶେଷରେ ଏହି ହାତଲେଖା ପତ୍ରିକାଟି ବପୁଳ ଆନନ୍ଦ ଉତ୍ସାହ ଭତରେ ପ୍ରତ୍ତା ଅକ୍ଷରରେ ପ୍ରକାଶ ପାଏ ! ପ୍ରଥମ ପୁଣି ବୋଧହୁଏ ଶେଷ ଥର ପାଇଁ !

ମଧୁବାବୁଙ୍କୁ ଭେଟିବାଗଲି ଏହାହିଁ ହେଲ ପ୍ରଧାନ ଉପାଦ୍ୟନ । ପତ୍ରିକାଟିର ନାମ "ପ୍ରତ୍ତ-ଦର୍ପଣ" । ସ୍କୁଲ ନକଟରେ ମଧୁବାବୁଙ୍କର ଘର 'ଶୈଳ-ନବାସ'; ମଝିରେ ମଝିରେ କଟକରୁ ଆସି ସେଇଠି ତାଙ୍କର ରହଣି ।

"ପ୍ରତ୍ତ-ଦର୍ପଣ" ଧରି ମଧୁବାବୁଙ୍କୁ ଭେଟିବା ପାଇଁ ବାହାରିଲୁଁ । ଝରକାପାଖେ ବସି ସେ ଶିଅର ହେଉଥାନ୍ତି । ନଃସଙ୍କୋଚରେ ସେଇଠି ଯାଇ ଠିଆହେଲୁଁ ।

"କଏ ତୁମେମାନେ ?" ପ୍ରଶ୍ନ କଲେ ମଧୁବାବୁ ।

Digitized by srujanika@gmail.com

"ପୁଣି ଜଲ୍ ସ୍କୁଲର ଗ୍ରୁପ ।"

"ଆଚ୍ଛା, ମତେ ଟିକେ ମାଫ୍ କରିବ ! ସେପାଖ ବୈଠକଖାନାରେ ଅଳ୍ପ ସମୟ ଅପେକ୍ଷା କରିବ କି ?"

ଗୁଚ୍ଛ ପାଞ୍ଚମିନିଟ୍ ଭିତରେ ସେ ବୈଠକଖାନାରେ ପ୍ରବେଶ କଲେ । ତାଙ୍କର ଭତ୍ରୋଜ୍ଜ "ମାଫ୍ କରିବ" କଥାଟି ସେହି କାଳରୁ ଆଜ ସୁଦ୍ଧା ମନେ ରହିଗଲା ।

ହାତକୁ ତାଙ୍କର ବଢ଼ାଇଦେଲୁଁ ଆମର ଗଳ୍ପ, ଆମର କୃତ୍ତିତ୍ୱ "ଗ୍ରୁପ-ଦର୍ପଣ" ପତ୍ରିକା ଖଣ୍ଡି । ଓଲଟପାଲଟ କରି ତାକୁ ସେ ଦେଖିଲେ । ଆଶା କରିଥିଲୁଁ; ଭିତରେ ତା'ର ଗ୍ରୁପା ଅକ୍ଷରରେ ଲେଖକମାନଙ୍କ ନାମ ପଢ଼ି, ଅନ୍ତତଃ ଆମର ପରିଚୟ ସେ ପାଇବେ । ମାତ୍ର ହତାଶ ହେଲୁଁ, ଯେତେବେଳେ ସେ କହିଲେ—

"ରୋଜ କେତେ ଏମ୍ତ ପତ୍ରପତ୍ରିକା ମୋ ପାଖକୁ ଆସେ । ସେସବୁ ପଢ଼ି ଦେଖିବାକୁ ବି ବେଳ ମିଳେ ନାହିଁ । ତେଣୁ ତାକୁ ଏଇ ଓପ୍ପେଷ୍ଟ୍ ପେପର ବାସ୍କେଟ୍‌ଟାରେ ପକାଇଦିଏଁ ।" ଏତକ କହି ତାଙ୍କ ପାଦ ପାଖରେ ଥିବା ବାସ୍କେଟ୍‌ଟାକୁ ସେ ମୁଣ୍ଡ ନୁଆଁଇ ଚାହିଁଲେ !

ଧଡ଼ଧଡ଼ ହୋଇ ଗ୍ରୁପ ଭିତର ଆମର ପଡ଼ିଲା । ସତେ ସେମିତି ଆମେସବୁ ପ୍ରତ୍ୟେକେ ଜଣେ ଜଣେ ଗୋଟିଏ ଲେଖାଁ ଓପ୍ପେଷ୍ଟ୍ ପେପର ବାସ୍କେଟ୍; ଆଉ ତା'ର ଭିତରକୁ ସେ ଆମର ଅତି ଆଦରର ବଡ଼ ଆତ୍ମୀୟର ଗ୍ରୁପ "ଗ୍ରୁପ-ଦର୍ପଣ"କୁ ଟିକଟିକ କରି ଚର ଚିଙ୍ଗିଦେବାକୁ ଯାଉଛନ୍ତି ! କିନ୍ତୁ ସେ ତାହା କଲେ ନାହିଁ ।

ପତ୍ରିକାଟିର ଭିତରକୁ ନ ଗୁହିଁ ଜଲ୍ ମଲ୍‌ଟର ଲଲ୍‌ଟରେ ଲିଖିତ ଖାଲ ନାମକୁ ସେ ଉଚ୍ଚାରଣ କଲେ—"ଗ୍ରୁପ-ଦର୍ପଣ" । ତା'ପରେ ଟିକେ ରହିଯାଇ କହିଲେ, "ଆଚ୍ଛା ଭଲ ନାଁ ଟିଏ ଦେଇଛ ତୁମ ପତ୍ରିକାର; କିନ୍ତୁ ଜାଣିଛ କି ତୁମେ, ପ୍ରତିବର୍ଷକୁ ଯେତେବେଳେ ଦର୍ପଣ ଆସି ନ ଥାଏ, ଯେତେବେଳେ ପ୍ରତ୍ୟେକ ସ୍ତ୍ରୀ ପ୍ରତ୍ୟେକ ପୁରୁଷ ବଞ୍ଚିରୁଥିଲେ ତାଙ୍କ ମୁହଁଟି ସବୁଠାରୁ କେଣ୍ଟି ସୁନ୍ଦର ! ତା' ପରେ ଯେତେକେଳେ ଦର୍ପଣ

Digitized by srujanika@gmail.com

ଆସିଗଲା, ସେତେବେଳେ ସମସ୍ତେ ନଜ ନଜ ମୁହଁକୁ ସେଥିରେ ଗୁହିଁ ବୁଝିପାରିଲେ ତାଙ୍କ ମୁହଁଠାରୁ ଆଉର ସୁନ୍ଦର ମୁହଁ ବି ପୃଥିବୀରେ ଅଛି । ତୁମେମାନେ ସେମିତି ଏହା ଭିତରେ ନଜ ମୁହଁକୁ ଦେଖିଲଣି ?

—ଅଭ୍ୟସ୍ତ ଅପ୍ରତ୍ୟାଶିତ ପ୍ରଶ୍ନ !

ସ୍ତବ୍ଧ ଅବାକ୍ ହୋଇ ଗୁହାଁରହିଲୁ ମଧୁସୂଦନଙ୍କ ମୁହଁକୁ ଆମେ ସମସ୍ତେ । ମନେ ହେଲା, ସେମିତି ତାଙ୍କର ସେଇ ପତଳା ମୁହଁଟି ବାର୍ଦ୍ଧକ୍ୟରେ ଲେଲଚର୍ମ ହୋଇ ସବୁଠୁ ସୁନ୍ଦର ଦିଶୁଛି । ତା'ପରେ ସେ ପୁଣି ଆରମ୍ଭ କଲେ—

"ତୁମେ ସବୁ ପାଠ ପଢ଼ିସାର କଣ କରିବ ଭାବିଛ କି ? ମୋ ଭାଇ ଗୋପାଳ (ଏ ଗୋପାଳବଲ୍ଲଭ ଦାସ, 'ଧ୍ରୁମଭୂତ୍ପାଁ' ଉପନ୍ୟାସର ଲେଖକ) ଯେତେବେଳେ ପାଠ ଶେଷ କରି ଗୁଳର କରିବାକୁ ଗଲା, ତାକୁ କହିଲା, 'ତତେ ମୁଁ ଗୁଳ କର ମାରଦେବି । ପାଠ ପଢ଼ି ତୁ ଗୋଲ୍ଲମ ହେବୁ ? ଏଇ କଣ ପାଠର ଅର୍ଥ ? ଜାଣୁ କି, ସରସ୍ୱତ୍ତା ବେଶ୍ୟା ନୁହେଁ ।' ମନେ ରଖ ତୁମେ, ସରସ୍ୱତ୍ତା ବେଶ୍ୟା ନୁହେଁ !"

ଗୁଳ ବାଜଲ୍ଯଲ ଆମ କାନଭିତରେ ବି ତାଙ୍କ କଥା ଲଗିରହିଲା । ପ୍ରାୟ ପଚାଶ ବର୍ଷପରେ ସୁଦ୍ଧା ସେ ଗୁଳ କାଢ଼ିହେଲା ନାହିଁ । ଆଜିସୁଦ୍ଧା ବୁଝାପଡ଼ୁଛି, ପାଠ ପଢ଼ି ଗୁକର କରିବା ଅର୍ଥ କଣ । ପୁଣି "ଗ୍ରନ୍ଥ-ଦର୍ପଣ"ର ବ୍ୟାଖ୍ୟା କଲ୍ବେଳେ 'Literature is the mirror of society କଥାଟାକୁ କଥର ଗଭୀରଭାବରେ ସେ ଅନୁଭବ କରୁଥିଲେ । ଲେଖକ ଆଗରେ, ପାଠକ ଆଗରେ, ସମାଜ ଆଗରେ ସାହିତ୍ୟ ଯେ ଏକ ଦର୍ପଣ, ମଧୁସୂଦନ ସେ ଦର୍ପଣକୁ ଆମ ସାମନାରେ ଧର ସେମିତି ସେଦିନ ଭିତରେ ଆମ ମୁହଁକୁ ଦେଖାଇଦେଲେ । ଏ ଭ ହେଲ ତାଙ୍କର ଶିକ୍ଷା-ସାହିତ ବିଷଯୁକ ଧାରଣା ।

ରାଜନୀତିକ୍ଷେତ୍ରରେ ମଧୁସୂଦନଙ୍କ ସ୍ୱପ୍ନର ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲାଣି; ପୁଣି ତାଙ୍କର ସ୍ୱପ୍ନାଙ୍କିତ ଭାରତ ଆଜି ସ୍ୱାଧୀନ । କେବଳ ସେତିକି ନୁହେଁ, ସମଗ୍ର ବଣ୍ଟନଦରବାରରେ ଭାରତୀଯ ଜାତୀଯତାର ଦର୍ଶନ—ସୁବର୍ଣ୍ଣଚି କୃଷି-ଶିଳ୍ପର ଦେଶବ୍ୟାପୀ ଯୋଜନା, ଧର୍ମ, ଅର୍ଥ କମ୍ବା ରାଜନୀତି କ୍ଷେତ୍ରରେ

Digitized by srujanika@gmail.com

କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ,ସମ୍ପ୍ରଦାୟ ବା ମେଣ୍ଟର ଅନ୍ତର୍ଭୁକ୍ତ ନ ହୋଇ ସକଳ ଦେଶ ସହିତ ସମାନ ସମ୍ପର୍କ ସ୍ଥାପନ; ପୁଣି ନଜ ଦେଶଭିତରେ ତଥା ବାହାରେ ମଧ୍ୟ ଶାନ୍ତି ପ୍ରତିଷ୍ଠା ପାଇଁ ସୁଚିନ୍ତିତ ଓ ସୁନିର୍ଦ୍ଦିଷ୍ଟ ପଦକ୍ଷେପ ଆଜି ମହାଦେଗରେ ମଧୁସୂଦନଙ୍କ ସମଯୁକ୍ତ ଅଭିନବ କର ଅଗ୍ରସର । ଓଡ଼ଶାର ବନ୍ୟା-ନିୟନ୍ତ୍ରଣ ପରେ ଜଳାଭାବ ସମସ୍ୟା ଜ୍ୱଳନ୍ତଛ ଏବଂ ତା'ର ସମାଧାନ ପାଇଁ ସୁବ୍ୟବସ୍ଥିତ ପଯଃ ପ୍ରଣାଳୀ ଯୋଜନା ମଧ୍ୟ କାର୍ଯ୍ୟକାଶ୍ମ ହେଲଣି । ଜୀବନଧାରଣର ସର୍ବପ୍ରଥମ ମୌଳିକ ସମସ୍ୟାଗୁଡ଼ିକର ଫପ୍ରଣ୍ଣ ସମାଧାନ ପାଇଁ ଦେଶ ଆଜ ସଚେତନ ଓ ସନ୍ନିଯ । ସେଥିସଙ୍ଗେ ଦେଶରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ନହେଲେ ସ୍ୱାଧୀନତାର କୌଣସି ଅର୍ଥ ନାହିଁ । ଅଥଚ ମନୁଷ୍ୟର ନ୍ୟୁନତମ ଅଧିକାର ଖାଦ୍ୟର ଅସ୍ତ୍ରର ସୁଦ୍ଧା ଯେଉଁ ଦେଶରୁ ଅଠର ବର୍ଷର ସ୍ୱାଧୀନତା ଲାଭପରେ ମଧ୍ୟ ଘୁଞ୍ଚିପାରିଲା ନାହିଁ, ଆଜି ସେଥିପାଇଁ ଅନ୍ୟ ଦେଶ ଉପରେ ହିଁ ନିର୍ଭର କରିବାକୁ ପଡ଼ିଲା, ଏହା ଆଜ ସବୁଠାରୁ ବଡ଼ ପ୍ରଶ୍ନବାଚୀ ହୋଇ ଦଣ୍ଡାଯମାନ ।

ଅବଶ୍ୟ ଯେଉଁ ଦେଶ ପ୍ରାର୍ଦ୍ଧ ଦୁଇଶହ ବର୍ଷ ହେଲା ଏକ ମଧ୍ୟଯୁଗୀଯ ଔପନିବେଶିକ ଶାସନାଧୀନରେ ଶୋଷିତ ଓ ଅତ୍ୟାଗୃତ ହୋଇ ରହିଆସିଲା, ପୁଣି ଚତୁର୍ଦ୍ଦିଗରୁ ଅନିର୍ଦ୍ଦିଷ୍ଟ କାଳଯାବତ୍ ଖଣ୍ଡବିଖଣ୍ଡ ହୋଇ କଭଳ ଶାସନ ବା ଅତ୍ୟାଚାରର ଶିକାର ହୋଇପଡ଼ିଥିଲା, ତାହା ତ ଆଜ ଐତିହାସିକ ମତଭେଦର ସାମଗ୍ରୀ । ତାହା ତୁଳନାରେ ୧୮ ବର୍ଷର ସ୍ୱାଧୀନତାପ୍ରାପ୍ତି ଦେଶ ଭିତରେ ଯେଉଁ ପ୍ରବଳ ପରିବର୍ତ୍ତନର ବାତ୍ୟା ବୁହାଇଛୁ, ପୁଣି ଯେଉଁ ନୂତନ ବାଣୀ ବହନ କର ଆଣିଛୁ, ସେଥିପ୍ରତି ଅନବହିତ ହେବାର ଉପାଯ ନାହିଁ ।

ଏହି ଅଠର ବର୍ଷରେ ପୁଣି ଦେଶକୁ ଯେତେ ନୂଆ ନୂଆ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛୁ, ସେଗୁଡ଼ିକର ପୁଙ୍ଖାନୁପୁଙ୍ଖ ପୁନରାବୃତ୍ତି ନିଷ୍ପ୍ରୟୋଜନ । ସ୍ୱାଧୀନତା ଆସିବା ସଙ୍ଗେ ସଙ୍ଗେ ବିପୁଳ ସଂଖ୍ୟାରେ ଆଶ୍ରିତ-ପ୍ରାର୍ଥୀମାନଙ୍କର ସମସ୍ୟା, ପଞ୍ଚବାର୍ଷିକ ଯୋଜନା ଓ ପୁନର୍ଗଠନ କାର୍ଯ୍ୟକ୍ରମରେ ନୂତନ ପଥ, ସେତୁ, ଜଳଭଣ୍ଡାର, ଶିଳ୍ପନଗଶ୍ମ ଓ ଗୃଜଧାନୀ ଆଦି ନିର୍ମାଣ; ପୁଣି ଭାଷାଭିତ୍ତିରେ ଆନ୍ଧ୍ର, ମହାରାଷ୍ଟ୍ରଠାରୁ ଆରମ୍ଭ କର ପଞ୍ଜାବ ପର୍ଯ୍ୟନ୍ତ ନୂତନ ଗୃଜ୍ୟମାନ ସଂଗଠନ ହେବା ହଠାତ୍ ମନେ

Digitized by srujanika@gmail.com

ପଡ଼ୁଥିବା କେତେ ଗୋଟି ବ୍ୟବସ୍ଥା । ତାହାଛଡ଼ା ଦ୍ୱିଦେଶିକ ମାଡକୁ ସୁପ୍ରତିଷ୍ଠିତ କରି ପୃଥିବୀର ବଡ଼ଭଲ ଦେଶ ସହିତ ସୁସମ୍ପର୍କ ସ୍ଥାପନ ସଙ୍ଗେ ଚୀନ ଓ ପାକସ୍ଥାନ..ପକ୍ଷରୁ ହୋଇଥିବା ଆକ୍ରମଣର ପ୍ରତିରୋଧ ଲଗି ପ୍ରତିରକ୍ଷାର ସାର୍ଥକ ଓ ସୁବଲ୍ଦୃତ ବଳସ୍ଥ ଆପ୍ରୋଜନ ସଙ୍ଗେ ଦେଶଭିତରେ ନାଗା ଓ ମିଜୋ ବିଦ୍ରୋହ କମ୍ବା ରାଜନୈତିକ ବା ଯେ କୌଣସି କାରଣରୁ ଆଭ୍ୟନ୍ତରୀଣ ବିଦ୍ରୋହର ସମ୍ମୁଖୀନ ହେବାହିଁ ଏକପ୍ରକାର ସ୍ଥାୟୀ ବ୍ୟାପାର ହୋଇପଡ଼ିଛୁ । ଏଇଭଳ ସାମନ୍ତଯୁଗୀୟ ଅବସ୍ଥା ଓ ପରିସ୍ଥିତିର ଶେଷାଂଶରେ ପହଞ୍ଚି ସୁଦ୍ଧା ଏକ ସଂବାଧୁନିକ ଓ ପୃଥିବୀପୃଷ୍ଠରେ ସଂବୃଦ୍ଧ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରିବା ଭାରତ ପକ୍ଷରେ ସମ୍ଭବପର ହେଲଣି ।

ପୁଣି ଖାଦ୍ୟ ଅନାଟନ ସମସ୍ୟା ଯେ କେବଳ ଭାରତରେ ସୀମାବଦ୍ଧ ନ ରହି ପୃଥିବ୍ୟାପୀ ହେବାର ଦୁର୍ଲକ୍ଷଣମାନ ଦେଖାଦେଇଛୁ, ସେଥିଲଗି ପୃଥିବୀର ଜଣେ ଶ୍ରେଷ୍ଠ ଖାଦ୍ୟବିଶାରଦ ସବୁ ଦେଶର ସରକାରମାନଙ୍କୁ ସାବଧାନ କରି ଦେଇଛନ୍ତି । ବିଶ୍ୱଖାଦ୍ୟ ଯୋଜନାର (World Food Programme) ଏକ୍‌ଜକ୍ୟୁଟିଭ ଡରେକ୍ଟର ଶ୍ରୀ ଏ. ଏଇଚ୍. ବୋମ୍ପେର୍ମା (A. H. Boerma) ଏ ବିଷୟରେ ଯୁକ୍ତରାଷ୍ଟ୍ର-ଆମେରିକାର ସାହସିକ ପଦକ୍ଷେପର ଦୃଷ୍ଟାନ୍ତ ଦେଇ ଏହି ଆସନ୍ନ ସଙ୍କଟର ସମ୍ମୁଖୀନ ହେବାଲଗି ଅଧିକ ଖାଦ୍ୟ ଉତ୍ପନ୍ନ କରିବାକୁ ଆହ୍ୱାନ ଜଣାଇଛନ୍ତି । ତତ୍କାଳୀନ ରାଷ୍ଟ୍ରର ପ୍ରତିନିଧି ଉକ୍ତ ସମ୍ମିଳନୀରେ ରୋମ୍‌ଠାରେ ମିଳିତ ହୋଇଥିଲେ । ରୋମ୍‌ରୁ ପ୍ରେରିତ ଏପ୍ରିଲ ୧୮, ୧୯୬୭ର ଏହି ସମ୍ବାଦ ସଙ୍ଗେ ଇଟାଲିରୁ ମାତ୍ର ୩,୬୦୦ ଟନ୍ ଗହମ ବୋଝେଇ ଏକ ମାଲଜାହାଜ କଲିକତା ଖିଦିରପୁର ଡକ୍‌ରେ ଆସି ପହଞ୍ଚିଗଲଣି ।

ଭାରତର ଖାଦ୍ୟ-ସମସ୍ୟା ଏହିରୂପେ ଆଜି ପୃଥିବୀ-ସମସ୍ୟାରେ ପରିଣତ ହେଲଣି । ଯଥାର୍ଥରେ ବିଚାର କଲେ ରାଜନୀତି, ଅର୍ଥନୀତି, ସମରନୀତି କମ୍ବା ଶାନ୍ତିନୀତି ପ୍ରଭୃତି କୌଣସି ବିଷୟରେ ଗୋଟିଏ ଦେଶ ଆଜି ଅନ୍ୟଠାରୁ ବିଚ୍ଛିନ୍ନ ନୁହେଁ । ଯେ କୌଣସି ଦେଶର ସମସ୍ୟା ଆଜି ସମଗ୍ର ପୃଥିବୀର ସମସ୍ୟାରେ ରୂପାନ୍ତରିତ । ବିଜ୍ଞାନର ବିଶ୍ୱଗ୍ରାସୀ ପ୍ରଗତି ସଙ୍ଗେ ମାନବ ଜୀବନଧାରଣି ଦଶନ୍ଧି ମଧ୍ୟରେ ପୃଥିବୀ ପରିସ୍ଥିତି ଯେ ଆଶାତୀତ-ଭାବରେ ଦ୍ରୁତ ବଦଳିଗଲଣି, ଏହା ଅସ୍ୱୀକାର କରାଯାଇ ନ ପାରେ ।

Digitized by srujanika@gmail.com

ଘରଖଣ୍ଡ ସୃଜନୀତ କମ୍ବା ଅର୍ଥନୀତିର ଯେପରି ଏହି ଜାଗତିକ ପରିବର୍ତ୍ତନରୁ ନସ୍ତାର ନାହିଁ । ଓଡ଼ିଶାକୁ ସେଇପରି ଘରଡରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କମ୍ବା ସ୍ୱତନ୍ତ୍ର ରଖିବା ଭାବିବାର କୃଷି ଶିଳ୍ପ, ଶିକ୍ଷା ବାଣିଜ୍ୟର ଜ୍ଞାନ୍ତରିକ୍ଷଯାନଦ୍ୱାରା ଘରଡର ଅନ୍ୟାନ୍ୟ ଅଞ୍ଚଳ ସଙ୍ଗେ ସେସବୁ ଦିଗରେ ତାକୁ ସମକକ୍ଷ କରିବାର ପ୍ରସ୍ତାସ ଆଜି ଆଉ ସ୍ୱାଧୀନଭାପରେ ମଧୁସୂଦନଙ୍କ ସମୟ ପରି ଦୁଏତ ସୁଗମ ନୁହେଁ—କାରଣ ଦାରୁଗୁହାରର ସୁଗ ଗଡ଼ିଯାଇ ଦ୍ରକ୍ ପ୍ରାପ୍ୟର ସୁଗ ଆସିଛି ।

ମଧୁସୂଦନଙ୍କ ସମୟରେ ଯାହାପାଇଁ କଟୁଷ ଲେଡ଼ା ହୋଇଥିଲା, ଆଜି ଦୁଏତ ତାହା ନଙ୍ଗରେ ଛୁଣ୍ଡି ଗଲଣି । ଆଜି ଦୁଏତ ଉଜ୍ଜଳ ଟାନେର ଥିଲେ ଏକ ବରାଟ ଜାଗିପୁ ଶିଳ୍ପରୂପେ ଦେଖାଦିଅନ୍ତା । ସେଥିଲାଗି ମଧୁସୂଦନଙ୍କୁ ଦେଉଳିଆ ହୋଇ ଶେଷ ଜୀବନ ମନସ୍ତାପରେ କଟାଇବାକୁ ଦୁଅନ୍ତା ନାହିଁ ।

ଶେଷ ପର୍ଯ୍ୟାୟରେ ତାଙ୍କ ସହିତ ପୁଣି ଥରେ ସାକ୍ଷାତର ସୁଯୋଗ ଘଟେ । ଅମେସବୁ କଲେଜ ଗ୍ରୁପ ଥିଲାବେଳେ 'ସବୁଜ ଫସ୍ଲା' ଗଠିତ ହୋଇ ନ ଥିଲେହେଁ ଆମେ ତାହାର କେତେ ଜଣ ଉଦ୍ୟୋକ୍ତା ଏକ ସନ୍ଧ୍ୟାରେ ଯାଇ ମଧୁସୂଦନଙ୍କ କଟକ ବାସଭବନରେ ପହଞ୍ଚିଲୁ । ଗୁରୁ ପାଞ୍ଚବର୍ଷ ପୂର୍ବେ ସ୍କୁଲଗ୍ରୁପ ଥିବାବେଳେ "ଗ୍ରୁପ-ଦର୍ପଣ" ପତ୍ରିକା ଯେଉଁ ଅବସ୍ଥାରେ ତାଙ୍କୁ ଦେଖିଥିଲ, ଆଜି ସେମିତି ସେ ଅନେକ ବୁଢ଼ା ହୋଇଗଲେଣି; ତଥାପି ରୂପର ସେ ଦୀପ୍ତି କାହିଁ ମଉଳି ନାହିଁ ।

ଜଣ ଜଣ କର ଆମ ପରିଚୟ ପତ୍ରର ସେ ବୁଝିଲେ । ତା' ପରେ ଜାଣିବାକୁ ଇଚ୍ଛା କଲେ ଆମ ଆସିବାର ଉଦ୍ଦେଶ୍ୟ । ଶୁଣିଲେ, ଆମେ ଗୁହିଁ ଲେଖିବାକୁ ତାଙ୍କ **Reminiscences** (ସ୍ମୃତିକଥା) । ସେ କେବଳ ସ୍ୱୀକୃତ ହେଲେ ପ୍ରତ୍ୟହ ଆମ ଭିତରୁ କେହି ଜଣେ ଆସି ତାଙ୍କ ପାଖରେ ବସି ଲେଖିନେବେ ।

ଆମ ପ୍ରସ୍ତାବଟି ଶୁଣିସାର ବୈଠକଖାନା ସୋଫା ଉପରେ ସିଧା ହୋଇ ବସି ମଧୁସୂଦନ ଚମକି ପଡ଼ିଲାଭଳି କହିଉଠିଲେ—

"Reminiscences ! ମଧୁସୂଦନ ଦାସର Reminiscences !"

Digitized by srujanika@gmail.com

ତା'ପରେ ଗୁଲଲ୍ ଅନର୍ଗଳ ଘୋଷଣା—

"ତୁମେ ଗୁଣ୍ଡିଚ ମଧୁସୂଦନ ଦାସର Reminiscences ! ସେ ଆଜ ନଃସ୍ୱ, ଦେଉଳିଆ, Insolvent ! 'ଉତ୍କଳ ଟେମେର' ତା'ର ବର୍ହି ହୋଇ ଯାଇଛି, 'The Oriya' ଖବରକାଗଜ ଆଜ ନାହିଁ, ନେଭୁଛି ତା'ର ନଃଶେଷ । କ Reminiscences ଲେଖିବ ତା'ର ? Reminiscences ଲେଖିବାକୁ ଗୁଣ୍ଡିଚ ଯାଅ କୋଣାର୍କକୁ । ସେଇଠି ମିଳିବ ପ୍ରକୃତ Reminiscences, ଓଡ଼ଶାର Reminiscences !"

ନର୍ମମ ସତ ପର କଥାଗୁଡ଼ିକ ସେଇ ଶୀଖୁଁ ପାଣ୍ଡୁର ମୁଖରୁ ବାହାର ଆସି ଗୁମ୍ଫରେ ଆମର ବାଜୁଥାଏ । ମନେ ହେଉଥାଏ, ସେମିଡ ଅବା ଆମ ଆଗରେ କଥା କହୁଛୁ ସ୍ୱୟଂ କୋଣାର୍କ ଦଠାତ୍ ଜୀବନ୍ୟାସ ପାଇ ଓ ଏଇ ସନ୍ଧ୍ୟାରେ ଆମ ସପକ୍ଷରେ ତା'ର ପୂର୍ଣ୍ଣ ବିଶ୍ୱସ୍ୟରେ ଆବର୍ଭୂତ ହୋଇ !

"ଘରଡବର୍ଷ ଭତରେ ଓଡ଼ଶାକୁ ସ୍ୱତନ୍ତ୍ର କର ରଖିଛୁ ଏହା କୋଣାର୍କ, ରଖିବ ଏଇ କୋଣାର୍କ । ଘରଡର ଲଙ୍ଗୁଡ ହୋଇ ପଛରେ ଘୁଷୁର ରହିବନ ଓଡ଼ଶା । ସେ ଘରଡର ହେବ ଅଗ୍ରଣୀ । ଏଇ କୋଣାର୍କର ଦଂଶଧର ଦୁଇକୋଟି ଓଡ଼ଆ ହେବେ ଘରଡର ଅଗ୍ରଣୀ !"

ଦେହସାରା ଆମର ଶୀତେଇ ଉଠିଲ, ରୋମ ଉଠିଲ ଟାଙ୍କୁର । ଅଜାଣତରେ ଆଖି ଆମର ଲୁଡ଼ ଛଳଛଳ ହୋଇପଡ଼ଲ । ନବେଦ ନସ୍ତବ୍ଧ ଅପଲକ ଆଖିରେ ଗୁମ୍ଫାଭତରକୁ ଆମ ସମକ୍ଷରେ ଆସୀନ ସେଇ ଜୀବନ୍ତ କୋଣାର୍କର ଚକ୍ରଡକୁ । ସେଇ ଚକ୍ରଡର ମୁଖରୁ ହିଁ ଶୁଣିପାରିଲୁ— ଦୁଇ କୋଟି ଓଡଶାବାସୀଙ୍କ ମୁଖର ଘୋଷା ! ପ୍ରାଣର ବାଣୀ !

Digitized by srujanika@gmail.com

ଆପଣଙ୍କ ପାଠାଗାର ପାଇଁ

ଗୋଦାବରୀଶ ଗ୍ରନ୍ଥାବଳୀ

ପ୍ରଥମ ଖଣ୍ଡ—ଆତ୍ମଜୀବନୀ, କାବ୍ୟ-କବିତା ₹ ୨୦.୦୦
ଦ୍ୱିତୀୟ ଖଣ୍ଡ—କ୍ଷୁଦ୍ର ଗଳ୍ପ, ଉପନ୍ୟାସ ₹ ୨୫.୦୦
ତୃତୀୟ ଖଣ୍ଡ—ନାଟକ, ପ୍ରବନ୍ଧ ₹ ୩୦.୦୦

ଫକୀରମୋହନ ଗ୍ରନ୍ଥାବଳୀ

ପ୍ରଥମ ଖଣ୍ଡ—ଆତ୍ମଚରିତ, କାବ୍ୟ-କବିତା ₹ ୨୩.୦୦
ଦ୍ୱିତୀୟ ଖଣ୍ଡ—କ୍ଷୁଦ୍ର ଗଳ୍ପ, ଉପନ୍ୟାସ ₹ ୨୫.୦୦

ନୀଳକଣ୍ଠ ଗ୍ରନ୍ଥାବଳୀ

ପ୍ରଥମ ଖଣ୍ଡ—ଆତ୍ମଜୀବନୀ, କାବ୍ୟ-କବିତା ₹ ୨୦.୦୦
ଦ୍ୱିତୀୟ ଖଣ୍ଡ—ରାମାୟଣ, ମହାଭାରତ ଇତ୍ୟାଦି ₹ ୨୫.୦୦
ତୃତୀୟ ଖଣ୍ଡ ଓ ଚତୁର୍ଥ ଖଣ୍ଡ—(ପ୍ରକାଶ ଅପେକ୍ଷାରେ)

ମଧୁସୂଦନ ଗ୍ରନ୍ଥାବଳୀ

ଲବ୍ଧପ୍ରତିଷ୍ଠ ସାହିତ୍ୟିକ ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ
ଲିଖିତ ଜୀବନୀ ଓ ସମାଲୋଚନା ସହ ₹ ୧୫.୦୦

ଓଡ଼ିଶା ଇତିହାସ

ଡକ୍ଟର ହରେକୃଷ୍ଣ ମହତାବ
ପ୍ରଥମ ଖଣ୍ଡ—₹ ୧୨.୫୦ ଦ୍ୱିତୀୟ ଖଣ୍ଡ—₹ ୭.୫୦

ମହାନିର୍ବାଣ

ଶ୍ରୀ ସୁରେନ୍ଦ୍ର ମହାନ୍ତି
(ବାରଗୋଟି ପ୍ରଖ୍ୟାତ କ୍ଷୁଦ୍ର ଗଳ୍ପର ସଂଚୟନ) ₹ ୫.୦୦

ଶ୍ରୁତି ସଂଚୟନ

ସ୍ୱର୍ଗତ ଗୋଦାବରୀଶ ମହାପାତ୍ର
(କେତୋଟି ଉପାଦେୟ କ୍ଷୁଦ୍ର ଗଳ୍ପର ସମାହାର) ₹ ୫.୦୦

କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର
କଟକ-୨

Digitized by srujanika@gmail.com

ଓଡ଼ିଆ ଜାତି ଓ
ଉତ୍କଳ ଗୌରବ ମଧୁସୂଦନ

ଶ୍ରୀମତୀ ସରଳା ଦେବୀ

(ଏକ)

ଓଡ଼ିଆଜାତି ଗୋଟିଏ ଅତି କୃତଘ୍ନ ଜାତି ବୋଲି ମୋର ବଦ୍ଧମୂଳ ଧାରଣା । କାରଣ ମଧୁବାବୁ ଆମ ଜାତିପାଇଁ ଶେଷ ନିଃଶ୍ୱାସପର୍ଯ୍ୟନ୍ତ ଯେଉଁ ମହାନ୍ ତ୍ୟାଗ ଓ ସେବା କରିଯାଇଛନ୍ତି, ତାହାର ବିପୁଳତାର ତୁଳନାରେ ଯେତିକି ଓଜନ, ତାହାର ଅନୁପାତରେ ଶତାଂଶରୁ ଏକାଂଶ ମଧ୍ୟ କୃତଜ୍ଞତାର ସ୍ମାରକୀ ଏ ଜାତି ସାଇତି ପାରିନାହିଁ । ପୃଥିବୀର ଅନ୍ୟ କୌଣସି ଜାତିକଥା କହିବା ନାହିଁ । ଗତ ଶତବର୍ଷରେ ଲୋକମାନ୍ୟ ତିଳକ, ଗୋଖଲେ-ଲାଲ୍ ଲଜପତ୍‌ରାୟ, ସୁଭାଷ ବୋଷ, ଦେଶପ୍ରିୟ ଚିତ୍ତରଞ୍ଜନ, ରବିନ୍ଦ୍ର ନାଥଙ୍କ ପାଇଁ ସେମାନଙ୍କ ପ୍ରଦେଶର ଲୋକେ ଯେପରି ମୂଲ୍ୟବାନ୍ ସ୍ମୃତି ରଖିଛନ୍ତି, ଆମ ଓଡ଼ିଆଜାତି ଅବା ତାର ପ୍ରତିନିଧି ସରକାର ତାହାଠାରୁ ବହୁଳାଂଶରେ ଅଳ୍ପ ସ୍ମୃତିରକ୍ଷା ମଧ୍ୟ କରିନାହିଁ । କେବଳ ସରକାରୀ ଆଇନ କଲେଜର ନାମ 'ମଧୁସୂଦନ ଲ-କଲେଜ'; ଲେଡ଼ି ଡ଼ଫରିନ୍ ମାଟରନିଟି ହସପିଟାଲର ନାମ 'ମଧୁସୂଦନ ମାଟରନିଟି ସେଣ୍ଟର' ନାମକରଣ କର ବଦଳାଇଦେଲେ ବା ଖସୁରିଆ ଗ୍ରାମର ନାମ 'ମଧୁପାଟଣା' ନାମରେ ନାମିତ କରିଦେଲେ, ଉତ୍କଳ ସାହିତ୍ୟ ସମାଜରେ 'ଉତ୍କଳ-ଗୌରବ ମଧୁସୂଦନ ପାଠାଗାର' ବୋଲି ସ୍ଲେଟ କୋଠା ଖଣ୍ଡେ କରିଦେଲେ ଏ ଜାତି ମଧୁବାବୁଙ୍କ ଋଣ ପରିଶୋଧ କଲା ବୋଲି ଆତ୍ମତୃପ୍ତି ପାଇବା ଉଚିତ ନୁହେଁ । କେତେଥର ମଧୁବାବୁଙ୍କ ସ୍ମୃତି କମିଟି ଗଢ଼ାହେବା, ରାଶି ରାଶି ଟଙ୍କା ଉଠେଇବା ଦେଖିଛୁ । ତହିଁର ଘର ଉତ୍କଳର ବହୁ ଗଣ୍ୟମାନ୍ୟ ବିଶିଷ୍ଟ, ଶିକ୍ଷିତ ଲୋକ ନେଇଛନ୍ତି । କନକାରଜା ସଭା କରି ଗୋଟିଏ କମିଟି ଗଢ଼ି ରାଶି ଟଙ୍କା ଉଠାଇଥିଲେ । ଉମାଚରଣ ଦାସ, ରାୟ ବାହାଦୁର ମୁକୁନ୍ଦପ୍ରସାଦ ଦାସ, ଉତ୍କାଶଚରଣ ପଟ୍ଟନାୟକ ପ୍ରମୁଖ ନାଁ ଭୁଲିଥିବା ବହୁ ବିଶିଷ୍ଟ ଲୋକେ ଦାୟିତ୍ୱ ନେଇଥିଲେ । ରାଶି ରାଶି

Digitized by srujanika@gmail.com

ବାରମ୍ବାର ଉଠିଛି; ମାତ୍ର ବୁଡ଼ୁଛି । ତାର ହତାବକତାବ ଗୁଡା ଚସିଦଖାତା ମଧ୍ୟ ସେହି ଦଶା ଲଭିଥିଲା । ଯେଉଁ ମଧୁବାବୁ ତାଙ୍କ ଜୀବନବ୍ୟାପୀ ଚେଷ୍ଟାରେ ଓଡ଼ଆଣୀମାନଙ୍କୁ ଏ ଯୁଗର ଶିକ୍ଷା-ସଂସ୍କୃତିର ଆଲୋକ ଦେଇଥିଲେ, ତାଙ୍କ ପ୍ରତିଷ୍ଠିତ କଲେଜ ତାଙ୍କ ଅନ୍ତେ ଶୈଳବାଳା ମହିଳା କଲେଜ ନାମ ବହନ କଲା । ମଧୁବାବୁଙ୍କ କୋଠାରେ ନାଗ୍ନ କଲେଜ ହେଲା; ମାତ୍ର ମଧୁବାବୁଙ୍କ ନାମରେ ନାମିତ ହେଲା ନାହିଁ । ଓଡ଼ଆ ଚରିତ୍ର ବଶେଷତ୍ୱପର ସୋଡା ବୋତଲ ଠିପି ଖୋଲାହେଲା । ଓଡ଼ଶା ଆସେମ୍ବ୍ଲିରେ ପାଟିତୁଣ୍ଡ, ଝେବୁଲବାଡ଼ଆ, ଖବରକାଗଜରେ ରାଗ ଝାଡ଼ ଓଡ଼ଆଜାତି କର୍ତ୍ତବ୍ୟ ଶେଷ କଲା । ରେଭେନ୍ସା କଲେଜର ନାଁ ବଦଳାଇ ମଧୁସୂଦନ କଲେଜ ହେଲା ନାହିଁ । ଶୈଳବାଳା ମହିଳା କଲେଜ ନାମ ସେହିପର ରହିଲା । କୃତଘ୍ନତାର ଉଦାହରଣ ନାନାରୂପରେ ଏହିପର ରହିଅଛି ।

ମଧୁବାବୁଙ୍କ ମୃତ୍ୟୁବାର୍ଷିକୀ ଗୁଡ଼ରେ (୯ । ୨ । ୬୬) ଏବେ ଉତ୍କଳର ମନ୍ତ୍ରୀଭାବ ଟାଉନହଲ ମିଟିଂରେ କହିଥିଲେ ଯେ "ମଧୁବାବୁଙ୍କର ସବୁଠାରୁ ବଡ଼ ଅବଦାନ ହେଉଛି ଯେ ଯେତେବେଳେ ଗୁରୁଆଡ଼େ ବଇନ୍ଦ ପ୍ରଭୃତିବେଶୀ-ମାନଙ୍କର ପ୍ରାଧାନ୍ୟ ଓ ଚଳନ୍ତି ଗୁଲଥିଲା,ସେତେବେଳେ ମଧୁବାବୁ ଓଡ଼ଶାର ଗୌରବ ବଜାୟ ରଖି ଜାତିକୁ ଧ୍ୱଂସମୁଖରୁ ରକ୍ଷା କରିଥିଲେ । ଗୋଟିଏ ପଟରେ ହିନ୍ଦୀ, ଅନ୍ୟ ପଟରେ ତେଲୁଗୁ, ଆଉ ଏକ ପଟରେ ବଙ୍ଗଳା ସଂସ୍କୃତି, ଓଡ଼ଆ ଜାତିର ସଂସ୍କୃତି ଓ ଜାତୀୟତା ଲୋପ କରିବାକୁ ବସିଥିଲା ।" ଆଜି କ'ଣ ପରିସ୍ଥିତି ଏଥାଠାରୁ ଅଲଗା ଅଛି ? ଅନେକ ଘରବାଘ ଏ ଜାତିର ସଂସ୍କୃତି ଓ ଐତିହ୍ୟକୁ ପଣ୍ୟଦ୍ରବ୍ୟରେ ବଦଳେଦେବାକୁ ତତ୍ପରୋନାସ୍ତି ହେଉନାହାନ୍ତି । ମଧୁବାବୁଙ୍କ ପରିକଳ୍ପନାର ସୁବର୍ଣ୍ଣ ସମ୍ଭାବନା ତାଙ୍କ ମୃତ୍ୟୁର ମାତ୍ର କେତୋଟି ବର୍ଷପରେ ବମୂର୍ଚ୍ଛିତ ହୋଇପଡ଼ିଅଛି । ଏ ଦୁସ୍ଥିତରୁ ଓ ଆତ୍ମଗ୍ଲାନିରୁ ଏ ଦେଶକୁ ପୁଣି କଏ ଉଦ୍ଧାର କରିବ ?

ଶ୍ରୀ ନବକିଶୋର ଦାସଙ୍କ ଲିଖିତ 'ଉତ୍କଳ-ଗୌରବ ମଧୁସୂଦନ ଜୀବନୀ'ର ମୁଖବନ୍ଧରେ ସ୍ୱର୍ଗତଃ ଚନ୍ଦ୍ରାମଣି ଆତ୍ମପଂଥ ଜୀବନୀକାର ଶ୍ରୀ ଦାସଙ୍କ ଲିଖିତ ଏକ ତଥ୍ୟର ପ୍ରତିକୂଳ ମତାମତ ଦେଇଛନ୍ତି । ତାଙ୍କ ମତରେ ପରଗୁଳଡ ହୋଇ ପଣ୍ଡିତ ଶ୍ରୀ ନିଳକଣ୍ଠ ଦାସ ମଧ୍ୟ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଯେ—"ଥରେ ୧୮୬୪ ସାଲରେ ଗୋବିନ୍ଦବଲ୍ଲଭ ନାମରେ

Digitized by srujanika@gmail.com

ମଧୁବାବୁ କଟକରୁ ଏଣ୍ଟ୍ରାନସ ପାଶ କଲେ । ପରେ କଲିକତା ଯାଇ ଖ୍ରୀଷ୍ଟାନ୍ ପାଦ୍ରୀମାନଙ୍କ ପ୍ରଭାବରେ ପଡ଼ି ମଧୁସୂଦନ ଦାସ ନାମରେ ଆଉ ଥରେ ଏଣ୍ଟ୍ରାନ୍ସ ପାଶ କଲେ ।" ଯେତେବେଳେ ସ୍ୱର୍ଗୀୟ ଚନ୍ଦ୍ରାମଣି ଆଦ୍ୟପଂଏ ଏହା ମୁଖବନ୍ଧ ଲେଖୁଥିଲେ, ସେତେବେଳେ ସେ ଜଜ୍ଜଳ ବଶ୍ୱବିଦ୍ୟାଳୟର କୁଳପତ୍ତ ଥିଲେ । ସେ ଝିକଏ କଷ୍ଟ ସ୍ୱୀକାର କର କଲିକତା ବଶ୍ୱ-ବିଦ୍ୟାଳୟରୁ ୧୮୬୯-୬୫ ସାଲର କ୍ୟାଲେଣ୍ଡାର ବା କଲିକତା ଗେଜେଟ୍ ମଗାଇ ଏହାର ସତ୍ୟାସତ୍ୟ ପରୀକ୍ଷା କରିପାରିଥାନ୍ତେ । ଗୋଟିଏ ଗାଁ ପୁରେହନ୍ତ କଥା ଶୁଣି ତାହାକୁ ସେ ପ୍ରକୃତ ତଥ୍ୟ ଭାବିଲେ ? ସେକେଣ୍ଡାରୀ ସ୍କୁଲର ଓଡ଼ିଆ ପାଠ୍ୟ ପୁସ୍ତକରେ ମଧ୍ୟ ଆଦ୍ୟପଂଏ ମହାଶୟ ସେହି ଭୁଲ କଥା ଲେଖିଛନ୍ତି । ଏ ଭୁଲ ଏପର୍ଯ୍ୟନ୍ତ ସଂଶୋଧନ ହେଲ ନାହିଁ । ମଧୁବାବୁଙ୍କ ବାଲ୍ୟଜୀବନରେ ତାଙ୍କ ନାମ ଗୋବିନ୍ଦବଲ୍ଲଭ ଥାଇ-ପାରେ; କନ୍ତୁ ତାଙ୍କର ପିତା ମଧୁବାବୁଙ୍କୁ କଟକ ଅଣି ୧୦-୧୨ ବର୍ଷ ବୟସବେଳେ କଟକ ସ୍କୁଲରେ ଯେତେବେଳେ ନାମ ଲେଖାଇଲେ, ସେତେବେଳେ ତାଙ୍କ ପୁଅଙ୍କ ନାମ ମଧୁସୂଦନ ଦାସ ବୋଲି ଲେଖାଇଥିଲେ । ତା'ର ପ୍ରମାଣ ଜାନୁୟାରୀ ୧୮୬୫ ମସିହା କଲିକତା ଗେଜେଟ୍‌ରେ ପ୍ରକାଶିତ ତଥ୍ୟରୁ ମିଳିଥାଏ । ୧୮୬୯ ସାଲରେ କଟକ ସ୍କୁଲରୁ ଯେଉଁ ପାଞ୍ଚଜଣ ଛାତ୍ର ଏଣ୍ଟ୍ରାନ୍ସ ପାଶ୍ କରିଥିଲେ,ସେମାନଙ୍କ ମଧ୍ୟରୁ ମଧୁସୂଦନ ଦାସ ଓ ମଧୁସୂଦନ ମହାପାତ୍ର ନାମକ ଦୁଇଜଣ ଓଡ଼ିଆ ଛାତ୍ର ପାଶ୍ କରିଥିବା ଲେଖାଯାଇଅଛି । ଏହିପରିପ୍ରେକ୍ଷୀରେ ଆମ ଜାତିର ଜ୍ଞାନୀ ପଣ୍ଡିତ ଲୋକେ ମଧୁବାବୁଙ୍କ ପ୍ରତ୍ୟାଣପତ୍ରେ ତାଙ୍କପ୍ରତି ଶ୍ରଦ୍ଧା-ସମ୍ମାନ-ସୂଚକ 'ତର୍ପଣ' କର୍ମ ସମାପନ କରିଯାଇଛନ୍ତି । ଆଶ୍ଚର୍ଯ୍ୟ ଦୁଃଖ ଲାଗେ ଯେ 'ସମାଜ' ସଂପାଦକୀୟରେ (୪ । ୨ । ୬୭ ତାରିଖରେ) ମଧୁବାବୁଙ୍କ ବଷୟରେ ସେହି ମିଥ୍ୟା ତଥ୍ୟର ପୁନରାବୃତ୍ତି କରାଯାଇଅଛି । ତହିଁରେ ଲେଖାଅଛି—"ପଢ଼ା ଗୁଡ଼ ନାଁ ବଦଳାଇ ବଦେଶକୁ ପଳାଇଯାଇ ପୁଣି ପାଠ ପଢ଼ିଲେ ।" ଏଥିରେ ଖାଲି ମିଥ୍ୟା ଖବର ନାହିଁ; ସଂପାଦକ ଗୁଜବ ମଧ୍ୟ ସୃଷ୍ଟି କରିଦେଇଛନ୍ତି । ଯେଉଁ ବ୍ୟକ୍ତି ଓଡ଼ିଶାରେ ଜନ୍ମ ନ ହୋଇଥିଲେ ଓଡ଼ିଶା ପ୍ରଦେଶର ମାନଚନ୍ର ବଦଳିଯାଇଥାନ୍ତା, ଓଡ଼ିଆ ଜାତି ଓ ତାର ଭାଷା ନ ଥାନ୍ତା—ତାହାଙ୍କ ସମ୍ବନ୍ଧରେ ଆମର ସ୍ପଷ୍ଟ ଧାରଣା ଏଯାବତ୍ ନ ହେବା ଏ ଜାତିର ଚରମ ଅଦାସୀନତାର ପରିଚୟ ।

Digitized by srujanika@gmail.com

ମଧୁବାବୁ ଓଡ଼ିଆ ଜାତିର ମଉଡ଼ମଣି । ସେ ଗଲେ—ଓଡ଼ିଶା-ମଥାମଣି ଖସିଗଲା । ତାଙ୍କର 'ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ'ରେ ସେ ଗୃଷ୍ଟୀଙ୍କୁ ବହୁତ ଅଧିକାର ଦେଇଥିଲେ । ସ୍ୱାୟତ୍ତଶାସନ ବଲ୍ ଓ ମ୍ୟୁନସିପାଲଟି ଆଇନ ବହାର ଓ ଓଡ଼ଶାର ସ୍ୱାୟତ୍ତଶାସନ ବଙ୍ଗଗକୁ ଅଦ୍ୟାପି ପଥ ଦେଖାଉଛୁ । ଓଡ଼ଆ ଗୃଷ୍ଟୀମାନଙ୍କ ପାଇଁ ମଧୁବାବୁ ଲଢ଼ୁଥିଲେ; ମାନ ଏବେ ମଧୁବାବୁଙ୍କ ବଦେହୀ ଆତ୍ମା ଦେଖୁଥିବ କଟକର ମହାନଦୀପଠାରେ ଝିଙ୍କିଣିଆ ଓ ମଧୁବନ ଗୃଷ୍ଟୀ ପଈବା ଓ ଶସ୍ୟ ନ ଫଳାଇ ଫଳାଉଛନ୍ତି ଗୁଜୁରୁଟୀ ଗୃଷ୍ଟୀ । ସରକାରଙ୍କଠାରୁ ସେମାନେ ହିଁ ପଠା ନଲ୍ଲମ ଧରୁଛନ୍ତି । ଯେଉଁ ମେଦନାପୁର ଓଡ଼ଶାରୁ ବଚ୍ଛିନ୍ନ ହୋଇଗଲା, ସେଠାରୁ ବଙ୍ଗାଳୀ ଗୃଷ୍ଟୀମାନେ ଆସି ହଜାର ହଜାର ଏକର ଉପକୂଳ ଜମି ଓ କନ୍ଧାରେ ସରକାରଙ୍କ ଅନୁଗ୍ରହରେ ଗୃଷ କର ଫସଲ ଫଳାଉଛନ୍ତି । ଓଡ଼ଆ ଗୃଷ୍ଟୀମାନେ ସେ ସୁଯୋଗ ନେଉ ନାହାନ୍ତି । ଓଡ଼ିଶାର ଗ୍ରାମେ ଗ୍ରାମେ ତେଲେଙ୍ଗା ଗୃଷ୍ଟୀ-ମୂଲଆ ଗୃଷକାମ କରୁଛନ୍ତି । ଆନ୍ଧ୍ରରୁ ଅଣ୍ଡା, ପଈବା, କଦଳୀ; ହାଇଦ୍ରାବାଦରୁ ମାଛ ଓ୍ୱାଗନ ଓ ଟ୍ରକ୍ ନଇଚ୍ଛ ଆସି କଟକ ସହରରେ ଜମା ହୋଇ ଓଡ଼ିଆଙ୍କ ପ୍ରାଣରକ୍ଷା କରୁଛୁ । ସୁକୁମାର ଓଡ଼ିଆ ଜାତ ବାବୁଟିଶର ଟିକସ ଦେଇ ଦେଇ ପ୍ରାଣହୀନ, ରକ୍ତହୀନ ! ଓଡ଼ିଶାର ଗାଁରେ ଏବେ ଓଡ଼ିଆ ଗଉଡ଼, ଗୃଷ୍ଟୀ, କମାର, କୁମ୍ଭାର, ବ୍ରାହ୍ମଣ, ତେଲି କେହି ନଜ ଜାତିଆଣ ବ୍ୟବସାପୁ କରନ୍ତି ନାହିଁ । ସମସ୍ତେ ପାରଦ୍ୱୀପ ଜମା ଉତ୍ତରକୋଲ ବା ଓଡ଼ିଶା ବାହାରେ କୁଲିକାମ କରିବାରେ ବ୍ୟସ୍ତ । ଗାଁରେ ଘରଦ୍ୱାର ଝାଙ୍ଗିଗଲାଣି, ହଳଦତା ନାହିଁ, ଭାଗବତ ଟୁଙ୍ଗୀ ନାହିଁ କ ଗାଁ-ମେଳଣ ନାହିଁ । ଲୁଣୀ ଗ୍' ପିଇ, ଭାଓ୍ୱାପେଣ୍ଡା ପିଇେଇରେ ରହି ଲେକେ ପିତୃକେତ୍ତଷା ଗୃଷ, ଗାଈକାମ ଚୁଡ଼ି ଭକାର—ପର ଗାଁରେ କୁଲ । ମଧୁବାବୁଙ୍କ ସ୍ୱପ୍ନଚ୍ଛ କଳଗତ୍ତରେ ବଳଗଲା । ତେଲଗୁ, ବଙ୍ଗାଳୀ, ଗୁଜୁରୁଟୀ, ତାମିଲ ଏ ଦେଶର ସବୁ ବେତ୍ତସା ମାଡ଼ିବସିଲେ । ଅଯୋଗ୍ୟ ନବ୍ୱୋଧ, ଅକୃତଜ୍ଞ, ମୂର୍ଖ, ଗରବ ଓଡ଼ିଆ ଘୁଣି ସେଉଁ ଅନ୍ଧକାରରେ ଥିଲ ସେଇଠି ରହିଲ ।

(ଦୁଇ)

ମୋର ମନେ ଅଛି, ୧୯୨୦ ସାଲରେ ଯେତେବେଳେ ଉତ୍କଳମଣି ଗୋପବନ୍ଧୁ କଂଗ୍ରେସରେ ଯୋଗ ଦେଇ ଜାତୀପ୍ର କଂଗ୍ରେସ

Digitized by srujanika@gmail.com

ଅନୁସ୍ଥାନକୁ ଓଡ଼ିଶାକୁ ଆଣିବାକୁ ବସିଥିଲେ, ସେ କାଳରେ ଇଂରେଜ ସରକାରଙ୍କ କର୍ମଚାରୀ ଓ ପ୍ରତିନିଧି ଡାଏୱାର ସାହେବ ପଞ୍ଜାବର ଅମୃତସରରେ ୧୫୦୦ ନରୁଥାପୁ, ନିରସ୍ତ୍ର ଲୋକଙ୍କୁ ଜାଲିୟାନୱାଲାବାଗ୍‌ରେ ମେସିନ୍‌ଗନ୍ ସାହାଯ୍ୟରେ ନର୍ମମସ୍ତବେ ହତ୍ୟା କରିଥିଲେ । ଇଂରେଜଙ୍କ ବଡ଼ଲାଟ ଯେଉଁ ଆକ୍ଟ ଜାରି କରିଥିଲେ, ତହିଁରେ ଲୋକେ ଏକାଠି ମିଳ ସଭା କରିବା ବାରଣ ଥିଲା । ମାତ୍ର ପଞ୍ଜାବୀ ନେତାମାନେ ଲଜ୍‌ପତ୍ ରାୟଙ୍କ ପ୍ରେରଣାରେ ଏହି ଆଇନର ବରୁଦ୍ଧାଚରଣ କରି ପ୍ରତିବାଦ ସଭା କଲେ । ସେଥିପାଇଁ ଯେଉଁ ହତ୍ୟାକାଣ୍ଡ ଘଟିଲା, ତାହା ସାରା ଭାରତରେ ଇଂରେଜ ସରକାର ବରୁଦ୍ଧରେ ଛକ୍କତା ଖେଳାଇ ଦେଲା ଏବଂ ମହାତ୍ମା ଗାନ୍ଧୀ ଏ ଘଟଣାରେ ବଚଳିତ ହୋଇ ପ୍ରଥମେ ଅହିଂସ ଅସହଯୋଗ ଡାକରା ଦେଲେ । ସେ ସମୟରେ ମଣ୍ଟେଗୁ-ଚେମସଫୋର୍ଡଙ୍କ ନୂଆ ଭାରତ-ସଂସ୍କାର ଆଇନରେ ଭାରତକୁ ଯେଉଁ ଅଧିକାର ଦଆଯାଇଥିଲା, ତାହା ଫଳରେ ମଧୁବାବୁ ବିହାର ଓଡ଼ିଶାର ମନ୍ତ୍ରୀ ହୋଇଥିଲେ ।

ଅସହଯୋଗ ଆନ୍ଦୋଳନରେ ଯୋଗ ନଦେଇ ଇଂରେଜ ସରକାର ସହିତ ହାତ ମିଳାଇବାରୁ ଓଡ଼ିଆ ଲୋକେ ଓ ପ୍ରାୟ ଯୁବକମାନେ ତାଙ୍କ ବିରୋଧରେ ଠିଆହେଲେ ଓ ମଧୁବାବୁଙ୍କ ମନ୍ତ୍ରୀତ୍ୱ ପ୍ରସ୍ତାବକୁ ନାପସନ୍ଦ କରି କଟକରେ ସଭା କରିଥିଲେ । ସେମାନେ ଏକ ଶୋଭାଯାତ୍ରାରେ ମଧୁବାବୁଙ୍କ କୁଶ ପ୍ରତିକୃତିକୁ ମଧ୍ୟ ପୋଡ଼ିପକାଇଲେ । ସେହି ସମୟରୁ ମଧୁବାବୁଙ୍କ ସହିତ ଦେଶର ଯୁବକମାନଙ୍କର ଆନ୍ତରିକ ସଂପର୍କ ଓ ମଧୁବାବୁଙ୍କ ନେତୃତ୍ୱ ଓଡ଼ିଶାରେ ମଳନ ପଡ଼ିଗଲା । ମଧୁବାବୁ କହୁଥିଲେ, "ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ନ ହେବାଯାଏ ଓ ବଙ୍ଗଭାଷାଞ୍ଚଳର ଓଡ଼ିଆ ଭାଷାଭାଷୀମାନେ ଏକ ଶାସନରେ ଗୋଟିଏ ପ୍ରଦେଶରେ ନ ରହିବାଯାଏ ଆମେ ସରକାର ସହିତ ଅସହଯୋଗ କଲେ 'ଉତ୍କଳ ସମ୍ମିଳନୀ'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କେବେ-ହେଲେ ସାଧିତ ହେବ ନାହିଁ । କଂଗ୍ରେସର ନଗିଲ ଭାରତୀୟ ସମସ୍ୟାମାନଙ୍କ ସହିତ ଆମର ପ୍ରାଦେଶିକ ସମସ୍ୟା ସ୍ୱତନ୍ତ୍ର ହୋଇ ରହିବ ନାହିଁ । ୧୯୦୩ ସାଲରୁ ମୁଁ ଆରମ୍ଭ କରିଥିବା ସମ୍ମିଳନୀର ସ୍ୱପ୍ନ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ-ସମୁଦ୍ରରେ ନିଜ ସତ୍ତା ହରାଇ ବୁଡ଼ିଯିବ । ଗୋଟିଏ ମୂର୍ଖ, ଗର୍ବ, ଆତ୍ମଚେତନାଦ୍ଦୀପ୍ତ ଓଡ଼ିଆ ଜାତିର ଭବିଷ୍ୟତ ଅନ୍ଧାର ହୋଇଯିବ । କେବେହେଲେ ଓଡ଼ିଆ ନିଜ ପ୍ରଦେଶ ପାଇବ ନାହିଁ—ଚିରକାଳ ପଙ୍ଗୁ ହୋଇ ରହିଯିବ ।"

Digitized by srujanika@gmail.com

ତାଙ୍କର ଏହି ଧାରଣା ଏତେ ଦୃଢ଼ ବିଶ୍ୱାସ ଭିତ୍ତି ଉପରେ ଅଚଳ ଓ ଅଟଳ ହୋଇ ରହିଥିଲା ଯେ ସେ ଓଡ଼ିଶାର ବଞ୍ଚିବା ମରିବା ସମସ୍ୟାର ସମାଧାନଠାରୁ ଘରଭର ସ୍ୱାଧୀନତାକୁ ବଡ଼ କରି ଦେଖୁ ନ ଥିଲେ । ତାଙ୍କର ଅନୁଚର, ଭକ୍ତ ଗୋଷ୍ଠୀମାନେ ତାଙ୍କ ଗୋଡ଼ତଳୁ ମାଟି ଖସାଇ ଦେଇ କଂଗ୍ରେସରେ ମିଶିଲେ, ସ୍ୱରାଜ ଆନ୍ଦୋଳନରେ ମାତିଲେ; ମାତ୍ର ସେ ରହିଲେ ତାଙ୍କ ଓଡ଼ିଆ ଜାତି ଓ ଓଡ଼ିଶା ଦେଶ ସମ୍ବନ୍ଧରେ ସଚେତନ । ଇଂରେଜ ସରକାର ସହିତ ସେ ସେହି କାରଣରୁ ସମ୍ବନ୍ଧ ଛିଡ଼ି ନ ଥିଲେ । ଯଦି ସେ ସେକାଳରେ କଂଗ୍ରେସରେ ଯୋଗ ଦେଇଥାନ୍ତେ ପଟ୍ଟଲ, ରାଜେନ୍ଦ୍ର ବାବୁ, ନେହରୁ ପ୍ରମୁଖଙ୍କ ଭଳି ଘରଭର ଜଣେ ଭୁଇଁନେତା ହୋଇଥାନ୍ତେ ଓ ବଡ଼ ମାନ ପାଇଥାନ୍ତେ । ମାତ୍ର ତାଙ୍କୁ ଆଶୁ ଘରଘାପୁ ନେତୃତ୍ୱର ମୋହ ଆଦୌ ପ୍ରଲୋଭିତ କଲା ନାହିଁ । ତାଙ୍କର ଘର ଗୁଜି-ଗଲା; ମାତ୍ର ସେ ଭଙ୍ଗା କୁଡ଼ିଆରେ ନଜର ଲକ୍ଷ୍ୟ ହାସଲ କରିବା ପାଇଁ ବସିରହିଲେ । ଓଡ଼ିଆ କପର ବଢ଼ି ହେବ, ସମାଜଶିକ୍ଷା, ଗ୍ରାଜୁଏଟ୍, ଅର୍ଥଗତ ସବୁଦିଗରେ ଉନ୍ନତି ହେବ, ଏହା ରହିଲା ତାଙ୍କର ଧ୍ୟାନ ଜ୍ଞାନ । ଓଡ଼ିଆ ଲୋକେ ଘରଡ଼ ସରକାରରେ ବଡ଼ ଚାକିରି ପାଇବେ, ଓଡ଼ିଆ ଲୋକେ ବାଣିଜ୍ୟ-ବ୍ୟବସାୟ କରି ଧନୀ ହେବେ, ଓଡ଼ିଆ ଲୋକେ କଲେଜରେ ପଢ଼ି ଗ୍ରାଜୁଏଟ୍ ହେବେ, ଜନତା ପାଠ ପଢ଼ି ଆତ୍ମଚେତନା ପାଇ ନଜ ଜାତିର ଦାବି କ'ଣ ତାହା ବୁଝି ଘରଭବର୍ଷର ସବୁ ପ୍ରଦେଶ-ମାନଙ୍କ ସହିତ ନଜର ଭାଷା ମସ୍ତକକୁ ବଜାୟ ରଖି ଚଳିବେ, ଏଇ ଥିଲା ତାଙ୍କର ଇଷ୍ଟମନ୍ତ୍ର । ତେଣୁ ଯେଉଁ କଂଗ୍ରେସ ଆରମ୍ଭକାଳରୁ ତହିଁରେ ନେତୃତ୍ୱ ନେଇଥିଲେ, ଯୋଗ ଦେଇଥିଲେ, ଆମ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଦାବିର ସମସ୍ୟାକୁ ତତ୍କାଳୀନ କଂଗ୍ରେସ ନେତା ସୁରେନ୍ଦ୍ରନାଥ ବାନାର୍ଜି ଗ୍ରହଣ ନ କରିବାରୁ ଏବଂ ଓଡ଼ିଆ ଜାତିର ଉନ୍ନତି ପ୍ରଗତି ପାଇଁ କିଛି କାର୍ଯ୍ୟ କରିବାକୁ ରୁଜି ନ ହେବାରୁ ବହୁକାଳରୁ ମଧୁବାବୁ କଂଗ୍ରେସ ସଂସ୍ଥା ଗଢ଼ିଦେଇଥିଲେ । ଓଡ଼ିଆ ଜାତିକୁ ଘରଭରେ, ପୃଥିବୀରେ ସବୁଦିଗରୁ ବଡ଼ କରିବା ତାଙ୍କର ପ୍ରବଳ କାମନା ଥିଲା । ତେଣୁ ତାଙ୍କର ଉଦ୍ଦେଶ୍ୟ ଯେଉଁ ସଂସ୍ଥାରେ ସିଦ୍ଧି ହେବାର ସମ୍ଭାବନା ଦେଖିଲେ ନାହିଁ, ସେହି ସଂସ୍ଥାରୁ ହଟିଲେ । ପଣ୍ଡିତ ଗୋପବନ୍ଧୁଙ୍କୁ ମଧ୍ୟ ସେ ଉତ୍କଳ ସମ୍ମିଳନୀ ଆଦର୍ଶରେ ଅନୁପ୍ରାଣିତ କରୁଥିଲେ । ତେଣୁ ଗୋପବନ୍ଧୁ ମଧୁବାବୁଙ୍କୁ ଖୁବ୍

Digitized by srujanika@gmail.com

ଉଲ୍ଲେଖ କର ନଜର ଗୁରୁପର ଓ ନେତାପର ମାନୁଥିବାରୁ ଗୋପବନ୍ଧୁ ଦାସ ଯେଉଁ ଶିକ୍ଷ୍ୟମାନଙ୍କୁ ନେଇ ସତ୍ୟବାଦୀରେ ଜାଙ୍ଗିୟୁବାଦୀ ସ୍କୁଲ କରୁଥିଲେ, ସେହି ଶିକ୍ଷ୍ୟ-ପ୍ରଶିକ୍ଷ୍ୟମାନଙ୍କୁ ମଧ୍ୟ ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ସାଧନାରେ କାମ କରିବା ପାଇଁ ପ୍ରେରଣା ଦେଇ କାମରେ ଲଗାଉଥିଲେ । ଫଳରେ ପ୍ରଗୁରୁକ ଶ୍ରୀବତ୍ସ ପଣ୍ଡା, ପ୍ରଗୁରୁକ ଅନନ୍ତ ମିଶ୍ର, ପଣ୍ଡିତ ଗୋଦାବଘ୍ଶ ପ୍ରମୁଖ ଶିକ୍ଷିତ ଯୁବକ ନେତାମାନେ ବଙ୍ଗିନ୍ଧାଞ୍ଚଳ ସମସ୍ୟାର ସମାଧାନ ପାଇଁ ଚକ୍ରଧରପୁର, ଚାଇବସା, ସିଂହଭୂମି, ମେଦ୍ନୀପୁର ପ୍ରଭୃତି ଅଂଚଳରେ ଓଡ଼ିଆ ସ୍କୁଲ ବସାଇ ପଢ଼ାଉଥିଲେ ଓ ଜାଙ୍ଗିୟୁବାଦୀରେ ବାହାରେ ରହୁଥିବା ଓଡ଼ିଆମାନଙ୍କୁ ଓଡ଼ିଆ ଶିକ୍ଷା ଦେଇ, ଓଡ଼ିଆତ୍ୱରେ ଅନୁପ୍ରେରଣା ଦେଇ ନରବଙ୍ଗିନ୍ତ୍ୱରେ ଆତ୍ମତ୍ୟାଗ କର କାର୍ଯ୍ୟ କରୁଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ଓ ଗୋପବନ୍ଧୁ ଦାସ, ଗୋଦାବଘ୍ଶ ମିଶ୍ର, ଆଶ୍ଚର୍ଯ୍ୟ ହରହର ଦାସ ପ୍ରମୁଖ ବଶିଷ୍ଟ ଓଡ଼ିଆମାନେ ଗୋପବନ୍ଧୁ ଓ ମଧୁସୂଦନଙ୍କ ନର୍ଦ୍ଦେଶରେ ଓଡ଼ିଆ ଅଞ୍ଚଳରେ ପ୍ରଗୁରୁ କରୁଥିଲେ । ତ୍ୟାଗ ଓ ନିସ୍କାମ ସେବାହିଁ ଓଡ଼ିଆ ଜାତିର ନାନାବିଧ କାର୍ଯ୍ୟ କରିବାପାଇଁ ପ୍ରଯୁକ୍ତ ହେଉଥିଲା; ମାତ୍ର ଗୋପବନ୍ଧୁ କଂଗ୍ରେସପନ୍ଥୀ ହେବାରୁ ମଧୁସୂଦନଙ୍କ ନେତୃତ୍ୱକୁ ଗୁଡ଼ଗଲେ । ମଧୁବାବୁ ଏକା ହୋଇଗଲେ; ମାତ୍ର ତାଙ୍କର ମରିବା ଆଗରୁ ଭଗବାନ ତାଙ୍କ ଜୀବନ ସାଧନାର ସିଦ୍ଧି ଦେଲେ । ସ୍ୱତନ୍ତ୍ର ପ୍ରଦେଶ ଓଡ଼ିଆ ପାଇଲେ, ଯେଉଁଠି ସ୍ୱତନ୍ତ୍ର ଆସେମ୍ବ୍ଲି ମେମ୍ବର, ମନ୍ତ୍ରୀ, ଲର୍ଡ ସାହେବ ପ୍ରଭୃତି ନିଯୁକ୍ତ ହେଲେ । ମଧୁବାବୁ ତାହା ଦେଖି ଯାଇନାହାନ୍ତି । ସେ ୮୦ ବର୍ଷରେ ମଲେ; ମାତ୍ର ତାଙ୍କୁ ଏତେ ଓଡ଼ିଆଙ୍କ ପାଇଁ କାର୍ଯ୍ୟ କରିବା ସତ୍ତ୍ୱେ ଓଡ଼ିଆ ଜାତି ଚହ୍ନିଲା ନାହିଁ । ସ୍ୱତନ୍ତ୍ର ଓଡ଼ିଶା ହୋଇ ନ ଥିଲେ ଆଜି ୧୫୦ ରୁ ବେଶୀ ଏମ୍. ଏଲ୍. ଏ. ବସି ଦେଶର ଅମଙ୍ଗଳ ଓ ନଜର ମଙ୍ଗଳ କରିବାକୁ ସୁବିଧା ପାଇ ନଥାନ୍ତେ ! ମଧୁବାବୁ ଜନ୍ମତଃ ବୈଷ୍ଣବ ଥିଲେ ଓ କଂଗ୍ରେସ ନେତାଙ୍କ ପ୍ରତି ବିଶେଷତଃ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତି ଗଭୀର ସ୍ନେହ-ମମତା ଥିଲା । ମଧୁବାବୁଙ୍କ ହାତରେ ଗୋପବନ୍ଧୁ ଉଆର ହୋଇଥିଲେ । ଗୋପବନ୍ଧୁ ଦାସ ମଧୁବାବୁଙ୍କୁ ମାନୁଥିଲେ । ଗୋପବନ୍ଧୁଙ୍କୁ ୧୯୨୪ ସାଲରେ ଜେଲରୁ ଖଲାସ କରିବାପାଇଁ ମଧୁବାବୁ ବହାର ଓଡ଼ିଶା କାଉନ୍ସିଲରେ ଯେଉଁ ଅଗ୍ନିମୟୀ ଭାଷା କହି ସରକାରଙ୍କୁ ଘୃଣା କରିଥିଲେ ଓ ଯେପରି ଲଢ଼ିଥିଲେ, ତାହା ଚିରସ୍ମରଣୀୟ ହୋଇ ରହିବ ।

Digitized by srujanika@gmail.com

କେତେକ ଉପାଦେୟ ପୁସ୍ତକାବଳୀ

ଅନନ୍ତପ୍ରସାଦ ଗ୍ରନ୍ଥାବଳୀ	ଅନନ୍ତପ୍ରସାଦ ପଣ୍ଡା	₹ ୧୮.୦୦
କୃଷ୍ଣମୋହନ ଗ୍ରନ୍ଥାବଳୀ	କୃଷ୍ଣମୋହନ ପଟ୍ଟନାୟକ	₹ ୧୫.୦୦
ଜ୍ଞାନୀନ୍ଦ୍ର ଗ୍ରନ୍ଥାବଳୀ	ଜ୍ଞାନୀନ୍ଦ୍ର ବର୍ମା	₹ ୨୦.୦୦
ଅମୃତର ସନ୍ତାନ	ଗୋପୀନାଥ ମହାନ୍ତି	₹ ୧୫.୦୦
ଓଡ଼ିଆ କେବେ	ଅଧ୍ୟାପକ ଗୋଲୋକବନ୍ଧୁ ଧଳ	୪.୦୦
ଘର୍ଜୁମଣ୍ଡର ଦେଶ	ସଚ୍ଚି ରାଉତରାୟ	₹ ୪.୦୦
ସୁଲତାନା	ଜଗଦୀଶ ପଟ୍ଟନାୟକ	₹ ୪.୦୦
ଆକାଶର ଆହ୍ୱାନ	ଅଧ୍ୟାପକ ଶରତକୁମାର ମହାନ୍ତି	₹ ୫.୦୦
କେତେ ଯେ ବସନ୍ତ ପଚେ	ଜଗଦୀଶ ପଟ୍ଟନାୟକ	₹ ୪.୫୦
ତୃତୀୟ ପୁରୁଷ	ଜଗଦୀଶ ପଟ୍ଟନାୟକ	₹ ୫.୦୦
ନୂତନ ସମୀକ୍ଷା	ଅଧ୍ୟାପକ ତାରିଣୀଚରଣ ଦାସ	₹ ୫.୦୬
ବେଳା ଓ ବଳ	କୃଷ୍ଣଚନ୍ଦ୍ର ମିଶ୍ର	₹ ୪.୫୦
ସୁବର୍ଣ୍ଣପୁର	ନାଟ୍ୟକାର କମଳଲୋଚନ ମହାନ୍ତି	୫.୦୦
ରକ୍ତ ନଦୀର ଧାରା	ପଞ୍ଚାନନ ଘୋଷାଲ	₹ ୬.୦୦
ଆର୍ଯ୍ୟ ସଂସ୍କୃତିର ମୂଳତତ୍ତ୍ୱ	ଅନୁବାଦ—ପ୍ରିୟବ୍ରତ ଦାସ	₹ ୫.୦୦
ମନୁଷ୍ୟର ପୁନର୍ଜନ୍ମ ଅଛି କି ?	ହରହର ପ୍ରସାଦ ମାହାଲକ	₹ ୧.୨୫
ଘର୍ଜୁ ଅପାଠାରୁ ପୁସିସାଏ	ଅଧ୍ୟାପକ ମହାପାତ୍ର ମଲମଣି ସାହୁ	୬.୦୦
ମୁଚ୍‌ଗର ମୋହ	ଜଦଯୁନାଥ ଷଡ଼ଙ୍ଗୀ	₹ ୩.୦୦
ଅପରାଧୀ କିଏ (ନାଟକ)	ଜଗନ୍ନାଥ ରଥ	₹ ୨.୦୦
ବୃହତ୍ ଓଡ଼ିଆ ଅଭିଧାନ	ବାବା ବୈଦ୍ୟ ନାଥ ପାଢ଼ୀ	₹ ୧୫.୦୦
ନାସ୍ତିକର ନାମ ଶ୍ରାବଣୀ	ଜଗଦୀଶ ପଟ୍ଟନାୟକ	₹ ୧୦.୦୦
ନର କନ୍ଦର	ଶାନ୍ତନୁକୁମାର ଆଚାର୍ଯ୍ୟ	₹ ୮.୦୦
ତମସା ତୀରେ	କାହ୍ନୁଚରଣଙ୍କର ସର୍ବଶ୍ରେଷ୍ଠ ଏବଂ ବୃହତ୍ତମ ନୂତନ ଉପନ୍ୟାସ	[ଯନ୍ତ୍ରସ୍ଥ]

(ବହି ପାଇବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ ସ୍ଥାପନ କରନ୍ତୁ)

ଜଗନ୍ନାଥ ରଥ

ପୁସ୍ତକ ପ୍ରକାଶକ ଓ ବିକ୍ରେତା, ବିନୋଦ ବିହାରୀ, କଟକ-୨

Digitized by srujanika@gmail.com

ଓଡ଼ିଶାର ଦୀପଶିଖା

ସଂଗ୍ରାହକ **ଶ୍ରୀ ବାଳକୃଷ୍ଣ ପଞ୍ଚନାୟକ**

୧୫୬୮ ମସିହାରେ ସେ କାଳର ଏକମାତ୍ର ହିନ୍ଦୁ ରାଜ୍ୟ ଓଡ଼ିଶାର ସ୍ୱାଧୀନତା ଲୋପ ହେବାପରେ ମୁସଲମାନମାନେ ୧୮୩ ବର୍ଷକାଳ ଏହାକୁ ଖଣ୍ଡ ଖଣ୍ଡ କରି ବାଣ୍ଟି ନେଇ ଦେଉଳ ଅଟ୍ଟାଳୀ ଭାଙ୍ଗିଦେଲେ ଓ ଓଡ଼ିଶାର ଜାତୀୟ ଜୀବନର ଅଗ୍ରଗତିକୁ ରୋକିଦେଲେ । ମରହଟ୍ଟାମାନେ ତାଙ୍କର ୫୨ ବର୍ଷ ଶାସନରେ ଓଡ଼ିଶାକୁ ଯୋଡ଼ିବା ଦୂରେ ଥାଉ, ତାଙ୍କ ଲୁଟପାଟ-ଦ୍ୱାରା ଭୟ-ଭ୍ରାନ୍ତି ସୃଷ୍ଟିକରିଦେଲେ । ବ୍ରିଟିଶ ଏହାକୁ ୧୪୪ ବର୍ଷକାଳ ଭିତରଡର ଅଂଶରୂପେ ଶାସନ କରି ଓଡ଼ିଶାର ବର୍ତ୍ତମାନ ଅବସ୍ଥାକୁ ଆଣିଛନ୍ତି ବୋଲି କୁହାଯାଏ । ବ୍ରିଟିଶ ଶାସନର ପ୍ରଥମାର୍ଦ୍ଧରେ ପାଇକ-ବିଦ୍ରୋହ, କଟକମେଲ, କୋନ୍ଧ-ବିଦ୍ରୋହ ଓ ସିପାହୀ-ବିଦ୍ରୋହ ଫଳରେ ବ୍ରିଟିଶମାନେ ଓଡ଼ିଶାକୁ ଜବତ୍ କରି ପଙ୍ଗୁକରିଦେଲେ ଓ ସେମାନେ ଭିତରଡର ଶୀର୍ଷସ୍ଥାନୀୟ ମାଲିକ ହୋଇ ବଙ୍ଗାଳୀ, ତେଲେଙ୍ଗା ଓ ହିନ୍ଦୁସ୍ଥାନୀମାନଙ୍କୁ ସେମାନଙ୍କ ଅଧୀନରେ ଅଧସ୍ତନ ମାଲିକ କରାଇଲେ—ଯାହା ଫଳରେ ମେଦିନୀପୁର ବଙ୍ଗାଳୀ ପାଲଟିଗଲା, ଗଞ୍ଜାମ ଜୟପୁର ତେଲେଙ୍ଗା ପାଲଟିଗଲେ ଓ ସମ୍ବଲପୁର ସଂପୃକ୍ତ ଗଡ଼ଜାତମାନେ ହିନ୍ଦୀ ପାଲଟିଗଲେ । ଆଜି ବଳାକେତେ ଯେବେ ସେ ଶାସନ ସେପରିଭାବରେ ଥାନ୍ତା ବାଲେଶ୍ୱର, ମୟୂରଭଞ୍ଜ ବଙ୍ଗାଳୀ ପାଲଟିଯାଇଥାନ୍ତେ । କେବଳ ରହିଥାନ୍ତେ କଟକ ଓ ପୁରୀ; ତାହା କେବଳ ଜଗନ୍ନାଥ-ଧର୍ମର ପ୍ରଭାବରୁ ଓ ଜଗନ୍ନାଥ ଦାସଙ୍କ ଭାଗବତ ଓ ଉପେନ୍ଦ୍ର ଭଞ୍ଜଙ୍କ ଲେଖାବଳୀ ଜୋରରେ । ଏପରି ସମୟରେ ଆସିଲା ୧୮୬୬ର ନ'ଅଙ୍କ ଦୁର୍ଭିକ୍ଷ । ବଲ୍ଲଭର ଭିରଡ ସଚିବ ସାର୍ ଷ୍ଟାଫୋର୍ଡ ନର୍ଥକୋଟ୍ ନାମମାତ୍ର ପ୍ରସ୍ତାବ ଦେଲେ ଯେ ଶାସନ ସୁବିଧାଦୃଷ୍ଟିରୁ ଓଡ଼ିଶାକୁ ବଙ୍ଗଳାରୁ ପୃଥକ କରିଯାଉ, କିନ୍ତୁ ତାହା କାର୍ଯ୍ୟରେ ପରିଣତ ହେଇ ନାହିଁ । ଜଷ୍ଟିସ୍ ବଳିଆ ବିଚାରାନନ୍ଦ ଦାସ ଓଡ଼ିଶା ବିଭାଗୀୟ କମିଶନରଙ୍କ ସିରସ୍ତାଦାରରୂପେ ସରକାର ଘୁକଣ୍ଡରେ ରହି ମଧ୍ୟ ତତ୍କାଳୀନ ବିଶିଷ୍ଟ ଜମିଦାରଙ୍କୁ ମଙ୍ଗାଇ ଓଡ଼ିଆଭାଷୀ ଅଞ୍ଚଳର ଏକୀକରଣ ଦାବୀ କରି

Digitized by srujanika@gmail.com

ଜାଗରଣର ପ୍ରଥମ ଶୁଭ ଦେଲେ । ତା'ପରେ ପୁଣାରେ ବ୍ରାହ୍ମଣ ସମିତି, ବାଲେଶ୍ୱରରେ ନାସନାଲ ସୋସାଇଟି ଓ କଟକରେ ଆନ୍ଧ୍ରାନ୍ଧ୍ରମା ସଭା ନାମଧେୟ କେତେଗୁଡ଼ଏ କ୍ଲବ ଆକାରର ସମିତି ଗଠିତ ହୋଇଥିଲା ସତ; କିନ୍ତୁ ଓଡ଼ଶାର ବଉଳ ଅଞ୍ଚଳରେ ଜାତୀୟ ଐକ୍ୟଧ୍ୱନି ଖେଳିଲା ନାହିଁ । ଏହିସମୟରେ ତତ୍କାଳୀନ ଖାରତର ରାଜଧାନୀ କଲିକତା ନଗରୀରେ ମଧୁସୂଦନ ଦାସ ନିଜର ବ୍ୟକ୍ତିଗତ ଜୀବନ ଗଢ଼ି, ଓଡ଼ଆଙ୍କ ଜାତୀୟ ଜୀବନ ଗଢ଼ିବା ଚିନ୍ତାରେ ଚଉଦ ବର୍ଷ ୧୮୬୭ ରୁ ୧୮୮୦ ପର୍ଯ୍ୟନ୍ତ ବ୍ୟାପୃତ ରହି ଓଡ଼ଶାକୁ କର୍ମକ୍ଷେତ୍ର କରିବା ନିମନ୍ତେ ଯେଉଁ ଦିନ ଫେରିଆସିଲେ, ସେ ଦିନ ଓଡ଼ଶାରେ ଚହଲ ପଡ଼ିଗଲା ଯେ ଏ ନଜୀର ଅଭିଶପ୍ତ, ଖଣ୍ଡ-ବିଖଣ୍ଡିତ ଜାତିର ଜଣେ ଉଦ୍ଧାରକର୍ତ୍ତା ଯୁଗପ୍ରବର୍ତ୍ତକ ଆସି ନୂତନ ଜ୍ୟୋତି ଜାଳିଦେଲା । ଏହି ଅବସ୍ଥାକୁ ଦେଖି ମଧୁସୂଦନଙ୍କୁ ଉଲ୍ଲେଖ କରି ବ୍ୟାସକବି ଫକୀରମୋହନ ଲେଖିଲେ—

"ପତିତପାବନ ଦେଶ ଉଦ୍ଧାର କାରଣ
ଅବତାରରୂପେ ଜନ୍ମି ଅଛ ନାରାୟଣ ।"

ମଧୁସୂଦନ ବହୁବର୍ଷକାଳ ଏକମାତ୍ର ସଙ୍ଗୋଚ ବଣ୍ଟନବଦ୍ୟାଳୟର ଉପାଧ୍ୟାୟ ଓ ସ୍ୱାଧୀନ ବ୍ୟବସାୟୀ ଆଇନଜ୍ଞ ଓ ସେକାଳର ସମସ୍ତ ବଶିଷ୍ଟ ବ୍ୟକ୍ତିଙ୍କର ଆଇନପରାମର୍ଶଦାତା ଥିବାରୁ ଜମିଦାର ଓ ମଧ୍ୟବିତ୍ତ ସମାଜରେ ତାଙ୍କର ପ୍ରଭାବ ବିସ୍ତାର କରିପାରି ୧୮୮୨ ମସିହାରେ ସମଗ୍ର ଉତ୍କଳ ପାଇଁ ଓଡ଼ଶା ଆସୋସିଏସନ ବା "ଉତ୍କଳ ସଭା" ଗଢ଼ି ଜାତୀୟ ନବଜୀବନର ମୂଳପିଣ୍ଡ ପକାଇଲେ ଓ କହିବାକୁଗଲେ ସେ 'ମଧୁଜ୍ୟୋତି' ଜାଳିଦେଲେ । ସେହି ଜ୍ୟୋତି କ୍ରମଶଃ ଓଡ଼ଆ ରାଜ୍ୟର ପୁରପଲ୍ଲୀରେ ପ୍ରବେଶ କଲା । ନୈରାଶ୍ୟଗ୍ରସ୍ତ ଓଡ଼ଆପ୍ରାଣରେ ଅଶାର ସଞ୍ଚାର ହେଲା । ସେ ଯେଉଁ ଜାତୀୟତା ପ୍ରବାହ ଖେଳାଇଦେଲେ, ସେଥିରେ ଗଡ଼ଜାତ ରାଜା, ଜଲ୍ଲଜାତ ରାଜା, ଜମିଦାର, ବଣିକ, ଶିଳ୍ପୀ, କୃଷକ, ମଧ୍ୟବିତ୍ତ, ଶିକ୍ଷିତ ସମାଜ, ଆଦିବାସୀ ଦରଜନ ସମସ୍ତେ ଭାସିଗଲେ । ଓଡ଼ଆ ଭାଷା ବଦଳରେ ହିନ୍ଦୁସ୍ଥାନୀ ଓ ବଙ୍ଗଳା ଭାଷାର ପ୍ରବର୍ତ୍ତନ ଉଦ୍ୟମ ସବୁ ପଣ୍ଡ ହୋଇଗଲା । ମଧୁସୂଦନଙ୍କ ଜାତୀୟ ଆନ୍ଦୋଳନର ବାର୍ତ୍ତା ଖାରତର ବଉଳ ଅଞ୍ଚଳକୁ ଓ ସୁଦୂର ବଲୁଚକୁ ମଧ୍ୟ ବ୍ୟାପିଗଲା । ସମ୍ବଲପୁରରୁ ୧୮୯୫ ସାଲରେ

Digitized by srujanika@gmail.com

ଯେତେବେଳେ ଓଡ଼ିଆ ଭାଷା ଉଠାଇବାର କଥା ହେଲା, ତାଙ୍କର ଶ୍ରୀଶପଣ ଅକ୍ଲାନ୍ତ ଉଦ୍ୟମ ଫଳରେ ଲର୍ଡ କର୍ଜନଙ୍କ ଭଳି ବଡ଼ଲାଟ ଚାଡ଼ା ରଦ୍ଦ କରିଦେଲେ । ସେ ସେକାଳର ଅସୁବିଧା ସତ୍ତ୍ୱେ ବାରମ୍ବାର ବଲାତ ଯାଇ ବ୍ରିଟିଶ ଶାସକଗୋଷ୍ଠୀଙ୍କୁ ଭାରତ ଓ ବିଶେଷତଃ ଉତ୍କଳର ଦୁର୍ଦ୍ଦଶା ବୁଝାଇ ପ୍ରତିକାର ଲେଡ଼ି ଫେରଆସି ୧୯୦୩ରେ ଉତ୍କଳ ସଭାର ପରିବର୍ତ୍ତିତ ଆକାରରେ 'ଉତ୍କଳ ସମ୍ମିଳନୀ' ଗଢ଼ି ଉତ୍କଳମାତାର ପୂଜା ଆରମ୍ଭ କରି ଜାଗ୍ରତ ଜୀବନକୁ ସୁଦୃଢ଼ କଲେ । ସେହି ସମ୍ମିଳନୀ ମଧୁସୂଦନଙ୍କ ନେତୃତ୍ୱ ଓ ନିର୍ଦ୍ଦେଶରେ ପାର୍ଶ୍ୱ ୩୦ ବର୍ଷ ପୁନଃପୁନ ଦାବୀ ଉପସ୍ଥାପିତ କରିବା ଫଳରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶଭାବେ ଘୋଷିତ ହେଲା ଓ ଦକ୍ଷିଣ ଭାଗସ୍ଥ ବର୍ଦ୍ଧିଷ୍ଣୁ ଅଞ୍ଚଳ ତାର ଅନ୍ତର୍ଭୁକ୍ତ ହେଲା । ୧୯୨୦ ଡିସେମ୍ବର ମାସରେ ଯେତେବେଳେ ରମ୍ଭାଧରପୁରସ୍ଥ ସମ୍ମିଳନୀ ବୈଠକ ଗାନ୍ଧୀଙ୍କ ପ୍ରବର୍ତ୍ତିତ ଅସହଯୋଗ ଆନ୍ଦୋଳନକୁ ବରଣ କଲା, ଉତ୍କଳୀୟ କଂଗ୍ରେସ ନେତାମାନେ ଉତ୍କଳ ସମ୍ମିଳନୀ ଆଉ ବସାଇଲେ ନାହିଁ; ବରଂ ଯେଉଁ ସମ୍ମିଳନୀ ଭକ୍ତମାନେ ସମ୍ମିଳନୀ ଡାକିଲେ, କଂଗ୍ରେସୀ ନେତା ତାଙ୍କ ସଙ୍ଗେ ସହଯୋଗ କରିପାରିଲେ ନାହିଁ । ଯାହା ହେଉ ମଧୁସୂଦନ ତାଙ୍କର ଜୀବତାବସ୍ଥାରେ ୧୯୩୩ ସାଲରେ ଉତ୍କଳର ସ୍ୱାତନ୍ତ୍ର୍ୟ ଘୋଷଣା ଶୁଣିପାରି, ସାନ୍ତ୍ୱନା ପାଇ ସ୍ୱର୍ଗଗାମୀ ହେଲେ ।

ସେତେବେଳେ ଯେବେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରୂପେ ଘୋଷିତ ହୋଇ ନ ଥାନ୍ତା, କିଏ କହିପାରେ ଯେ ଆଜ ଆମ୍ଭେମାନେ ଓଡ଼ିଶାର ଯେଉଁ ରୂପ ଦେଖୁଛୁ, ତାକୁ ଦେଖିଥାନ୍ତୁ କେଉଁ ଗଡ଼ଜାତ କେଉଁଠି ମିଶିଥାନ୍ତେ ! କେଉଁଠି ବା ବୃହତ୍ତର ଓଡ଼ିଶା ଗଠିତ ହୋଇଥାନ୍ତା, କାହିଁ ବା ସ୍ୱାଧୀନ ଭାରତର ୧୫ଟି ବିଶିଷ୍ଟ ରାଜ୍ୟ ମଧ୍ୟରେ ଓଡ଼ିଶା ଗୋଟିଏ ବୋଲି ଗଣା ହୋଇଥାନ୍ତା । କାହିଁ ବା ଓଡ଼ିଶାର ସ୍ୱତନ୍ତ୍ର ହାଇକୋର୍ଟ, ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ, ସ୍ପୀକରୁଦ, ରାଉରକେଲ୍ଲ, ମାଛକୁଣ୍ଡ, ପାରଦୀପ ଗଢ଼ିଉଠିଥାନ୍ତା !

ଆଉରି ମଧ୍ୟ ସାଂସ୍କୃତିକ କ୍ଷେତ୍ର କଥା ବିସ୍ତାର କଲେ ଦେଖାଯାଏ, ୧୯୦୩ ମସିହାର 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନ ଶେଷରେ ମଧୁସୂଦନ ପୃଷ୍ଠପୋଷକରୂପେ ଯେଉଁ 'ଉତ୍କଳ ସାହିତ୍ୟ ସମାଜ' ଗଠନର

Digitized by srujanika@gmail.com

ସୂଚନାତ କଲେ ଓ ବଶିଷ୍ଟ ସାହିତ୍ୟିକ ସଖାମାନଙ୍କୁ ତା'ଭିତରେ ପୂରାଇଲେ, ତଦ୍ଦ୍ୱାରା ଓଡ଼ିଶାରେ ସାହିତ୍ୟ ସଂସ୍କୃତିର ଅଗ୍ରଗତି ହେଲା । ସେ ତ ଲେଖିକି ନ ଥିଲେ । କେବଳ ସମ୍ମିଳନୀ ଉଦ୍ଦେଶ୍ୟରେ କେତେ ପଦ ଜାଗାସ୍ୱ ସଙ୍ଗୀତ ରଚିଥିଲେ । ସେ ଇଂରାଜୀ ଖବରକାଗଜର ସମ୍ପାଦକଙ୍କଠାରେ ଇଂରାଜୀ ଭାଷାରେ ଲେଖିଥିଲେ, ଓ ବ୍ୟବସ୍ଥାପକଙ୍କଠାରେ ଇଂରାଜୀରେ ବକ୍ତୃତା ଦେଇଥିଲେ ସତ; କିନ୍ତୁ ସେ ଓଡ଼ିଶାର ସର୍ବଶ୍ରେଷ୍ଠ ବାଗ୍ମୀରୂପେ ସେଉଁସବୁ ଭାଷଣ ଦେଇଯାଇଥିଲେ, ତାହା ଓଡ଼ିଆ ସାହିତ୍ୟ-ଭଣ୍ଡାରର ଅମୂଲ୍ୟ ସମ୍ପଦ ହୋଇ ଜାତିର ମାନ ରହିବ । ସେ ଯେଉଁ ଅଖଣ୍ଡ ଜ୍ୟୋତି ଜାଳି ଦେଇ ଯାଇଥିଲେ, ଆମ୍ଭେ ଉତ୍କଳବାସୀ ତାର ଫଳ ଭୋଗ କରୁଛୁଁ । ସେହି ଜ୍ୟୋତି ଚିରଜ୍ୱାଳ ବେଦୀପ୍ୟମାନ ହୋଇ ଉତ୍କଳୀୟ ଜାତିକୁ ଇଶ୍ୱର ମଙ୍ଗଳ, ଘରଦର ମଙ୍ଗଳ ପାଇଁ ସଦା ଉଦ୍‌ବୋଧନ ଦେଉ—ଏହାହିଁ ଭଗବାନଙ୍କ ନକଟରେ ଆମ୍ଭମାନଙ୍କର ପ୍ରାର୍ଥନା । ଅତୀତରୁ ପ୍ରେରଣା ପାଇ ଭବିଷ୍ୟତକୁ ଲକ୍ଷ୍ୟ କରି ଆମ୍ଭମାନଙ୍କୁ ବର୍ତ୍ତମାନ ଗଢ଼ିବାକୁ ହେବ ।

ମଧୁସୂଦନ ନିଜେ ଗାଇଛନ୍ତି—

"ଜାତି ଇତିହାସ ଜାତିର ନିର୍ଝର
ତହିଁ ବହେ ସଦା ଜାତିପ୍ରାଣଧାର ।
କଳକଳ ନାଦେ ଧାଇଁଛୁ ସେ ଧାର
ଜାଗାସ୍ୱ କାରତ ଗାଇ ନିରନ୍ତର ।
ହୀନ କାରତର ଉଦପେ ନାଚଇ
ଯେହ୍ନେ ଚନ୍ଦ୍ରୋଦପେ ନାଚେ ରତ୍ନାକର ।"

ଏହି ମଧୁଜ୍ୟୋତି ଧ୍ରୁବତାରବତ୍ ଓଡ଼ିଆ ଜାତିକୁ ସୂଚନତ କରୁ ।

Digitized by srujanika@gmail.com

ପ୍ରତ୍ୟେକ ପାଠାଗାରରୁ ସମ୍ବଦ୍ଧ କରିବ

ଅଧ୍ୟାପକ ମନୋଜ ଦାସ—

ଶେଷ ବସନ୍ତର ଚିଠି ₹ ୩.୭୫

ଡକ୍ଟର ଜେନାମଣି ନରେନ୍ଦ୍ର କୁମାର—

ଉଦ୍ଭିନ୍ନ ଝଡ଼ର ସଂଗୀତ ₹ ୩.୭୫

ରମେଶଚନ୍ଦ୍ର ଧଳ—

ଝରଣା ଝରଝର ଯାଏ ₹ ୨.୦୦

ଗୋପାଳ ବଲ୍ଲଭ ଦାସ—

ଖିମାଭୂଇଁ ₹ ୨.୫୦

ଶ୍ରୀ ଅନନ୍ତବୁଦ୍ଧ ଦାସ ଓ ପଣ୍ଡିତ ସଦାଶିବ ରଥ ଶର୍ମା

ଶ୍ରୀ ଜଗନ୍ନାଥ ଓ ନେପାଳ ₹ ୨.୫୦

ଅଧ୍ୟାପକ ଗୋଲୋକ ବିହାରୀ ଧଳ—

ଉତ୍କଳର ଆଲୋଚନା ₹ ୫.୦୦

ଜବାହରଲାଲ ନେହେରୁ (ଅନୁବାଦ) ₹ ୪.୫୦

ଶ୍ରୀ ଅନନ୍ତବୁଦ୍ଧ ଦାସ—

ଗାର ସୁରେନ୍ଦ୍ର ଯାଏ ₹ ୧୦.୦୦

ନନ୍ଦକିଶୋର ଗ୍ରନ୍ଥାବଳୀ ₹ ୧୫.୦୦

ବିଦ୍ୟାପୁରୀ

ବାଲୁବଜାର, କଟକ-୨

ଫୋନ ନଂ—୮୧୭ A

Digitized by srujanika@gmail.com

[illegible] ପ୍ରକାଶନୀ

ବିନୋଦବିହାରୀ, କଟକ-୨

(ବେଗୋଟି ପ୍ରକାଶିତ ଉପାଦେୟ ପୁସ୍ତକ)

* ଛୋଟ ଗଳ୍ପ *

ଭୌତିକ ରଜନୀର ଟ୍ରାଜେଡ଼ି	ମହାପାତ୍ର ନୀଳମଣି ସାହୁ	ଟ	୬.୦୦
ପଦ୍ମତୋଳା	ନମାଇଁଚରଣ ପଟ୍ଟନାୟକ	ଟ	୩.୦୦
ଅଲ୍ଲାଖର ଜଜ୍ଜନ	ବ୍ରଜକିଶୋର ମହାନ୍ତି	ଟ	୪.୦୦
କଥାପୁନ୍ତୀ	ଜ୍ଞାନେନ୍ଦ୍ର ବର୍ମା	ଟ	୪.୦୦
ବକ୍ଷ କନ୍ୟାର କାହାଣୀ	ମନୋଜ ଦାସ	ଟ	୨.୦୦
ଗ୍ରେଗ୍ ଗୁହାଣୀ	କାହ୍ନୁଚରଣ	ଟ	୮.୦୦
କେତେ ଆଶା କେତେ ସ୍ୱପ୍ନ	ବ୍ରଜକିଶୋର ମହାନ୍ତି	ଟ	୩.୫୦
ସୁମିଖାର ହସ	ମହାପାତ୍ର ନୀଳମଣି ସାହୁ	ଟ	୪.୫୦

* ଉପନ୍ୟାସ *

ନାଯୁକ ଆମ ସମୟର (ଅନୁବାଦ)	ରବୀନ୍ଦ୍ରନାଥ ଟିଂଦ୍ର	ଟ	୬.୦୦
ଅପରାହ୍ଣର ଆକାଶ	ଜ୍ଞାନେନ୍ଦ୍ର ବର୍ମା	ଟ	୮.୦୦
ଏଇ ମନ ବୃନ୍ଦାବନ	ବିଭୂତି ପଟ୍ଟନାୟକ	ଟ	୩.୦୦
ନାଯିକାର ନାମ ଶ୍ରାବଣୀ	ବିଭୂତି ପଟ୍ଟନାୟକ	ଟ	୧୦.୫୦
ଚପଳ ଛନ୍ଦା	ବିଭୂତି ପଟ୍ଟନାୟକ	ଟ	୮.୦୦
ବଜ୍ର ବାହୁ	କାହ୍ନୁଚରଣ	ଟ	୮.୫୦
ଝଞ୍ଜା	କାହ୍ନୁଚରଣ	ଟ	୭.୦୦
ଶବ୍ଦଗୁ	କାହ୍ନୁଚରଣ	ଟ	୮.୦୦

* ସମାଲୋଚନା *

ମେଦେର ସାହିତ୍ୟର ଭୂମିକା	ନଗେନ୍ଦ୍ରନାଥ ପ୍ରଧାନ	ଟ	୬.୦୦
ଘାନକୃଷ୍ଣ ସାହିତ୍ୟ ସମୀକ୍ଷା	ନଗେନ୍ଦ୍ରନାଥ ପ୍ରଧାନ	ଟ	୩.୦୦
ଚର୍ଯା ଗୀତିକା	ଖଗେଶ୍ୱର ମହାପାତ୍ର	ଟ	୫.୦୦
ଆଧୁନିକ ଓଡ଼ିଆ ସାହିତ୍ୟର ଗତିପଥ	ଗୋପାଳଚନ୍ଦ୍ର ମିଶ୍ର	ଟ	୩.୦୦
ପଞ୍ଚସଖା ଓ ଓଡ଼ିଆ ସାହିତ୍ୟ	ଦେବେନ୍ଦ୍ର ମହାନ୍ତି	ଟ	୨.୫୦
ଜ୍ଞାନୀନ୍ଦ୍ର ଗ୍ରନ୍ଥାବଳୀ (କାବ୍ୟ-କବିତା)	ଜ୍ଞାନେନ୍ଦ୍ର ବର୍ମା	ଟ	୨୦.୦୦

Digitized by srujanika@gmail.com

ଗୋଲାପ ଓ ପିଙ୍କଦାଢ଼ୀ

ଶ୍ରୀ ସୁରେନ୍ଦ୍ର ମହାନ୍ତି

(ଏକ)

ମଧୁସୂଦନଙ୍କ 'ଷ୍ଟୁଡ଼ି'···ଏକ ମାର୍ଜିତ, ଅଭିଜାତ ପରିବେଶ । ଟେବୁଲ୍ ଉପରେ ଗୋଟିଏ ପିତ୍ତଳ ପିଙ୍କଦାମ୍ଫ; ସକାଳେ ତା' ଦେହରେ ମାଳୀ ରଙ୍ଗିଦେଇ ଗଲ୍ ସଜଫୁଟା ଗୋଲାପର ଗୋଟିଏ ସ୍ତବକ ! ମଧୁସୂଦନ ସେତେବେଳ ପର୍ଯ୍ୟନ୍ତ 'ଷ୍ଟୁଡ଼ି'କୁ ଆସି ନଥିଲେ । ତାଙ୍କର ଜଣେ ଅନୁଗତ ଏ କାଣ୍ଡ ଦେଖି ବସୁଧାରେ ଦ୍ରୁତବାକ୍ ! ମାଳୀଟା ପାଗଳ ହୋଇଗଲ୍ ନା କଣ ? ପିଙ୍କଦାମ୍ଫରେ ଗୋଲାପ ! ମାଳୀକୁ ସେଇ କଥା ପଚାରିବାରୁ ସେ ଅସହାୟସ୍ୱରରେ ମୁଣ୍ଡ ହଲାଇ କହିଲା··· "ସେଇ ପିଙ୍କଦାମ୍ଫ ତ ତାଙ୍କର ଫୁଲଦାମ୍ଫ !"

ମଧୁସୂଦନ ନିର୍ଦ୍ଦିଷ୍ଟ ସମୟରେ, 'ଷ୍ଟୁଡ଼ି' ଭିତରକୁ ଆସିଲେ । ବଶମ୍ବଦ ପଚାରିଲେ—"ପିଙ୍କଦାମ୍ଫରେ ମାଳୀ ଏ ସୁନ୍ଦର ଫୁଲଗୁଡ଼ାକୁ ରଖିଲା କପଣ ?"

ମଧୁସୂଦନ ସ୍ମିତ ହସି ଉତ୍ତର ଦେଲେ—"ଓଡ଼ିଆର ସାଦ୍ଧା ପିଙ୍କଦାମ୍ଫ, ଯୁରୋପର ବଜାରରେ ସେସବୁ ଅତ୍ୟନ୍ତ ମୂଲ୍ୟବାନ ଫୁଲଦାମ୍ଫ ! ଓଡ଼ିଆ ଜାତି ଫୁଲଦାମ୍ଫକୁ ପିଙ୍କଦାମ୍ଫ କରେ, ସେଇ ହେଲା ଦୁର୍ଭାଗ୍ୟ !"

ମଧୁସୂଦନଙ୍କ ଜଣେ ସମସାମୟିକ, କୁଳବୃଦ୍ଧ କବି ବାଲକୃଷ୍ଣ ପଞ୍ଚନାୟକଙ୍କଠାରୁ ଏହା ଶୁଣା କଥା । ଏପର୍ଯ୍ୟନ୍ତ ସେ ମଧୁସୂଦନଙ୍କ ସେହ୍ନ ପିଙ୍କଦାମ୍ଫଟିକୁ ସାଇତି ରଖିଛନ୍ତି ।

ଅସାଧାରଣତ୍ୱ ପ୍ରତି ଭୁଚ୍ଛକୁ ମହତ୍ତ୍ୱାନ୍ୱିତ କରେ; ବ୍ୟକ୍ତି-ଜୀବନକୁ ଗତ ଭୁଚ୍ଛତାରୁ ଧୂଳଗର୍ଦ୍ଦାରୁ ଉଦ୍‌ଗତ କରି, ସେଥିରେ ବୃହତ୍ତର ଅର୍ଥ ମାନବିକତାର ସଙ୍କେତ ଦିଏ ! ତାହାହିଁ ନେତୃତ୍ୱ । ତାହାର ପ୍ରଭାବ ଆତ୍ମାମାନଙ୍କ ଗତାନୁଗତିକ ଜୀବନରେ କେବଳ ସୀମିତ ନ ଥାଏ । ବୁଦ୍ଧ ଓ ଖ୍ରୀଷ୍ଟଙ୍କଠାରୁ ରାମକୃଷ୍ଣ ପରମହଂସ ଓ ଗାନ୍ଧୀଙ୍କ ପର୍ଯ୍ୟନ୍ତ ସେହ୍ନପରି ବଡ଼ ନେତୃତ୍ୱର ସାଧନାରେ ସାବଜନୀନ ମନୁଷ୍ୟର ଇତିହାସ ଧନ୍ୟ ହୋଇଛି ।

Digitized by srujanika@gmail.com

ମଧୁସୂଦନଙ୍କ ଦୃଷ୍ଟିକୋଣରେ ସେହିପର ଅସାଧାରଣତ୍ୱର ଦ୍ୟୋତନା ରହିଥିଲ ।

ଇଚ୍ଛାସମ୍ପନ୍ନ ଅସଂଖ୍ୟ ପଥଚ୍ଯୁତ ଜନତାଙ୍କ ପ୍ରଦର୍ଶନଲାଳ୍ଚିତ ଶଗଡ଼-ଗୁଳାରେ ଧାଇଁବାକୁ, ଆଜିର ଗଣତାନ୍ତ୍ରିକ ରାଜନୀତିରେ ସଫଳ ନେତୃତ୍ୱ ହୋଇଁ କୁହୀଯାଉଅଛି । ଏଥିରେ ଯିଏ ଯେତେ ଧୂରନ୍ଧର, ତାଙ୍କ ନେତୃତ୍ୱ ସେତେକ ବଚକ୍ଷଣ ବୋଲ ଗୋଟିଏ ଧାରଣା ରୂପେ ପ୍ରତିଷ୍ଠିତ ହେବାରେ ଲଗିଅଛି । ପରଣାମରେ ଆଜିର ନେତୃତ୍ୱ ଭୋଟଧର୍ଯ୍ୟ କୌଶଳରେ ପରଣତ ହୋଇଅଛି । ଏହାଁର ପ୍ରତିସ୍ପର୍ଦ୍ଧା, ଦାକ୍ଷିଣ୍ୟ-ଲପ୍ସୁ ଅନୁଗ୍ରହପ୍ରାର୍ଥୀ ଅପସ୍ଫୀତ ଜନତାର "ବାହାବା କୁହାଟ"ରେ, ଏହାଁର ପରିପୁଷ୍ଟି ମୁଖଲଜ୍ଜାବଘ୍ନୀନ ନର୍ଜଳା ଆତ୍ମପ୍ରଶ୍ଚାରରେ !

ଏତ୍ତାଦୃଶ୍ଚି ମଧୁସୂଦନ ନେତା ନ ଥିଲେ । ସାମାନ୍ୟ ମ୍ୟୁନସିପାଲଟି ନିର୍ବାଚନରେ ସେ ଅଳ୍ପ ପ୍ରତିଯୋଗିତା କରିଥିଲେ, ଅମାନତ୍ ସୁଦ୍ଧା ରଖି-ପାରିଥାନ୍ତେ କି ନାହିଁ, ସନ୍ଦେହ ! କାରଣ ତଥାକଥିତ ଲୋକପ୍ରିୟତାର ବନ୍ଦୁକତା ତାଙ୍କଠାରେ ନ ଥିଲ । କମ୍ବା ଆଖିରୁ ଲୁହ ଗଡ଼ାଇ, ଜନତାର ସହଜ ସହାନୁଭୂତି ଆକର୍ଷଣ କରିବା, ତାଙ୍କ ବଳିଷ୍ଠ ଆତ୍ମପ୍ରତ୍ୟୟର ଘୋର ବିରୋଧୀ ଥିଲ । ଦୁଃଖ-ଦୁର୍ବିପାକ ମଧ୍ୟରେ କାନ୍ଦିବା ନୁହେଁ; ହସିବା ଓ ହସାଇବା, ପୁଣି ଅନନ୍ୟସାଧୁ ଆତ୍ମନିର୍ଭରଶୀଳତାରେ ଗନ୍ତବ୍ୟପଥରେ ଏକ ନୈଗ୍ଣ୍ୟବାଦୀ ଜନତାକୁ ଆଗେଇନେବା ହିଁ ଯଥାର୍ଥ ନେତୃତ୍ୱ । ଏ ସମାଜ ପରିବେଷ୍ଟନୀ ଓ ପରିସ୍ଥିତି ଏପରି ବଦ୍ଧମୂଳିତ ଯେ କାନ୍ଦିବାଟା ଏଥିରେ ଅତି ସାଧାରଣ, ସହଜ ବ୍ୟାପାର ! ନେତୃତ୍ୱ ପାଇଁ ତାହାର କୌଣସି ପ୍ରୟୋଜନ ନାହିଁ !

ମଧୁସୂଦନ ପ୍ରଚଳିତ ଅର୍ଥରେ "ଲୋକପ୍ରିୟ" ନଥିଲେ କମ୍ବା ତାଙ୍କ ନେତୃତ୍ୱ ସହଜ ଓ ସାଧାରଣ ନଥିଲ । ତାଙ୍କର ବ୍ୟକ୍ତିତ୍ୱ ଯେପରି ଥିଲ ଅସାଧାରଣ, ନେତୃତ୍ୱ ମଧ୍ୟ ସେହିପରି ଥିଲ ମୌଳିକ ଓ ଆତ୍ମପ୍ରତ୍ୟୟୀ ସମନ୍ୱିତ । ଆଜି ସାନ୍ଧ୍ୟତାଠାରୁ ରାଜନୀତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସହଜ ଲୋକପ୍ରିୟତା ଏକମାତ୍ର ଧ୍ୟେୟ ଆଭିମୁଖ୍ୟରେ ପରିଣତ ହୋଇପଡ଼ିଥିବା-ବେଳେ ମଧୁସୂଦନଙ୍କ ବ୍ୟକ୍ତିତ୍ୱ ପରି ଶାଳପ୍ରାଂଶୁ ଉର୍ଜସ୍ୱଳ ବ୍ୟକ୍ତିତ୍ୱ ଓ ନେତୃତ୍ୱର ଆବିର୍ଭାବ ଓଡ଼ିଶାରେ ସକଳ କ୍ଷେତ୍ରରେ ଅନୁଭୂତ ହେଉଅଛି ।

Digitized by srujanika@gmail.com

ସାମ୍ପ୍ରତିକ ପରିସ୍ଥିତିରେ ନେତୃତ୍ୱ ସମ୍ବନ୍ଧରେ ମନୀଷାର ଅବଶ୍ୟ କୌଣସି ସମ୍ପର୍କ ନାହିଁ । ଗଣତାନ୍ତ୍ରିକ ରାଜନୀତି ଆଜି ଅଧାପନ୍ଥିଆ ମାନଙ୍କର ଓ ଅଧାପନ୍ଥିଆମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇପଡ଼ିଥିବାରୁ ଅଧାପନ୍ଥିଆମାନଙ୍କଦ୍ୱାରା ହିଁ ତାହା ପରିଚାଳିତ ହେଉଅଛି । ଏଥିରେ ମନୀଷା ଓ ପ୍ରତିଭା ପୁଣି ଜନ୍ମିତ ରୁଚି ତଥା ମୂଲ୍ୟବୋଧ ନତାନ୍ତ ଅସ୍ଥାନିକ ବୋଲି ଗୋଟିଏ ମାରାତ୍ମକ ଧାରଣା ଯେମେ ପ୍ରୋତ୍ସାହିତ ଓ ପ୍ରବର୍ଦ୍ଧିତ ହେବାରେ ଲାଗିଅଛି । ବସ୍ତୁତଃ ଗଣତନ୍ତ୍ରର ଭୋଟ-ଧର୍ମ ରାଜନୀତିରେ "ଇଣ୍ଟେଲେକ୍‌ଚୁଆଲ୍" ଏକ ନର୍ଘାବ ଗାଳରେ ପରିଣତ ହୋଇପଡ଼ିଲାଣି । ମଧୁସୂଦନ କନ୍ତୁ ଅସାଧାରଣ ବ୍ୟକ୍ତି-ମୌଳିକତାସମ୍ପନ୍ନ, ମନୀଷାପ୍ରାପ୍ତ 'ଇଣ୍ଟେଲେକ୍‌ଚୁଆଲ୍' ଥିଲେ ।

ଆମ୍ଭମାନଙ୍କ ଜାତୀୟ ଜୀବନରେ ସେ ଏକ ଗୌରୁଷପ୍ରାପ୍ତ କନ୍ତୁ ନଃପଙ୍ଗ ଜୟନ୍ତୁ ! ଆଜି ତାଙ୍କ ସୃତିତର୍ପଣ କାଳବେଳେ ମଧୁସୂଦନଙ୍କ ବ୍ୟକ୍ତିତ୍ୱର ସେହିସବୁ ଆଦ୍ୟମୁଖ୍ୟ ଆମ୍ଭମାନଙ୍କ ମନନ ଓ ଚିନ୍ତନରେ ପ୍ରତିଭାତ ହେବା ଆବଶ୍ୟକ । ଓଡ଼ିଶାର ପିଙ୍କଦାମକୁ ଫୁଲଦାମରେ ପରିଣତ କରିବାର ନେତୃତ୍ୱ ଆଜି ଆମ୍ଭମାନଙ୍କର ଜାତୀୟ ଜୀବନରେ ସକଳ କ୍ଷେତ୍ରରେ ଏକାନ୍ତ ଆବଶ୍ୟକ । ସେପରି ନେତୃତ୍ୱ ଅଭାବରୁ ଫୁଲଦାମ ପିଙ୍କଦାମରେ ପରିଣତ ହେଉଛି—କୋଣାର୍କ ବା ରାଜାରାଣୀ ମନ୍ଦିରର ପରିତ୍ୟକ୍ତ ଶିଳାପ୍ରାଚୀର ପ୍ରଣୟୀ ଓ ପ୍ରାଣପ୍ରିୟା ଯୁଗଳଙ୍କ ଉଚ୍ଚତମ ମିଳନର ଧ୍ୱନିକୁ ଚିହ୍ନିତ ବଜ୍ରାପସା ପତ୍ରରୂପେ ବ୍ୟବହୃତ ହେବାପରି ।

(ଦୁଇ)

ଜଜକୁ ଯେତେଶ୍ୱରରେ ଅପ୍ରିୟ ବା 'ଅନ୍ ପପୁଲର' କରାଯାଇ-ପାରେ, ମଧୁସୂଦନ ଅତ୍ୟନ୍ତ ନଷ୍ଟା ଓ ଅଧ୍ୟବସାୟର ସହିତ ସେସବୁ ଅନୁଶୀଳନ କରିଥିଲେ । ଉଚ୍ଚତର ଓଡ଼ିଆ ଜାତୀୟତା-ଯୁଗରେ ସେ ବଙ୍ଗଳାରେ କଥାବାର୍ତ୍ତା କରୁଥିଲେ । ଅଥଚ ତାଙ୍କପରି ମର୍ମସ୍ପର୍ଶୀ ନରୋଳ ଓଡ଼ିଆରେ ଆଉ କେହି ସେପରି ସମ୍ବେଦନଶୀଳ କବିତା ତଳିତ ଶତାବ୍ଦୀର ଆରମ୍ଭରେ ରଚନା କରି ନାହାନ୍ତି—

Digitized by srujanika@gmail.com

"ମାଆ ମାଆ ବୋଲି ଡେରେ ମୁଁ ଖୋଜଲି
ମାଆକୁ ପାଇଲି ନାହିଁ,
ଘାଇ ଘାଇ ବୋଲି ଯେତେ ମୁଁ ଡାକିଲି
ନ ଦେଲେ ଉତ୍ତର କେହି ।
ଖୋଜିଲି ଅରଣ୍ୟେ ଜନ ସମାଜରେ
ଖୋଜିଲି ବାରିଧି ତଟ,
ସର୍ବତ୍ର ଦେଖିଲି ମାତା ପଦଚିହ୍ନ
ନ ହେଲା ମାତାର ଭେଟ ।
ଭୁବନେଶ୍ୱରରେ ପଦଚିହ୍ନ ପତ୍ର
ଲେଖା ଅଛି ରଜାରାଣୀ,
ମାଳାଚଳ ଧାମେ ପୂଜା ଦେଉଅଛି
ହିନ୍ଦୁଜାତ ମଥାମଣି ।"

କଥା-କଥାକେ ତାଙ୍କର ପୂଣି ଓଡ଼ିଆ ଗ୍ରାମ୍ୟ-ଜୀବନର ଉପଯୁକ୍ତମାଲ—

"ଫାଲ୍ଗୁ ଗଲା ଦୁଆଲ ଗଲା
ମୁଖରୁ ଗଲା ନାଲ ।"

ଅଥବା ଭ୍ରଗବତରୁ ମଧ୍ୟ ପଦେ ପଦେ ଯୋଡ଼ ଦେଉଥିଲେ—

"ମନ ତୋହର ନଜ ଗୁରୁ
ଉଦ୍ଧବ କେତେ ତୁ ପଢ଼ୁରୁ !"

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତ ଓ ବୈଷ୍ଣବ୍ୟପ୍ରତ ମଧୁସୂଦନଙ୍କ ଗଭୀର ସମଭ୍ୱବୋଧ ହେତୁ ସେ ବଙ୍ଗଳାରେ କଥାବାର୍ତ୍ତା କଲ ଅଥବା ବଙ୍ଗୀୟମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ରଖି ସୁଦ୍ଧା, ପ୍ରତ୍ୟେକ ଓଡ଼ିଆର ମାନସପ୍ରତମାରେ ପରିଣତ ହୋଇପାରିଥିଲେ ।

ମଧୁସୂଦନ ପୂଣି ହିନ୍ଦୁ-ଓଡିଶାରେ ନଜକୁ ଆପାଙ୍କ୍ରେପ୍ଟ କରିବାର ବାଟ ସଫା କଲ ଖ୍ରୀଷ୍ଟିଆନ୍ ହୋଇଥିଲେ । ଅଥଚ ହିନ୍ଦୁ-ଜଗତର ମଉଡ଼ମଣି ଜଗନ୍ନାଥ ଓ ତାଙ୍କର ରାଜସେବକରୂପେ ପୁଣିର ମହାରାଜାଙ୍କ ମାନରକ୍ଷା ପାଇଁ କମ୍ବା କଣ୍ଟକରେ ଗୋବଧ-ନିବାରଣ ପାଇଁ ତାଙ୍କର ଅକୁଣ୍ଠୋଦ୍ୟମ ଅଦମ୍ୟମାତ୍ର ଉଦ୍ୟମ ହେତୁ ହିନ୍ଦୁ ସନାତନୀମାନେ ସୁଦ୍ଧା ତାଙ୍କ ପ୍ରତି ଆନୁଗତ୍ୟକୁ ପରମ ଶ୍ଲାଘାପୂର୍ଣ୍ଣ ବିବେଚନା କରିଥିଲେ ।

ମଧୁସୂଦନଙ୍କ ଦୃଷ୍ଟିରେ ଧର୍ମ, ଧର୍ମାନ୍ଧତା ବା 'ଡଗ୍‌ମା' ନ ଥିଲା । ଖ୍ରୀ: ଅ: ୧୯୧୫ରେ ଆଲ୍ଲାହାବାଦଠାରେ ଅନୁଷ୍ଠିତ ନଗିଲ-ଭାରତ

Digitized by srujanika@gmail.com

ଖ୍ରୀଷ୍ଟିଆନ-ଧର୍ମ୍ମଳମ୍ବୀ ଦ୍ୱିପ୍ରାପ୍ତ ଅଧିବେଶନରେ ସଭାପତିରୂପେ ସେ ଯେଉଁ ଅଭିଭାଷଣ ଦେଇଥିଲେ, ସେଥିରେ ଖ୍ରୀଷ୍ଟଧର୍ମପ୍ରତି ତାଙ୍କ ଅନୁରକ୍ତିର କାରଣ ସୂଚିତ କରି ସେ କହିଥିଲେ ଯେ ଖ୍ରୀଷ୍ଟଧର୍ମର ସେହି ମହାନ୍ ଉକ୍ତି **"Father forgive them, for they know not what they do."** (ଭଗବାନ୍ ସେମାନଙ୍କୁ କ୍ଷମା କର, ସେମାନେ କଣ କରୁଛନ୍ତି ତାହା ନିଜେ ଜାଣନ୍ତି ନାହିଁ), ତାଙ୍କୁ ଖ୍ରୀଷ୍ଟଧର୍ମପ୍ରତି ଆକୃଷ୍ଟ କରିଥିଲା ! ଏହା କଲ୍ପୁ କୌଣସି ଧାର୍ମିକ ସଂପ୍ରଦାୟର ପ୍ରାର୍ଥନାବାଣୀ ନୁହେଁ, ପ୍ରକୃତପକ୍ଷେ ଏହା ଉଦାତ୍ତ ମାନବକତାର କଲ୍ୟାଣଧର୍ମୀ ଉତ୍କ୍ରମନ୍ତ ।

କଲ୍ପୁ ଖ୍ରୀଷ୍ଟିଆନ-ଚର୍ଚ୍ଚ ସମ୍ବନ୍ଧରେ ସେ ଯେପରି ନିଜର ସମ୍ପର୍କ ଛିନ୍ନ କଲେ, ତାହାର କାହାଣୀଟି ଅତ୍ୟନ୍ତ କୌତୂହଳପ୍ରଦ । ସ୍ୱର୍ଗତ ଅଧ୍ୟାପକ ଜଗନ୍ନାଥ ମହାନ୍ତି ତାହା ଲିପିବଦ୍ଧ କରିଯାଇଛନ୍ତି । ଆଦ୍ୟ ଯୌବନରେ କଲିକତାରେ ଥିବାବେଳେ ମଧୁସୂଦନ ନିୟମିତଭାବରେ ଗୋଟିଏ ଗୀର୍ଜାକୁ ଯାଉଥିଲେ । ଥରେ ସେହି ଗୀର୍ଜାର ଜଣେ ସଦସ୍ୟ ମଦ ପିଇ ମାତ୍ଲାମୀ କରିବା ଅପରାଧରେ, ଗୀର୍ଜାର ପାଦ୍ରୀ-ମଣ୍ଡଳୀଙ୍କଦ୍ୱାରା ବହିଷ୍କାର ସମ୍ମୁଖୀନ ହୋଇଥିଲେ । ବହିଷ୍କାରରେ ତାଙ୍କୁ ଅପରାଧୀ ସାବ୍ୟସ୍ତ କରିପାରୁ, ସେ ସେହି ଗୀର୍ଜାରୁ ବତାଡ଼ିତ ହୋଇଥିଲେ । ସେହି ବହିଷ୍କାର ଘଟିଥିବାବେଳେ ମଧୁସୂଦନ ସେଠାରେ ଉପସ୍ଥିତ ଥିଲେ । ଏହି ବହିଷ୍କାରର ପ୍ରତିବାଦ କରି ସେ କହିଥିଲେ "ଯେଉଁ ବହିଷ୍କାରକମଣ୍ଡଳୀ ଏହି ମଦ୍ୟପଟିଙ୍କୁ ବହିଷ୍କାର କରୁଅଛନ୍ତି, ସେମାନଙ୍କ ମଧ୍ୟରେ ସୁଦ୍ଧା ବହୁ ମାତାଲ ଅଛନ୍ତି ! ଧର୍ମପ୍ରତିଷ୍ଠାନର କର୍ତ୍ତବ୍ୟ ଏହାର ଅନୈବାସୀମାନଙ୍କୁ ଆଧ୍ୟାତ୍ମିକ ଶାନ୍ତି ଓ ସାନ୍ତ୍ୱନା ପ୍ରଦାନ କରିବା; ଏକ ବହିଷ୍କାରାଳୟପରି ଶାସ୍ତି ପ୍ରଦାନ କରିବା ନୁହେଁ !" ମଧୁସୂଦନ ସେହିଦିନୁ ଆଉ କୌଣସି ଗୋଷ୍ଠୀର ଗୀର୍ଜାରେ ଯୋଗ ଦେଉ ନ ଥିଲେ ।

ଏହିପରିପ୍ରେକ୍ଷୀରେ ମଧୁସୂଦନ ନିଜକୁ ଜନସାଧାରଣରେ ଯେତେ ଅପ୍ରିୟ କରିବାକୁ ଚେଷ୍ଟା କଲେ ସୁଦ୍ଧା ତାଙ୍କ ବ୍ୟକ୍ତିତ୍ୱରେ ମୌଳିକତା ଓ ତେଜସ୍ୱିତା ତାଙ୍କୁ ଧର୍ମ, ଭାଷା ଓ ଗୋଷ୍ଠୀ ନିର୍ବିଶେଷରେ, ପ୍ରତ୍ୟେକ କ୍ଷେତ୍ରରେ ଜନପ୍ରିୟତ୍ୱରେ ଅଭିଷିକ୍ତ କରିଥିଲା । ତାଙ୍କର ବିଦ୍ରୋହାତ୍ମକ ସ୍ୱର୍ଗରେ ପ୍ରତ୍ୟେକ ପିଙ୍କଦାମୀ ଫୁଲଦାମ୍ପରେ ପରିଣତ ହୋଇପାରିଥିଲା ।

Digitized by srujanika@gmail.com

KALINGA AGENCIES

Compliments

ON THE 118th BIRTH ANNIVERSARY

OF

UTKAL GOURAB MADHUSUDAN

AND

OFFERS YOU QUALITY STEEL FURNITURES WITH COMPARATIVELY MINIMUM COSTS

Distributers in :

* Tubular Steel folding chairs.
* Tubular Steel folding chairs with cushion and arms.
* Tea Poys.
* Tubular Steel folding table of different sizes.
* Tubular Steel folding bed with net arrangements.
* Comfortable swinging chairs.

Manufacture Challange Engineering Works

CALCUTTA-1

Office at Cuttack—**Tarachand Patna**

Phone : 768 A **Pithapur, Cuttack-1.**

Digitized by srujanika@gmail.com

ଏ ଜାତିର ଜାଗ୍ରତ ପ୍ରହରୀ

ଅଧ୍ୟାପକ କାନକୀବଲ୍ଲଭ ମହାନ୍ତି

(ଭରଦ୍ୱାଜ)

୧୮୬୮ ମସିହା ଓଡ଼ିଶା ଇତିହାସର ଏକ ସ୍ମରଣୀୟ ବର୍ଷ । ଏହି ପ୍ରେରଣା ଦେଲଭଳି ଏହି ବର୍ଷ ଓଡ଼ିଶାରେ ତିନିଜଣ ମନୀଷୀ ଭୂମିଷ୍ଠ ହୋଇଥିଲେ; ଯେଉଁମାନଙ୍କ ସାଧନା, ତ୍ୟାଗ ଓ କର୍ମକୁଶଳତା ବଳରେ ଓଡ଼ିଶାର ସାହିତ୍ୟ ଓ ରାଜନୈତିକ କ୍ଷେତ୍ରରେ ସୁଗାନ୍ତରର ସୂତ୍ରପାତ ହୋଇଥିଲା । ଏହି ତିନିଜଣ ହେଉଛନ୍ତି 'ଆଧୁନିକ ଓଡ଼ିଆ ସାହିତ୍ୟ' ତଥା 'ଆଧୁନିକ ଓଡ଼ିଶା' କହିଲେ ଯାହା ବୁଝାଏ, ତାହାର ଅନ୍ୟତମ ସ୍ରଷ୍ଟା । ସେମାନେ ହେଉଛନ୍ତି—କବିବର ରାଧାନାଥ, ସମ୍ବାଦିକ-ଶିକ୍ଷକ ଗୋବିନ୍ଦ ରଥ ଓ ମଧୁସୂଦନ ଦାସ । ରାଧାନାଥ ସାହିତ୍ୟକ୍ଷେତ୍ରରେ ନୂତନ ଶୈଳୀରେ କାବ୍ୟ-ପରମ୍ପରା ପ୍ରତିଷ୍ଠା କରି ସ୍ୱଦେଶପ୍ରୀତି ଓ ଜାତୀୟ କବିତାକୁ ଅନୁପ୍ରବିଷ୍ଟ କରି ଆତ୍ମବିସ୍ମୃତ ଜାତୀୟ ପ୍ରାଣରେ ଆମୂଳ ଚେତନା ଜାଗ୍ରତ କରିଗଲେ । ତାଳପତ୍ର ପୋଥିରେ ନିବଦ୍ଧ ଲୁପ୍ତୋନ୍ମୁଖୀ ସମୃଦ୍ଧ ପ୍ରାଚୀନ ଓଡ଼ିଆ ସାହିତ୍ୟ ସଂପଦକୁ ଉଦ୍ଧାର, ସଂକଳନ ଓ ମୁଦ୍ରଣ କରି ପରବର୍ତ୍ତୀ ବଂଶଧରଙ୍କ ଲଗି ରଖିଗଲେ ଗୋବିନ୍ଦ ରଥ । ବ୍ୟକ୍ତି ରଥ ଜାତିର ବକାଶଲଗି ଜ୍ଞାନ ସହ କର୍ମର ସମ୍ମିଶ୍ରଣ ଅପରିହାର୍ଯ୍ୟ ହେଲଭଳି ଓଡ଼ିଶାର ନଶ୍ଚେଷ୍ଟ ଜୀବନ-ପ୍ରବାହରେ କର୍ମପ୍ରବଣତା, ସଂଗଠନ ଶୈଳୀ, ଯୋଜନାବଦ୍ଧ ଆନ୍ଦୋଳନର ଶକ୍ତି ସଂଚାର କରିବାକୁ ବୋଧହୁଏ ମଧୁସୂଦନ ଆବିର୍ଭୂତ ହୋଇଥିଲେ; ସମ୍ଭବତଃ ସେଥିପାଇଁ ତାଙ୍କୁ ବିଧାତା ତିନି ଜଣଙ୍କ ମଧ୍ୟରେ ଅପେକ୍ଷାକୃତ ଦୀର୍ଘଜୀବୀ କରିଥିଲେ ।

ମଧୁସୂଦନ ଆଜି ସ୍ମୃତିର ସାମଗ୍ରୀ ଏ ଯୁଗର ଉତ୍କଳୀୟମାନଙ୍କ ନିକଟରେ ମଧୁସୂଦନ ଭକ୍ତି, ଶ୍ରଦ୍ଧା, ଆଦର୍ଶର ପ୍ରତୀକ, ଜାତିର ପ୍ରାଣ-ପ୍ରତିଷ୍ଠାତାଦ୍ଦେବରେ ଏକ ନମସ୍ୟ ଅନୁଷ୍ଠାନ । ଆଜି ପଚ୍ଚିକୁ ଗଲିଣି ମଧୁସୂଦନଙ୍କ ଘଟଣାବହୁଳ ୮୩ ବର୍ଷର କର୍ମବହୁଳ ଜୀବନକୁ ଅବଲମ୍ବନ କରି ଓଡ଼ିଆ ଜାତିର ଆତ୍ମ-ସଚେତନତା ଓ ଆତ୍ମପ୍ରତିଷ୍ଠାରେ ଏକ ଉଜ୍ଜ୍ୱଳ ଅଧ୍ୟାୟ ବୋଲି ମନେ ହୁଏ ।

Digitized by srujanika@gmail.com

ମେଧାବୀ ମଧୁସୂଦନ ଏଲାନ୍ଙ୍କ ଅସଦାଚରଣରେ ଆତ୍ମ-ଉନ୍ନତିର ଦୁଆର ଅଉଲାଖରେ ବଶବର୍ତ୍ତୀ ହୋଇ ବାଲେଶ୍ୱରଠାରୁ ଗୁଲ ଗୁଲ କଲକତା ଯାଇଥିଲେ ଓ ସେଠାରେ ଏଣ୍ଟ୍. ଏ. ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେହ୍ନଠାରେ ହିଁ ତାଙ୍କର ଧର୍ମାନ୍ତର ଗ୍ରହଣ ବବାହ ଓ ଆଇନ ବ୍ୟବସାୟ ଆରମ୍ଭ । ଏହି ସମୟରେ ପ୍ରାୟ ୧୮୭୭ ବେଳକୁ ତାଙ୍କର ପତ୍ନୀବିୟୋଗ ହେଲ ଓ ସେ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରନ୍ତି ୧୮୮୧ ମସିହାରେ । ଏହି ସମୟ ମଧ୍ୟରେ ସେ ଓଡ଼ିଶାର ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ଜୀବନଠାରୁ ସମ୍ପୂର୍ଣ୍ଣ ଦୂରରେ ଥିଲେ, କହିଲେ ଚଳେ । ରାଧାନାଥ, ଫକୀରମୋହନ, ଗୌରୀଶଙ୍କର ଏହି ସମୟ ମଧ୍ୟରେ ଓଡ଼ିଆ ଭାଷାର ଉନ୍ନତି ଲାଗି ପ୍ରଯତ୍ନଶୀଳ । ଯାହା ହେଉ, ମଧୁସୂଦନ କଟକରେ ଆଇନ-ବ୍ୟବସାୟରେ ଯେତେବେଳେ ଯୋଗଦେଲେ, ସେତେବେଳେ ଓଡ଼ିଶାର ତତ୍କାଳୀନ ସଂବାଦପତ୍ର ପତ୍ରିକା ଏହି ସମ୍ବାଦକୁ ଏହାପରି ପରିବେଷଣ କରିଥିଲେ—'ଓଡ଼ିଶାର ପ୍ରଥମ ଏବଂ ଏପର୍ଯ୍ୟନ୍ତ ଏକମାତ୍ର ଏମ୍. ଏ. ଓ ବି. ଏଲ୍. ଉପାଧିଧାରୀ ବାବୁ ମଧୁସୂଦନ ଦାସ ଗତ ସପ୍ତାହରୁ ଏ ନଗରକୁ ଆସି ଏଠା ଅଦାଲତମାନଙ୍କରେ ଓକିଲତି କରିବା ଆରମ୍ଭ କରିଅଛନ୍ତି । ଏଥିପୂର୍ବେ ଏ ମହାଶୟ ହାଇକୋର୍ଟର ଜଣେ ଅନୁବାଦକ ଥିଲେ ଏବଂ ଚଉଗଯିରଗନ୍ଧାରେ ଓକିଲତି କରିବା ଆରମ୍ଭ କରିଥିଲେ । ଏତେ ଦିନେ ଓଡ଼ିଶାର ଅଦାଲତରେ ଜଣେ ଶିକ୍ଷିତ ଉଚ୍ଚଶ୍ରେଣୀସ୍ଥ ଓକିଲ ଦେଖି ଆମ୍ଭେମାନେ ଆନନ୍ଦିତ ହେଲୁ" (ଉତ୍କଳ ଦୀପିକା-ସେପ୍ଟେମ୍ବର ୨୪—୧୮୮୧) । ଅତି ଅଳ୍ପକାଳମଧ୍ୟରେ ମଧୁସୂଦନ ଆପଣାର ଅସାଧାରଣ ଆଇନ ଜ୍ଞାନ, ବାଗ୍ମିତା, ଉଦାରତା ଓ ବ୍ୟବହାରଯୋଗୁ କଟକର ଶ୍ରେଷ୍ଠ ଓକିଲଗୁଡ଼ିକ ମଧ୍ୟରେ ପରିଗଣିତ ହେଲେ । ପ୍ରଚୁର ସଂପଦର ମଧ୍ୟ ସେ ଅଧିକାରୀ ହୋଇପାରିଥିଲେ ଓ ଓଡ଼ିଶାର ସାଧାରଣ ଜୀବନରେ ମଧ୍ୟ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ । ଏହି ସମୟରୁ ସେ ତାଙ୍କର ସମସ୍ତ ଶକ୍ତି, ଶ୍ରମ ଓ ଅର୍ଥ ଓଡ଼ିଶାର ଉନ୍ନତିକଳ୍ପେ ନିୟୋଗ କରିଯାଇଅଛନ୍ତି । ୧୯୨୭ ମସିହାରେ ସେ ନିଜକୁ ସଦସ୍ୟ ବୋଲି ଆଦାଲତ ଅନୁମୋଦନକ୍ରମେ ଘୋଷିତ କରିବା ପର୍ଯ୍ୟନ୍ତ ନିଜର ସମସ୍ତ ଉପାର୍ଜିତ ଏକପ୍ରକାର ଦେଶ ଲାଗିହିଁ ବ୍ୟୟ କରିଯାଇଛନ୍ତି । ବର୍ତ୍ତମାନ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକୀକରଣ ଓ ପୁନର୍ଗଠନ ଉଜ୍ଜ୍ୱଳ ଗଠନ, ଓଡ଼ିଶାର ଶିଳ୍ପ ଉନ୍ନତ ଥିଲା ତାଙ୍କ

Digitized by srujanika@gmail.com

ଜୀବନର ପ୍ରଧାନ ସ୍ୱପ୍ନ । ସେଥିପାଇଁ ସେ ୧୯୦୩ରୁ 'ଉତ୍କଳ ସମ୍ମିଳନୀ'ର ପ୍ରତିଷ୍ଠା କରିଥିଲେ । ଉତ୍କଳ ଝ୍ୟାନେଶ୍ସ ଓ ଉତ୍କଳର ଗୌରବକଳା ଅନୁଷ୍ଠାନ ତାଙ୍କ ସ୍ୱପ୍ନର ଦୁଇଁ ରୂପାନ୍ତର । ଜୀବଦ୍ଦଶାରେ ତାଙ୍କର ଏହି ସ୍ୱପ୍ନ ସଫଳ ହୋଇପାର୍ ନଥିଲେହେଁ, ସ୍ୱାଧୀନୋତ୍ତର କାଳରେ ତାହା ନମେ ଫଳପ୍ରସୂ ହେବାର ସମ୍ଭାବନା ଉଜ୍ଜ୍ୱଳତର ହୋଇଉଠୁଛି ।

ମଧୁସୂଦନ ଅସାଧାରଣ ମେଧା ଓ ସୃଜନଶକ୍ତିର ଅଧିକାରୀ ଥିଲେ । ମୃତ୍ୟୁର ଅବ୍ୟବହିତ ପର୍ଯ୍ୟନ୍ତ ତାଙ୍କର ଜରାଜୀର୍ଣ୍ଣ ଦୁର୍ବଳ ଦେହ ସତ୍ତ୍ୱେ କପର ସେ ଦୃଢ଼ ମନୋବଳରେ ବଳୀୟାନ ଥିଲେ, ଏପରକି ୮୨ ବର୍ଷ ବୟସରେ ଅଦାଲତକୁ ଯାଇ ଆଇନ ଜୀବକା ଚଳାଉଥିଲେ, ତାହା ଅନେକଙ୍କୁ ବସ୍ମିତ କରୁଥିଲା । ଜୀବନକାଳ ଭିତରେ ସେ ପ୍ରଚୁର ଯଶ ପ୍ରତିଷ୍ଠା ଓ ଅର୍ଥର ଯେପରି ଅଧିକାରୀ ହୋଇଥିଲେ, ସେହିପରି ସେଗୁଡ଼ିକୁ ଅକାତରରେ ପରତ୍ୟାଗ ମଧ୍ୟ କରପାରୁଥିଲେ । ୧୯୦୪ ମସିହାରେ ସେ ବ୍ରିଟିଶ ସରକାରଙ୍କଠାରୁ ସି. ଆଇ. ଇ. ଉପାଧିରେ ଭୂଷିତ ହୋଇଥିଲେ । ବଙ୍ଗ କାଉନସିଲର ଜଣେ ସଭ୍ୟ ଥିଲେ, ୧୯୧୨ରେ କୃଷକମାନଙ୍କ କଲ୍ୟାଣକାମୀ ପ୍ରଜାସ୍ୱତ୍ୱ ସଭା ଗଠନ କରିଥିଲେ; ତାର ସଭାପତି ମଧ୍ୟ ଥିଲେ । ୧୯୧୩ ବହାର-ଓଡ଼ିଶା ଲେଜସ୍ଲେଟିଭ କାଉନସିଲରୁ ଇମ୍ପେରିଆଲ ଲେଜସ୍ଲେଟିଭ କାଉନସିଲ୍‌କୁ ନିର୍ବାଚିତ ହୋଇଥିଲେ । ୧୯୧୯ରେ ବହାର-ଓଡ଼ିଶାର ସ୍ୱାସ୍ଥ୍ୟ-ଶାସନ ବିଭାଗର ମନ୍ତ୍ରୀ ହୋଇଥିଲେ ଓ ୧୯୨୩ରେ ମାତ୍ରଗତ କାରଣରୁ ୫୮୦୦୦/ର ବେତନ ବଶିଷ୍ଟ ଏହି ମନ୍ତ୍ରୀ ପଦରୁ ଇସ୍ତଫା ମଧ୍ୟ ଦେଇଥିଲେ ।

ଓଡ଼ିଶା ବାହାରେ ମଧ୍ୟ ତାଙ୍କର ଯଶ ଓ ପ୍ରତିଷ୍ଠା କମ୍ ନଥିଲା । ଓଡ଼ିଶାର ମହାନ୍ ଜାତୀୟବାଦୀ ନେତାଭାବେ ସେ ଓଡ଼ିଶାର ଗୌରବ ବୃଦ୍ଧି କରଯାଇଅଛନ୍ତି । ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେହେଁ ଧର୍ମ ବିଷୟରେ ଉଦାର ମନୋଭାବାପନ୍ନ ଥିଲେ । ସଦ୍ଭାରତୀୟ ଖ୍ରୀଷ୍ଟିୟାନ ସମ୍ମିଳନୀର ଦ୍ୱିତୀୟ, ତୃତୀୟ, ଚତୁର୍ଥ ଅଧିବେଶନରେ ସେ ଯଥାକ୍ରମେ ଆଲ୍‌ହାବାଦ, ମାଦ୍ରାଜ ଓ ନାଗପୁରଠାରେ ସଭାପତିତ୍ୱ କରିଥିଲେ ।

ନଜର ଛନ୍ଦା ଓ ଭାବନା କ୍ଷେତ୍ରରେ ସେ ଯେଉଁ ବୈପ୍ଲବିକତା, ଦୂରଦୃଷ୍ଟି ଓ ପୂର୍ବଦୃଷ୍ଟିର ପରିଚୟ ଦେଇଯାଇଛନ୍ତି, ତାହା ବସ୍ମୟକର ।

Digitized by srujanika@gmail.com

ବଙ୍ଗଳାରେ ସ୍ୱଦେଶୀ ଆନ୍ଦୋଳନର ବହୁ ପୂର୍ବରୁ ସେ ଖଦ୍ଦର ପ୍ରସ୍ତୁତ, ରଙ୍ଗଡ଼ା ଶିଳ୍ପର ଉନ୍ନତିଲଗି ଉଦ୍ୟମ କରୁଥିଲେ । ତାଙ୍କର ସହଯୋଗରେ ଓଡ଼ିଶାରେ ନାଗ୍ର-ଶିଷାର ବସ୍ତାର ପ୍ରସାର ଘଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ମଧୁସୂଦନ ଉତ୍କଳ ସମ୍ମିଳନୀର କାର୍ଯ୍ୟକଳାପଯୋଗୁ ଉତ୍ତର ଜୀବନରେ କଂଗ୍ରେସର ନେତୃବର୍ଗଙ୍କଦ୍ୱାରା ସମାଦୃତ ନ ହୋଇଥିଲେହେଁ ମଧୁସୂଦନଙ୍କଦ୍ୱାରା ବଙ୍ଗିୟ-ମାଞ୍ଚଳ ମିଶ୍ରଣମୂଳକ ଆନ୍ଦୋଳନ ନ ହୋଇଥିଲେ ଓଡ଼ିଶା ପରବର୍ତ୍ତୀକାଳରେ ସ୍ୱତନ୍ତ୍ର ପ୍ରଦେଶ ଲାଭ କରିବା ହୁଏତ ସମ୍ଭବପର ହୋଇପାର୍ ନଥାନ୍ତା ।

ମଧୁସୂଦନ ସାହିତ୍ୟିକ ନ ଥିଲେ, ମାତ୍ର ଓଡ଼ିଆ ସାହିତ୍ୟର ଉନ୍ନତ ବାସନା ତାଙ୍କର ଅନ୍ତରରେ ଜାଗରୂକ ଥିଲା । ମଧୁସୂଦନଙ୍କୁ ଆମେ ଆଜି ସ୍ମରଣ କରୁ । ସେ ଆଧୁନିକ ଓଡିଆ ସାହିତ୍ୟର ଜଣେ ପୃଷ୍ଠପୋଷକ ଥିଲେ । ଉନବିଂଶ ଶତାବ୍ଦୀର ଶେଷ ଦିଗକରେ ସେତେବେଳେ ନାଟକ ଅଭିନୟ କରିବାକୁ ଜନସାଧାରଣ କୁଣ୍ଠିତ ଥିଲେ, ନାଟକ ଦେଖିବାକୁ ଲୋକେ ନାସିକା କୁଂଚନ କରୁଥିଲେ, ସେହି ସମୟରେ ଓଡ଼ିଆ ଅଭିନୟ କଳାକୁ ଉତ୍କଳୀୟମାନଙ୍କ ମଧ୍ୟରେ ଯେ ପ୍ରଥମେ ଉତ୍ସାହିତ କରୁଥିଲେ, ସେ ହେଉଛନ୍ତି ମଧୁସୂଦନ । ୧୮୮୧ ମସିହାରେ ପ୍ରଥମ ଓଡ଼ିଆ ନାଟକଯନ୍ତ୍ରବେ ବନ୍ଦିତ କାଞ୍ଚିକାବେଷ୍ଟ ମଧୁସୂଦନଙ୍କ ଅନୁଜ ଗୋପାଳ ବଲ୍ଲଭଙ୍କ ବିବାହ ଉପଲକ୍ଷେ ମଧୁସୂଦନଙ୍କ କଟକ ବାସଗୃହରେ ଅଭିନୀତ ହୋଇଥିଲା । ଏହାଛଡ଼ା ମଧୁସୂଦନ ଦାସଙ୍କ ଗୃହରେ ବହୁ ଆମେଚର ଦଳ ଅନେକ ନାଟକ ଅଭିନୟ ପ୍ରଦର୍ଶନ କରିଥିବା ବିଷୟ ଆମ୍ଭେମାନେ ପ୍ରାଚୀନ ପତ୍ରିକାରୁ ଅବଗତ ହୋଇଥାଉ । କଖ । ସମ୍ଭବତଃ ମଧୁସୂଦନ ନାଟକ ପ୍ରିୟ ଥିଲେ ଓ ଓଡ଼ିଆ

(କ) 'ଗତ ଶନିବାର ରାତ୍ରରେ ମଧୁସୂଦନ ଦାସଙ୍କ ଗୃହରେ ନାଟକ ଆମେଚର ଥିଏଟର ଦଳ 'ହରିଶ୍ଚନ୍ଦ୍ର' ନାଟକ ଅଭିନୟ କରିଥିଲେ । (ଉତ୍କଳଦୀପିକା ୧୭.୧.୧୮୮୭)

(ଖ) ଗତ ଶନିବାର ରାତ୍ରରେ ବାବୁ ମଧୁସୂଦନ ଦାସଙ୍କ ଗୃହରେ ଏଠା ଜଗନ୍ନାଥ ଥିଏଟର ଦଳ 'ଆଦର୍ଶ ସତୀ' ନାମକ ନାଟକ ଓ 'ଭଣ୍ଡ ଦଲପତି ଦଣ୍ଡ' ନାମକ ପ୍ରହସନର ଅଭିନୟ କରିଥିଲେ । × × × ଦର୍ଶକମାନେ ଏଥା ଦେଖି ପ୍ରଚୁର ଆନନ୍ଦ ଅନୁଭବ କରିଥିଲେ । (ଉତ୍କଳ ଦୀପିକା ୧.୧.୧୮୮୮)

Digitized by srujanika@gmail.com

ନାଟ୍ୟ ସାହିତ୍ୟର ବକାଶଲାଗି ଅଭିନୟ କଳାର ବକାଶ ଅପରିହାର୍ଯ୍ୟ, ଏହା ଉତ୍ତମରୂପେ ସେ ଯୁଗରେ ଉପଲବ୍ଧି କରିଥିଲେ । ଏଣୁ ନାଟକ ଅଭିନୟ ପ୍ରଦର୍ଶନେଚ୍ଛୁ ବ୍ୟକ୍ତିମାନଙ୍କୁ ସେ ସବୁପ୍ରକାର ସାହାଯ୍ୟ ସହଯୋଗ କରି ଉତ୍ସାହିତ କରିଥିଲେ । ସେ ଯୁଗରେ ଏହି ପୋଷକତା ଯେ ଓଡ଼ିଶାର ଦର୍ଶକ ତଥା ଅଭିନେତାମାନଙ୍କ ରୁଚିକୁ ଉନ୍ନତ, ମାର୍ଜିତ କରିବା ସଙ୍ଗେ ସଙ୍ଗେ ନାଟକ ରଚନାକୁ ବକଶିତ କରିବାରେ ସହାୟତା କରିଛି । ଏହା ଆଜି ଆମକୁ ନମ୍ରତାର ସହିତ ସ୍ୱୀକାର କରିବାକୁ ହେବ । ସେ ଯୁଗରେ ମଧ୍ୟ ମଧୁସୂଦନଙ୍କ ଏହି ଅକୃତ୍ରିମ ସାହାଯ୍ୟକୁ ଉତ୍କଳ ପାପିକା କୃତଜ୍ଞତାର ସହିତ ସ୍ୱୀକାର କରି ଲେଖିଥିଲେ ।

"ବାବୁ ମଧୁସୂଦନ ଦାସଙ୍କ କଲ୍ୟାଣରୁ ଏ ନଗରରୁ ନାଟ ଶାଳାଟି ଅଳ୍ପ ଦିନରେ ନିର୍ମିତ ହେବାରୁ ଏଠାକୁ ସୌକିନ ଅଭିନୟ ଦର୍ଶକ ସମ୍ପ୍ରଦାୟ ନାଟ୍ୟାଭିନୟ ଦେଖାଇବାକୁ ଅଧିକ ତତ୍ପର ହେବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁ । ମଧୁବାବୁ ଯେପରି ନାଟ୍ୟଶାଳାଟି ନର୍ମାଣ ଏବଂ ନାନା ଦୃଶ୍ୟ ପଟରେ ରଂଜିତ କରିଅଛନ୍ତି ଏବଂ ରୋସନାଇ ଇତ୍ୟାଦି ସକଳ ହର୍ଷର ସୁବନ୍ଦୋବସ୍ତ କରିବାଦ୍ୱାରା ଯେମନ୍ତ ଉତ୍ସାହ ଦେଇ ଅଛନ୍ତି ତହିଁରେ କିଛିକାଳ ସୁନ୍ଦରରୂପେ କାର୍ଯ ଚଳିବାହ ହେବ ଏବଂ ବର୍ଷା କାଳରେ ପୁଣା ବ୍ୟାଘାତ ହେବ ନାହିଁ । ଅଭିନେତା ସମ୍ପ୍ରଦାୟ ମଧ୍ୟ ଯେମନ୍ତ ମନଯୋଗୀ ହୋଇଅଛନ୍ତି ତାହା ଆଶାପୂର୍ଣ୍ଣ ଅଟଇ । × × ଗତ ଶନିବାର 'କର୍ଣ୍ଣଭାର୍ଜୁନୀୟ' ନାଟକ ଓ 'ବବାହ ବଭ୍ରାଟ' ପ୍ରହସନ ଅଭିନୀତ ହୋଇଅଛି ।" (୨ ଜୁନ ୧୮୮୮)

"ବାବୁ ମଧୁସୂଦନ ଦାସ ଏମାନଙ୍କୁ (କଟକର ଆମେଚର ଦଳ) ବଡ଼ଦଳ ଅର୍ଥି ବ୍ୟୟରେ କଲିକତାରୁ କେତେକ ଦୃଶ୍ୟ ଅଣାଇ ଦେଇ ଆପଣା ବସାର ପଶ୍ଚାତ୍ ଭାଗରେ ରଙ୍ଗଭୂମି ନର୍ମାଣ କରି ଦେବାର ସୁବଧା କରିଦେଇ, ଯେତେବେଳେ ଇଚ୍ଛା ସେତେବେଳେ ଅଭିନୟ କରିବା କାରଣ ଅନୁମତି ଦେଇଥିଲେ । × × ମାତ୍ର ଚଳିତ ବର୍ଷରୁ ସେ ସ୍ଥାନ ଅପ୍ରାପ୍ତ ହେବାରୁ ଅଭିନୟ ଦଳ ବଡ଼ ଦୁଃଖିତ ଥିଲେ । × × (ଛାଃ ପାଃ ୭-୫-୧୮୯୧)

Digitized by srujanika@gmail.com

ଓଡ଼ିଶାର ଜନସାଧାରଣଙ୍କ ସ୍ୱଚ୍ଛନ୍ଦ ଅବଗତ ଦୃଷ୍ଟିରୁ ଉତ୍କଳ ସମ୍ମିଳନୀର ସମସ୍ତ କାର୍ଯ୍ୟାବଳୀ ଓଡ଼ିଆ ଭାଷାରେହିଁ ଅନୁଷ୍ଠିତ ହେଉଥିଲା । ଏହା ମଧୁସୂଦନଙ୍କ ଭାଷା ପ୍ରୀତିର ଅନ୍ୟତମ ଦୃଷ୍ଟାନ୍ତ । ଓଡ଼ିଆ ଭାଷାକୁ ଏତଦ୍ଭାଗ୍ର ସମ୍ମାନିତ କରାଯାଇଛୁ ଓ ଓଡ଼ିଆ ସାହିତ୍ୟ ଉନ୍ନତିଲାଗି ବହୁ ପ୍ରସ୍ତାବ ଉତ୍କଳ ସମ୍ମିଳନୀ ପକ୍ଷରୁ ଉପସ୍ଥାପିତ ଓ ଗୃହୀତ ହୋଇଅଛୁ ।

ନଜର କମିଁବଢୁଳ, ରାଜନୈତିକ, ତଥା ସଂଗଠନାତ୍ମକ ଜୀବନକାଳ ମଧ୍ୟରେ ମଧୁସୂଦନ ଓଡ଼ିଆ ସାହିତ୍ୟ ଚର୍ଚ୍ଚା ଲାଗି ବେଶ ଯଥେଷ୍ଟ ସୁଯୋଗ ପାଇପାର ନାହାନ୍ତି । ତଥାପି ଓଡ଼ିଶାରେ ଜାଗୃତ୍ୟତା ବୋଧ ଜାଗରଣ— ସଙ୍କର ପୁରୋଧାରୁପେ ମଧୁସୂଦନ ଯେଉଁ କେତେଗୋଟି କବିତା ରଚନା କରିଥିଲେ ତାହା ଅନବଦ୍ୟ । ସେଗୁଡ଼ିକ ସଂଖ୍ୟାରେ ମାତ୍ର ଛଅଗୋଟି । ସେଥିରୁ ଅଧିକାଂଶ ବ୍ରଜସୁନ୍ଦର ଦାସଙ୍କ ପ୍ରକାଶିତ 'ମୁକୁର' ପତ୍ରିକାରେ ପ୍ରକାଶିତ ହୋଇଥିଲା । ପରେ ୧୯୧୫ ମସିହାରେ ବ୍ରଜସୁନ୍ଦର 'ଜାଗୃତ୍ୟ ଗୀତ' ନାମରେ ସେଗୁଡ଼ିକୁ ପୁସ୍ତକାକାରରେ ପ୍ରକାଶ କରିଥିଲେ । ଏହୁ ସଂପର୍କରେ ସେ ଯେଉଁ ସୂଚନା ଉକ୍ତ ପୁସ୍ତକର ଭୂମିକାରେ ଲେଖିଥିଲେ ତହିଁରୁ ସ୍ୱୀୟ କବିତାବଳୀ ସଂପର୍କରେ ମଧୁସୂଦନଙ୍କ ଅଭିମତ ପ୍ରଣିଧାନ ଯୋଗ୍ୟ । ଶଲଷ୍ଟ୍ରୟିଙ୍କ ଭଳ ସେ କେବଳ ନଜର ସମସ୍ତ ଅର୍ଜିତ ସଂପଦ ନୁହେଁ, ସାହିତ୍ୟ କୃତିକୁ ମଧ୍ୟ ଜାତିକୁ ସଂପ୍ରଦାନ କରିଯାଇଅଛନ୍ତି ।

"ଆତ୍ମମାନଙ୍କର ଜାତିର ନଶ୍ଚେଷ୍ଟତା ଓ ମୁମୂର୍ଷୁ ଅବସ୍ଥା ଦେଖି ସ୍ୱଦେଶ ପ୍ରାଣ ବୃଦ୍ଧ ମଧୁସୂଦନଙ୍କର କେତେଗୁଡ଼ିଏ ବାକ୍ୟ ଛନ୍ଦୋବଦ୍ଧ ହୋଇ ସ୍ୱତଃ ଉଚ୍ଚାରିତ ହୋଇଅଛୁ । ତାହା ସାମର୍ଯ୍ୟିକ ପତ୍ରରେ ବାହାରି-ଥିଲେ ସୁଦ୍ଧା ଜାତିର ଅନେକଙ୍କର ଦୃଷ୍ଟି ଗୋଚର ହୋଇ ନାହିଁ । ତାହାର ପ୍ରସ୍ଫୁରଣମନ୍ତେ ମୁଁ ତାଙ୍କର ଅନୁମତି ଘେନିଥିଲି । ସେ କହିଲେ—"ମୁଁ ମୋର ସବ ଜାତିକୁ ଦେଇଛୁ, ତାହା ଗୋଡ଼ରେ ମାଡ଼ିପାର ବା କଣ୍ଠରେ ଧାରଣ କରିପାର; ତାହା ଜାତିର, ମୋର କୌଣସି ଅଧିକାର ନାହିଁ ।' ଏହିପର ଅନୁମତି ପାଇ ମୁଁ 'ଜାଗୃତ୍ୟ ଗୀତ' ଜାତିର ହସ୍ତରେ ଅର୍ପଣ କରିବାକୁ ସାହସୀ ହେଲି ।"

ଏହିସବୁ ଗୀତଗୁଡ଼ିକ ପଦମନ୍ତ୍ରଭଳ ଅଭିବ୍ୟକ୍ତିର ଚମତ୍କାରତା ଓ ଭାବର ମହମାୟତା ଦୃଷ୍ଟିରୁ ମଧ୍ୟ ଅବସ୍ମରଣୀୟ । ସ୍ୱାର୍ଥ-କଳୁଷିତ

Digitized by srujanika@gmail.com

ଜାଣି ପକ୍ଷରେ ଏହା ସଦ୍ଗୋପ୍ତବେ ସୁରଣୀଯ ମଧ୍ୟ । କାଳର କାଳତ ପ୍ରକାଶତ୍ୱବେ ଯେପରି ତାଙ୍କର ଆତ୍ମା ଘୋଷଣା କରି ପଲଛୁ—

"ଆଜିର ଜନ୍ମାଷ୍ଟ ଦିନ ଜରେ ଘର
ସ୍ୱାର୍ଥକୁ ଜଗତ ମଣି,
ଗୋଦର ଗୋଡ଼ରେ ମାଇଁସ ଲଗିଲେ
ଦେହର କ ଶୁଭ ଗଣି ?
କାଳର ଜନ୍ମାଷ୍ଟ ସେ କାହିଁ ଜଣିବ
ସ୍ୱାର୍ଥେ ଯାଇ ବ୍ୟସ୍ତ ମନ,
ଶାଗୁଣା ବଳିଆ ଚକଚକ ଦେଲେ
ଶବ କ ପାଇବ ଘ୍ରାଣ ?
କାଳ ନଦ୍ଦଘୋଷ ଚଲବଳ ଘର
ସ୍ୱାର୍ଥକୁ ସାରଥି କଲେ,
ଟାଙ୍ଗେ କରେ ଗାଡ଼ ବାନାର ଚୋବଡ଼ା
ଘୋଡ଼ାମୁହଁ ବନ୍ଧା ଥିଲେ ?"

ଲବ୍ଧପ୍ରତିଷ୍ଠ ସାହିତ୍ୟିକ, ପ୍ରଖ୍ୟାତ ଔପନ୍ୟାସିକ, କେନ୍ଦ୍ର
ସାହିତ୍ୟ ଏକାଡେମୀଦ୍ୱାର ପୁରସ୍କୃତ

କାଳିନ୍ଦୀଚରଣଙ୍କ

ଉପନ୍ୟାସଗୁଡ଼ିକ ଗ୍ରନ୍ଥାବଳୀ ଆକାରରେ
ଛଅ ଖଣ୍ଡରେ ପ୍ରକାଶ ପାଇଛୁ ।

ଛଅ ଖଣ୍ଡର ମୂଲ୍ୟ—₹ ୫୨·୦୦

—ପ୍ରକାଶକ—

ଗ୍ରନ୍ଥମନ୍ଦିର

ବନୋଦବହାରୀ, କଟକ-୨

Digitized by srujanika@gmail.com

ମଧୁବାବୁଙ୍କ
ଜୀବନ ଦର୍ଶନର ଏକ ସମୀକ୍ଷା

ଶ୍ରୀ ଚନ୍ଦ୍ରଶେଖର ମହାପାତ୍ର

ଜାତି, ଧର୍ମ, ଦଳ ଓ ଗୋଷ୍ଠୀ ନିର୍ବିଶେଷରେ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ, ଓଡ଼ିଆ ଜାତିର ସମ୍ମାନ ଓ ପ୍ରତିଷ୍ଠା ଏବଂ ଓଡ଼ିଆ ରାଜ୍ୟ ଗଠନ ପାଇଁ ମଧୁବାବୁ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ନିରବଚ୍ଛିନ୍ନଭାବେ ଅବଶ୍ରାନ୍ତ ଉଦ୍ୟମ ଚଳାଇଥିଲେ ।

ଓଡ଼ିଶାର ଦୁର୍ଦ୍ଦଶାରୁ ଉତ୍ତରଣ, ଓଡ଼ିଶାରେ ଶିକ୍ଷାର ବିକାଶ ଏବଂ ଓଡ଼ିଆ ଜାତିର ଆତ୍ମବିଶ୍ୱାସ ପାଇଁ ସେ ଆଜୀବନ ଯେଉଁ ସାଧନା ଚଳାଇ-ଥିଲେ ତା' ଏବେ ମଧ୍ୟ ଅପୂର୍ଣ୍ଣ ରହିଛି ।

ମଧୁବାବୁଙ୍କ ପକ୍ଷରେ ନିଜର ଆଦର୍ଶ ଏବଂ ନିଜର ସମ୍ମାନ ଂପେକ୍ଷା ଶେଷ ଜୀବନପର୍ଯ୍ୟନ୍ତ ଆଉ କିଛି ଅଧିକ ଗୁରୁତ୍ୱପୂର୍ଣ୍ଣ ନଥିଲା । ସେ ଲକ୍ଷ ଲକ୍ଷ ଟଙ୍କା ଆୟ କରି ନଯୁତ ନଯୁତ ଟଙ୍କା ଖର୍ଚ୍ଚ କରିଛନ୍ତି । ...ଶେଷ ଜୀବନ ଅତି ଦରିଦ୍ର ଅବସ୍ଥାରେ ଅତିବାହିତ କରିଛନ୍ତି; ମାତ୍ର ନିଜର ସମ୍ମାନ ଏବଂ ଓଡ଼ିଶାର ସମ୍ମାନ ସବୁଦା ଅକ୍ଷୁଣ୍ଣ ରଖିବାରେ ସେ ଅଟଳ ରହିଥିଲେ ।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରୁ ସ୍ୱାଧୀନତା ମିଳିବାପର୍ଯ୍ୟନ୍ତ ଭାରତର ବିଭିନ୍ନ ରାଜ୍ୟରେ ଯେଉଁମାନେ ଜନନେତାଭାବେ ସମ୍ମାନିତ ଥିଲେ, ସେମାନଙ୍କର ପ୍ରତିଭା ବହୁମୁଖୀ ଥିଲା । ସେମାନେ ଯେ କୌଣସି ଷେତ୍ରରେ ଦାୟିତ୍ୱ ନେଇ ନିଜ ଉଚ୍ଚ ଧ୍ୟାତି ଓ ପ୍ରତିଷ୍ଠା ଅର୍ଜ୍ଜନ ପାଇଁ ସମର୍ଥ ହୋଇଛନ୍ତି ବୋଲି ଗୋର୍ ଅଫିସର୍ ତଥା ଏ ଦେଶର ଜନସାଧାରଣ ବିଶ୍ୱାସ କରୁଥିଲେ ।

ମଧୁବାବୁଙ୍କର ବହୁମୁଖୀ ପ୍ରତିଭା ଏବଂ କାର୍ଯ୍ୟରେ ନିଷ୍ଠା ଓ ଦକ୍ଷତା ଯୋଗୁଁ ସେ ସମସାମୟିକ ଭାରତର ଅନ୍ୟାନ୍ୟ ରାଜ୍ୟର ନେତାମାନଙ୍କର ସମକକ୍ଷ ହୋଇପାରିଥିଲେ । ନିଜକୁ କେବେ ଅନ୍ୟମାନଙ୍କ ଅପେକ୍ଷା—

Digitized by srujanika@gmail.com

ନ୍ୟୂନ ବତ୍ସର କରୁ ନ ଥିଲେ । ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ସଦ୍ୟୋଚ ସ୍ତରରେ ଥିବା ବ୍ୟକ୍ତିଙ୍କର ଏହି ଧାରଣା ତାଙ୍କପ୍ରତି ଶେଷ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥିଲା ।

ଓକିଲଭାବେ ଓକାଲତି ବ୍ୟବସାୟରେ, ଶିକ୍ଷାବତ୍ତାବେ କଲିକତା ବଶ୍ୱବଦ୍ୟାଳୟର ସିନେଟ୍‌ର ବ୍ୟବସ୍ଥାପକଭାବରେ ବଙ୍ଗଳା, ବହାର, ଓଡ଼ିଶା ଏବଂ ପରେ ବହାର-ଓଡ଼ିଶା କାଉନ୍‌ସିଲରେ ସେ ନଜର ନମିଳ ସାଧୂତା, ସୂକ୍ଷ୍ମ ବତ୍ସରବୁଦ୍ଧି ଏବଂ ଅଟଳ ଅଦର୍ଶ ଓ କାର୍ଯ୍ୟ-ଦକ୍ଷତାର ପ୍ରମାଣ ଦେଇଥିଲେ । ବ୍ୟକ୍ତିଗତ ଆଲୋଚନା ତଥା ଆନୁଷ୍ଠାନିକ ବତ୍ସରରେ ସଦ୍ଦା ତାଙ୍କର ଏକମାତ୍ର ଧ୍ୟାନ ଓ ସାଧନା ଥିଲା ଓଡ଼ିଶାକୁ ଭାରତର ଉନ୍ନତ ରାଜ୍ୟମାନଙ୍କ ସହିତ ସମସ୍କନ୍ଧ କରିବା ।

ମେଘାସନର ବ୍ୟକ୍ତିତ୍ୱ, ଶ୍ରୀ ଜଗନ୍ନାଥ ମନ୍ଦିର ଓ କୋଣାର୍କର ବୈଶିଷ୍ଟ୍ୟକୁ ଅକ୍ଷୁଣ୍ଣ ରଖି ଯେ କୌଣସି ସଂରଚନାତ୍ମକ ଉଦ୍ୟମରେ ଅଂଶୀଦାର ହେବା ତାଙ୍କର ଲକ୍ଷ୍ୟ ଥିଲା ।

ଉତ୍କଳମଣି ଗୋପବନ୍ଧୁଙ୍କର ସ୍ପଷ୍ଟ ମତ ଥିଲା ଯେ ଜାତିପାଇଁ ରାଜ୍ୟ, ରାଜ୍ୟ-ପାଇଁ ଜାତି ଓ ଦେଶପାଇଁ ରାଜ୍ୟର ସ୍ୱାର୍ଥ ବସର୍ଜନ ଆବଶ୍ୟକ । ମଧୂବାବୁ ଏହି ମତକୁ ସମର୍ଥନ କରି ନ ଥିଲେ । ସେଥିପାଇଁ ଉତ୍କଳମଣିଙ୍କ ସହିତ ତାଙ୍କର ମତଭେଦ ସ୍ପଷ୍ଟ ଥିଲା, ମାତ୍ର ସେଥିପାଇଁ ଉଭୟଙ୍କ ମଧ୍ୟରେ କୌଣସି ତିକ୍ତତା ସୃଷ୍ଟି ହୋଇ ନ ଥିଲା । ୧୯୧୬ରେ ବହାର-ଓଡ଼ିଶା କାଉନ୍‌ସିଲ୍‌କୁ ଓଡ଼ିଶାରୁ ଉତ୍କଳମଣି ଗୋପବନ୍ଧୁଙ୍କୁ ରାଜ୍ୟର ସ୍ୱାର୍ଥରୁଷ୍ଟିରୁ ନିର୍ବାଚିତ କରିବା ଆବଶ୍ୟକ ବୋଲି ସେ ଉପଲବ୍ଧି କରିଥିଲେ । ସେଥିପାଇଁ ସେ ନିଜେ ଗୋପବନ୍ଧୁଙ୍କୁ ପ୍ରବର୍ତ୍ତାଇଥିଲେ । ନିଜେ ଅନ୍ୟମାନଙ୍କ ବରୋଧର ସମ୍ମୁଖୀନ ହୋଇଥିଲେ ।

ସ୍ୱତନ୍ତ୍ର ଉତ୍କଳ ଗଠନପାଇଁ ସେ ଦେଶୀୟ ରାଜ୍ୟର ରାଜା, ମୋଗଲ-ବନ୍ଦର ଜମିଦାରଙ୍କ ସମେତ କବ, ସାହିତ୍ୟିକ, ଡାକ୍ତର, ଓକିଲ, ଗ୍ରାମ ତଥା ଗୃଷ୍ଟୀମାନଙ୍କୁ ମଧ୍ୟ ଉତ୍କଳ-ସମ୍ମିଳନୀପୀଠରେ ସମବେତ କରିପାରୁ-ଥିଲେ । ସରକାର କର୍ମଗୃଷ୍ଟମାନେ ଏଥିରୁ ପୃଥକ୍ ରହିବେ ବୋଲି ଥରେ ଜଣେ ଜଲ୍ଲାମାଜିଷ୍ଟ୍ରେଟ୍ କର୍ମଗୃଷ୍ଟମାନଙ୍କୁ ଦେଇଥିବା ନର୍ଦ୍ଦେଶକୁ

Digitized by srujanika@gmail.com

ପ୍ରତ୍ୟାହାର କରିବା ପାଇଁ ସେ ସଙ୍କୋଚ ସ୍ତରରେ ଉଦ୍ୟମ କରି ସଫଳ ହୋଇଥିଲେ ।

ଉତ୍କଳ ସମ୍ମିଳନୀକୁ କାଙ୍ଗଯ୍ୟ ଆନ୍ଦୋଳନରୁ ପୃଥକ୍ ରଖିବା ତାଙ୍କର ଇଚ୍ଛା ଥିଲା । ଉତ୍କଳମଣି ଗୋପବନ୍ଧୁଙ୍କର ବନ୍ଧୁ ଉଦ୍ୟମଫଳରେ କାଙ୍ଗଯ୍ୟ କଂଗ୍ରେସର ମାନ୍ତକୁ ସମର୍ଥନ ଜଣାଇ ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ ଏକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ମଧୁବାବୁ ଏହା ଗୃହଁ ନ ଥିଲେ । ତଥାପି ଗୋପବନ୍ଧୁଙ୍କ ସହିତ ତାଙ୍କର କୌଣସି ତିକ୍ତତା ସୃଷ୍ଟି ହୋଇ ନ ଥିଲା, କାରଣ ଦେଶର ସ୍ୱାର୍ଥଦୃଷ୍ଟିରୁ ଉଭୟ ନେତାଙ୍କ ମଧ୍ୟରେ ଉନ୍ନତ ପ୍ରକାଶର ଅବକାଶ ରହିଛି ବୋଲି ଉଭୟେ ଉପଲବ୍ଧି କରିଥିଲେ । ତଥାପି କେବଳ ଉତ୍କଳମଣି ଗୋପବନ୍ଧୁ ନୁହନ୍ତି, ପ୍ରାକୃତିକ ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟର ବହୁ ବଶିଷ୍ଟ, ଗଣ୍ୟମାନ୍ୟ ବ୍ୟକ୍ତି ମଧ୍ୟ ଆଲୋଚନା ଓ ପରାମର୍ଶ ପାଇଁ ମଧୁବାବୁଙ୍କ ପାଖକୁ ଆସନ୍ତି ।

ରାଜା ଓ ଜମିଦାରମାନେ ଅନ୍ତତଃ ଆଇନ୍‌ଗତ ପରାମର୍ଶ ପାଇଁ ଆସୁଥିଲେ । ଶିକ୍ଷାବତ୍, ସାହିତ୍ତ୍ୟକ, କବି, ସମାଜସେବୀ, ସରକାରୀ କର୍ମଗୁଣ୍ଠ ଏଭଳି କ ସାଧାରଣ ଗୃହୀ ମଧ୍ୟ ତାଙ୍କ ନିକଟକୁ ବ୍ୟକ୍ତିଗତ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ପରାମର୍ଶ ପାଇଁ ଆସନ୍ତି । ସମସ୍ତେ ଅନୁଭବ କରୁଥିଲେ ଯେ ନିଜ-ନିଜର ମତ ପାଇଁ ମଧୁବାବୁଙ୍କ ସମର୍ଥନ ପାଇଲେ ତାଙ୍କର ଶକ୍ତି ଯଥେଷ୍ଟ ବୃଦ୍ଧି ପାଇବ । ମଧୁବାବୁ ଯେଉଁ କାର୍ଯ୍ୟର ଦାୟିତ୍ୱ ନେବେ, ତା' ଆପଣାର ସମସ୍ତ ଶକ୍ତି ଓ ପ୍ରଭାବ ଖଟାଇ କାର୍ଯ୍ୟକାରୀ କରିବେ ।

ମାନ ମଧୁବାବୁଙ୍କର କେବଳ ଗୋଟିଏ ନିକଷ ଥିଲା । ପ୍ରତ୍ୟେକଙ୍କର କଥା ଓ କାର୍ଯ୍ୟ ରାଜ୍ୟର ସାମୂହିକ ବିକାଶରେ କେତେ ଦୂର ସହାୟକ, ତାହାହିଁ ସେ ଏହି ନିକଷିରେ ବିଚାର କରୁଥିଲେ । ତା'ପରେ କୌଣସି କାର୍ଯ୍ୟର ଦାୟିତ୍ୱ ନେବା ବା ସମର୍ଥନ ଜଣାଇବା ବିଷୟ ସ୍ଥିର କରନ୍ତି ।

ରାଜ୍ୟର କୌଣସି ଅଞ୍ଚଳରେ ମରୁଡ଼ି ବା ବନ୍ୟାର ପ୍ରାଦୁର୍ଭାବରେ ସରକାର ବିଭାଗର ତ୍ରୁଟିକୁ ସେ ସମାଲୋଚନା କରିବାରେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ତଥାପି ଦେଶୀ ଓ ବିଦେଶୀ ସରକାର ଅଫିସରମାନେ ତାଙ୍କୁ ସର୍ବାପେକ୍ଷା ଅଧିକ ଭକ୍ତି ପ୍ରଦର୍ଶନ କରନ୍ତି ଓ ଭୟ କରନ୍ତି । ଗୃହୀଙ୍କର

Digitized by srujanika@gmail.com

ସ୍ୱାର୍ଥରକ୍ଷା ପାଇଁ ଆବଶ୍ୟକ ପଡ଼ିଲେ ସେ ଜମିଦାରଙ୍କ ବରୁଦ୍ଧରେ ନଜର ଶକ୍ତ ଓ ପ୍ରଭାବ ବନଯୋଗ କରନ୍ତି । ତଥାପି ରଜା ଓ ଜମିଦାରମାନଙ୍କର ଚାଙ୍କପ୍ରତ୍ତ ସଙ୍ଗାଧିକ ଆସ୍ଥା ଓ ବଶ୍ୱାସ; ଏହାର କାରଣ, ସମସ୍ତେ ଉପଲବ୍ଧି କରିଥିଲେ ଯେ ମଧୁବାବୁ ନଜର ସ୍ୱାର୍ଥ ବା ସୁବଧା ହାସଲ ଉଦ୍ଦେଶ୍ୟରେ କଛୁ କରନ୍ତି ନାହିଁ ।

ମଧୁବାବୁ କୌଣସି ରାଜନୈତ୍ତକ ଆନ୍ଦୋଳନରେ ସଂପୃକ୍ତ ନ ଥିଲେ । କୌଣସି ରାଜନୈତ୍ତକ ଦଳରେ ଯୋଗଦେଇ ନ ଥିଲେ । ମାନ ଧର୍ମ, ରାଜନୈତ୍ତକ କ୍ଷେତ୍ରରେ ସେ ନୈତ୍ତକତା ଏବଂ ବୈଧାନକତା ବଷୟରେ ପରିଲ୍ଚତ ଦେଉଥିଲେ । ମନ୍ତ୍ରୀମାନଙ୍କ ବେତନ ୫ ହଜାର ଟଙ୍କାରୁ କମିବା ବପକ୍ଷରେ ସେ ଭୋଟ୍ ଦେଇଥିଲେ । ମାନ ସ୍ୱାସ୍ୱତ୍ତ-ଶାସନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ଅବୈତ୍ତନକଭାବେ ରଖାପିବାରୁ ସେ ସ୍ୱାସ୍ୱତ୍ତଶାସନ ବଭାଗର ମନ୍ତ୍ରୀତ୍ୱବରେ ମଧ୍ୟ କୌଣସି ବେତନ ନେବେ ନାହିଁ ବୋଲ ନଜର ସିଦ୍ଧାନ୍ତରେ ଅଟଳ ରହିଥିଲେ ।

ଅର୍ଥଭଲ ସମ୍ମାନ ଓ ପ୍ରତ୍ତଷ୍ଠା ଅଯାଚତଭାବେ ତାଙ୍କ ପାଖକୁ ଆସିଛୁ । ମାନ ସେ କେବେ ମୋହଗ୍ରସ୍ତ ହୋଇ ନାହାନ୍ତି । ଅର୍ଥ ପାଇଁ ବା କ୍ଷମତା ପାଇଁ ସେ ନଜର ନର୍ମଳ ବଶ୍ୱରକୁ କଳୁଷିତ କର ନାହାନ୍ତି ।

ମଧୁବାବୁ ଓଡ଼ଶାର ପ୍ରାଚୀନ ଗୌରବର ପୁନରୁଦ୍ଧାର ପାଇଁ ଉଜ୍ଜଳ ଟ୍ୟାନାସ୍ଥ ପ୍ରତ୍ତଷ୍ଠା କଲେ । ଏହାର ଖ୍ୟାତ ଓ ସୁନାମ ସାସ୍ ଘରଡରେ ସ୍ୱୀକୃତ ହୋଇଥିଲା । ମାନ ଏହ କାରଖାନାର ଘୋର ଆର୍ଥିକ ସଙ୍କଟ-ବେଳେ ମଧ୍ୟ ମଧୁବାବୁ କାହାର ଦ୍ୱାରସ୍ଥ ହୋଇ ଭକ୍ଷା ମାଗି ନାହାନ୍ତି, କାହାର ଦୟାର ପାନ ହୋଇ ନାହାନ୍ତି । ଏହାହିଁ ଥିଲ ତାଙ୍କର ଆତ୍ମଭମାନ । ମଧୁବାବୁଙ୍କର ସେ ସମସ୍ତରେ ଯେଉଁଳ ଖ୍ୟାତ ଓ ପ୍ରଭାବ ଥିଲ, ସେ ଗ୍ଭହିଁଥିଲେ ଏଉଳ କେତୋଟି ଚମଡ଼ାଶିଳ୍ପ ଓଡ଼ଶାରେ ପ୍ରତ୍ତଷ୍ଠା ପାଇଁ ସରକାସ୍ଥ ଓ ବେସ୍ୱରକାସ୍ଥ ସାହାଯ୍ୟ ସହଯୋଗ ପାଇଥାଆନ୍ତେ । ମାନ ତା' ସେ ଗ୍ଭହିଁଲେ ନାହିଁ । ପ୍ରଭାବ ଓ ପ୍ରତ୍ତପତ୍ତିର ବ୍ୟବହାର ଅପେକ୍ଷା ଅପଣାର ଶକ୍ତ ଓ ସାମର୍ଥ୍ୟର ବନଯୋଗ ଉପରେ ସେ ନର୍ଭର କରିଥିଲେ । ଦାନ ବା ଭଲଫ୍ୱାର୍ଗ କୌଣସି ସମସ୍ୟାର ସମାଧାନ ସମ୍ଭବ ନୁହେଁ ।

Digitized by srujanika@gmail.com

ନଜ ପାଇଁ ଏବଂ ଅନ୍ୟମାନଙ୍କ ପାଇଁ ଆପଣା ଶକ୍ତି ଓ ସାମର୍ଥ୍ୟର ବିକାଶପ୍ରତି ସେ ସବୁବେଳା ଗୁରୁତ୍ୱ ଦେଉଥିଲେ । ଏହି ଉଦ୍ଦେଶ୍ୟରେ ଶିଳ୍ପ-କ୍ଷେତ୍ରରେ ସେ ନେତୃତ୍ୱ ନେଇଥିଲେ ।

ମଧୁବାବୁଙ୍କ ସମୟରେ ଦେଶରେ ଅଧିକ ସଂଖ୍ୟକ ଗ୍ରାଜନୈତିକ ଦଳ ନ ଥିଲା । ମାତ୍ର ସ୍ୱାଧୀନତାପରେ ପ୍ରତି ନିର୍ବାଚନବେଳକୁ ଭାରତରେ ଗ୍ରାଜନୈତିକ ଦଳର ସଂଖ୍ୟା ବୃଦ୍ଧି ପାଇଛି । ଗ୍ରାଜନୈତିକ ଦଳ ଓ ନେତା ମାନଙ୍କ ମଧ୍ୟରେ ମତାନ୍ତରରୁ ମନାନ୍ତର ଓ ତିକ୍ତତା ସୃଷ୍ଟି ହେଉଛି ।

ମାତ୍ର ଦେଶରେ ସଂବିଧାନପ୍ରତି ସମ୍ମାନ ପ୍ରଦର୍ଶନ ଏବଂ ଗ୍ରାଜ୍ୟର ସମୃଦ୍ଧି ବିଷୟରେ ଆଗ୍ରହ ବୃଦ୍ଧି ପରିଲକ୍ଷିତ ହେଉ ନାହିଁ । ଗ୍ରାଜନୈତିକ ମତଦ୍ୱେଦ ବ୍ୟକ୍ତିଗତ ତିକ୍ତତାରେ ପରିଣତ ହେଉଛି । କୌଣସି ଆନ୍ଦୋଳନବେଳେ ମଧ୍ୟସ୍ଥି ଭାବେ ନର୍ଦ୍ଦଳୀୟ ଭିତ୍ତିରେ ସମସ୍ୟାର ଆପୋଷ ସମାଧାନ ପାଇଁ ବ୍ୟକ୍ତିର ଥିବା ବ୍ୟକ୍ତିର ଅଭାବ ପରିଲକ୍ଷିତ ହେଉଛି । ମାତ୍ର ଦଳଗତ ଗ୍ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଗ୍ରାଜ୍ୟ ତଥା ଦେଶର ସ୍ୱାର୍ଥ ଦୃଷ୍ଟିରୁ ବଭିନ୍ନ ଦଳ ଓ ଗୋଷ୍ଠୀର ଆସ୍ଥାଭାଜନ ହେବାଭଳି ବ୍ୟକ୍ତି ଏ ଦେଶରେ ଶାନ୍ତି ଓ ମୈତ୍ରୀଭାବର ପ୍ରସାର ସହିତ ସୁସ୍ଥ ଗଣତାନ୍ତ୍ରିକ ବିକାଶରେ ଯଥାର୍ଥ ସହାୟକ ହୋଇପାରନ୍ତେ ।

ଦେଶରେ ପ୍ରତ୍ୟେକ ବିକାଶମୂଳକ ଉଦ୍ୟମକୁ ଗ୍ରାଜନୈତିକ ଉଦ୍ଦେଶ୍ୟରେ ବିରୋଧ କରିପିବାଦ୍ୱାରା କୌଣସି କ୍ଷେତ୍ରରେ କାହାର କାପ୍ରତି ଆସ୍ଥା ଓ ବିଶ୍ୱାସ ରହୁ ନାହିଁ । କୌଣସି ଗ୍ରାଜନୈତିକ ଦଳରେ ଗଠନ-ମୂଳକ କାର୍ଯ୍ୟପ୍ରତି ଆଗ୍ରହ ପରିଲକ୍ଷିତ ହେଉ ନାହିଁ । କାହାର ସାଧୁତା, ନଷ୍ଠା ଓ ନର୍ମଳ ବିଷୟର ପାଇଁ ଅନୁକୂଳ ପରସ୍ଥିତି ରହୁ ନାହିଁ । ପରସ୍ପର ପ୍ରତି ଅବିଶ୍ୱାସ ବୃଦ୍ଧି ପାଉଛି ।

ଗ୍ରାଜନୈତିକ ଦଳ ଓ ବିବାଦରୁ ଉର୍ଦ୍ଧ୍ୱରେ ରହି ଦେଶରେ ତିକ୍ତତା, ମନାନ୍ତର ଏବଂ ଅବିଶ୍ୱାସ ପରିବର୍ତ୍ତେ ସମୁଦ୍ଧିକାଶ ଉଦ୍ୟମରେ ସହଯୋଗର ବାତାବରଣ ସୃଷ୍ଟି ଜାତିୟ ସମ୍ପତ୍ତିର ନରପେକ୍ଷ ରକ୍ଷା ଏବଂ ଦେଶରେ ଶାନ୍ତି ପ୍ରତିଷ୍ଠା ବିଷୟରେ ସହାୟକ ହେବ । ଦେଶର ସାମୁହିକ ବିକାଶ ଉଦ୍ୟମ ସହଜ ହେବ ।

ଧୁବାବୁଙ୍କ ଜୀବନ-ଦର୍ଶନ ଏ ବିଷୟରେ ଶିକ୍ଷିତ ସମାଜକୁ ପ୍ରତ୍ୟବତ କରୁ ଏହାହିଁ—କାମନା ।

Digitized by srujanika@gmail.com

ସଂପାଦକୀୟ

'ପୂଜ୍ୟପୂଜା ସଂସଦ' ୧୯୭୨ ମସିହା ଜାନୁଆରୀ ୧୪ ତାରିଖରେ ଫକୀରମୋହନଙ୍କ ବାସସ୍ଥାନ ଅବଦେଳିତ ଶାନ୍ତି-କାନନରେ ପ୍ରତିଷ୍ଠିତ ହୋଇଥିଲା । ସେତେବେଳେ ଓଡ଼ିଶାର ବିଭିନ୍ନ କଲେଜରୁ ଆମେମାନେ କେତେକ ଛାତ୍ର ଫକୀରମୋହନ ଜୟନ୍ତୀ ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତାରେ ଯାଇ ସେଠାରେ ପହଞ୍ଚିଥିଲୁ । ସେଦିନ ଫକୀରମୋହନଙ୍କ ଜନ୍ମପୀଠର ଦୁର୍ଦ୍ଦଶା ଓ ତାଙ୍କ ପ୍ରତିମୂର୍ତ୍ତିର ଦୟନୀୟ ଦୁରବସ୍ଥା ଦେଖି ଆମେମାନେ କାତର ହୋଇପଡ଼ିଥିଲୁ । ଏ ଦେଶର ବିମଳୁପ୍ତ ଜାତୀୟତାକୁ ପ୍ରତିଷ୍ଠିତ କରିବାକୁ ହେଲେ ଜାତିଗଠନ କାର୍ଯ୍ୟରେ ଜୀବନଦାନ କରିଥିବା ସ୍ୱାଧୀନତା ସୈନିକ, ସମାଜସେବୀ କର୍ମୀବର, ପୂଜ୍ୟ ଜନନେତା, ସାହିତ୍ୟ-ସାରଥୀ ଓ ଜାତିବରପୁତ୍ରମାନଙ୍କୁ ପୂଜା କରିପିବା ଉଚିତ—ଏକଥା ସେଠାରେ ସମସ୍ତେ ଉପଲବ୍ଧି କରିଥିଲେ । ଏ ଅନୁଷ୍ଠାନ ସେହି ସ୍ଥାନରେ ପ୍ରତିଷ୍ଠିତ ହେଲା । ପୂଜ୍ୟପୂଜାର ଏକ ବଳିଷ୍ଠ ଭୂମିକା ସୃଷ୍ଟି କରି ସମସାମୟିକ ଓ ଅନାଗତ ପୁରୁଷ ଆଗରେ ନେତୃତ୍ୱ ଓ ଆଦର୍ଶର ଏକ ପବିତ୍ର ପରଂପରା ସୃଷ୍ଟି କରିବା ଏ ଅନୁଷ୍ଠାନର ଲକ୍ଷ୍ୟ ଥିଲା । କାରଣ ଅନୁଭବ କରାଯାଇଥିଲା ଯେ ଗୋପବନ୍ଧୁ, ମଧୁବାବୁ, ଫକୀରମୋହନ ପ୍ରଭୃତିଙ୍କ ପରି ସାଧୁ ଦେଶସେବୀ ଓ ସାହିତ୍ୟରଥୀ ମରିବାର ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଏ ପ୍ରଦେଶ ଯେପରି ଏକ ବିରାଟ ମାର୍ମିକ ଶୂନ୍ୟତା, ଆତ୍ମଗ୍ଲାନି ଓ ଅଶ୍ରବବୋଧ ମଧ୍ୟରେ କୁଳଜନାରୁ ହରାଇ ବସିଛି । ଘରିବାଦର୍ଶର ହତ୍ୟା ବା ଅପଲୁଣ୍ଠନ ହୋଇଛି, ଆଖି ଆଗରେ ଅନୁସରଣୀୟ ନେତୃତ୍ୱର ପଡିଆର ନାହିଁ, ଘାରଙ୍ଗପ୍ୟ ମୂଲ୍ୟବୋଧ କ୍ରମେ ଭ୍ରିୟମାଣ ପଡୁଛି । ଏଥିରେ ଓଡ଼ିଶାର ଚଞ୍ଚଳମତି ତରୁଣମାନଙ୍କର ବିଚଳିତ ହେବାର ଯଥେଷ୍ଟ କାରଣ ଥିଲା । ଅତୀତର ବିପୁଳ ସମ୍ପଦ ଓ ସକଳ ବୈଭବକୁ ଆଖିଆଗରେ ରଖି ଏକ ସମୃଦ୍ଧିତ ଜାତି ହିସାବରେ ବଂଚିବାର ଦୁରନ୍ତ ଆକାଙ୍କ୍ଷା ଆମ ମନରେ ସେତେବେଳେ

Digitized by srujanika@gmail.com

ଉତ୍ସୁକତା ଦେଇଥିଲା, ଅଞ୍ଚଳର ଆଦର୍ଶ ନେତୃତ୍ୱ ଓ ତ୍ୟାଗପୂତ ବ୍ୟକ୍ତିତ୍ୱ-ଗୁଡ଼ିକୁ ପୂଜା କରିବାର ଆଗ୍ରହ ସେଇକ ଉତ୍ସାହ ଅଣିଦେଇଥିଲା । କାରଣ ଆମେମାନେ ବିଶ୍ୱାସ କରିଥିଲୁ—ଅଞ୍ଚଳକୁ ଅସ୍ୱୀକାର କରି କେବଳ ବର୍ତ୍ତମାନର ଭିତ୍ତି ଉପରେ କୌଣସି ଐତିହାସିକ ଜାତି କଦାପି ମୁଣ୍ଡ ଟେକି ପାରିବ ନାହିଁ । ଏହା ଆକସ୍ମିକ ଚାହିଁ 'ସପଦ'ର ଜନ୍ମଜାତକ ।

ସେଦିନ ମୋ ଅଜ୍ଞାତସାରେ ଆମେ ରତ୍ନଶିରା କମନ୍‌ରୁମ୍‌ରେ ଯେଉଁ ବୈଠକ ହେଲୁ ସେଥିରେ ସ୍ଥିର ହେଲା ଯେ ଜୟଦେବ, ସାରଳା ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଫକୀରମୋହନ, ଗୋପବନ୍ଧୁ, ମଧୁବାବୁ, ଗଙ୍ଗାଧର, ଗୋଦାବରୀଶ ଆଦି କେତେ ଜଣ ବ୍ୟକ୍ତିତ୍ୱଙ୍କୁ ସେମାନଙ୍କ ଅବଦାନ ସମନ୍ୱେ ନତ୍ୱାଜଳି କରିବି । ସେମାନଙ୍କ ଜନ୍ମ ଓ ମୃତ୍ୟୁଦିବସ-ମାନଙ୍କରେ ସେମାନଙ୍କ ଜନ୍ମସ୍ଥାନ ଓ କର୍ମପୀଠରେ ପାଠଚକ୍ର ଆୟୋଜନ ଓ ସଙ୍ଗସମିତି କରିବି ଏବଂ ସେମାନଙ୍କର ଜୀବନର ବିଶିଷ୍ଟ ବକ୍ତବ୍ୟଗୁଡ଼ିକୁ ନେଇ ସ୍ମାରକ ପୁସ୍ତକ ଓ ଜୀବନୀ ଆଦି ପ୍ରକାଶ ପାଇବ । ଓଡ଼ିଶାରେ ଏକ ସମାଜ-ପ୍ରସ୍ତୁତିମୂଳକ ବାତାବରଣ ସୃଷ୍ଟି କରି ନିଜ ସମ୍ପଦକୁ ଆଦର ଓ ପରିବ୍ୟାପ୍ତ କରିବାର ଆକାଙ୍କ୍ଷା ମନରେ ପୋଷଣ କଲ୍‌ବେଳେ ଆମେ ଏ ଦେଶବାସୀଙ୍କ ନତୁନତ୍ୱଗତା ଓ ଉଦାସୀନତାକୁ ଆଖିଆଗରେ ରଖିଥିଲୁ । ସମଗ୍ର ସୀମାନ୍ତ ଅଞ୍ଚଳଠାରୁ ଆରମ୍ଭ କରି ଓଡ଼ିଶାର ସାଂସ୍କୃତିକ ହୃତ୍‌ପିଣ୍ଡରେ ମଧ୍ୟ ଏ ଜଡ଼ତା ବା ଅନଭ୍ରସରତାର ବିପର୍ଯ୍ୟାସ ଆମେ ବେଶ୍ ଅନୁଭବ କରିଥିଲୁ । ଏପରି କି କାଳେ ଏ ମହାସଙ୍ଗୀ ବ୍ୟକ୍ତିତ୍ୱଗୁଡ଼ିକ ଜାତିର ଇତିହାସ ନ ଦେଇ ଆମ ସୃଷ୍ଟିରୁ ଅନାଗତ ପୁରୁଷ ଆଗରେ କମ୍ବଦନ୍ତୀ ବା କଥାଟିକାରେ ପରିଣତ ହୋଇଯିବେ, ସେ ଆଶଙ୍କା ମଧ୍ୟ ମନରେ ରେଖାପାତ କରୁଥିଲୁ । ଘୁଗବତକାର ଜଗନ୍ନାଥ ଦାସଙ୍କ ନାମଲୁପ୍ତ 'ସାତଲମ୍ବଡ଼' ମଠର ଦୁରବସ୍ଥା ଦେଖିଲେ ଏ ଦେଶବାସୀ ଆମ ଜାତିର ନତୁନତ୍ୱବେଗତାର ଏକ ସ୍ପଷ୍ଟ ଚିତ୍ର ପାଇପାରିବେ ।

ଯାହା ହେଉ, ଆଜ ୪ ବର୍ଷପରେ ଆମେ କେତେ ହାସଲ କରିଛୁ, ତାର ହିସାବ-ନିକାଶ କରିବାର ଅବକାଶ ଏ ନୁହେଁ । କାରଣ କେବଳ ଛତରେ ଭୁଡ଼ବଶ୍ୱାସ ରଖି ଆମେ ଚଲିଆସିଛୁ । ଏହି ଗତବର୍ଷ ମଧ୍ୟରେ ଫକୀରମୋହନଙ୍କ ପାଇଁ ବାଲେଶ୍ୱର ଓ ଭଦ୍ରଖଠାରେ, ଗୋପବନ୍ଧୁଙ୍କ ପାଇଁ

Digitized by srujanika@gmail.com

ସ୍ମୃତିରେ ଓ ସଭ୍ୟବାଦୀଠାରେ, ମଧୁବାବୁଙ୍କ ପାଇଁ ସତ୍ୟଗ୍ରାମପୁରରେ ଓ ଗୋଦାବଶ୍ରଙ୍କ ପାଇଁ ବାଣପୁର ତଥା କଟକରେ କଛୁ ଆୟୋଜନ କରିପାରନ୍ତୁ । ଏମାନଙ୍କ ବ୍ୟତୀତ ଗଣକବି ବୈଷ୍ଣବପାଣି; କବି ନନ୍ଦକିଶୋର ବଳ, ଅଭିମନ୍ୟୁ ସାମନ୍ତସିଂହାର ଆଦିଙ୍କ ଜନ୍ମସ୍ଥାନରେ ସ୍ମୃତିସ୍ତମ୍ଭ ଉଦ୍ଦ୍ୟୋକ୍ତାମାନଙ୍କୁ ସ୍ମୃତିପୂଜାରେ ସହଯୋଗ କରିଆସିଛୁ । ଆସନ୍ତା ଫେବୋୟାରି ପୂର୍ବାହ୍ନରେ ଗୋପବନ୍ଧୁଙ୍କ ଶ୍ରାଦ୍ଧବାସରରେ କଟକର ପୀଠାପୁର-ଠାରେ 'ଗୋପବନ୍ଧୁ ସାଧାରଣ ପାଠାଗାର'ର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଅଛୁ । ଏଥିପାଇଁ ରାଜ୍ୟ ସରକାରଙ୍କଠାରୁ ଆମେ ପାଇଥିବା ଛନ ହଜାର ଟଙ୍କାରେ ବହୁ ଓଡ଼ିଆ ପୁସ୍ତକ ଓ ଉପକରଣ କଣା-ଯାଇଛୁ । ଓଡ଼ଶାର ସାଂସ୍କୃତିକ ବ୍ୟାପାର ବଜ୍ରାଗ ଓ ଯୁବକଲ୍ୟାଣ ବୋର୍ଡ଼ରୁ ଗତ ଦୁଇବର୍ଷ ହେବ କଛୁ ବାର୍ଷିକ ସାହାଯ୍ୟ ପାଇପାରିଛୁ । କିନ୍ତୁ ଏସବୁ ସାହାଯ୍ୟ ଓ ସହଯୋଗ ଆମ ଅଟକଳର ମାତ୍ର ଏକ-ଦଶମାଂଶ । ତେଣୁ ଆମର ବହୁ ଯୋଜନା ଓ ପରିକଳ୍ପନା ବଶେଷତଃ ବର୍ଚ୍ଛିନ୍ନାଞ୍ଚଳ ଓ ପ୍ରାନ୍ତୀୟ ଅଞ୍ଚଳରେ ସାଂସ୍କୃତିକ ପଚେତନତା ଅଣିବାର ଆୟୋଜନ ଏପର୍ଯ୍ୟନ୍ତ କାର୍ଯ୍ୟକାଗ୍ର ହୋଇପାରିନାହିଁ । ଏଥିପାଇଁ ରାଜ୍ୟ ସାଂସ୍କୃତିକ ବଜ୍ରାଗକୁ ଏକ ଯୋଜନା ନଥି ଓ ଆବେଦନପତ୍ର ଦାଖଲ କରାଯାଇଛୁ । ଜଗନ୍ନାଥ ଦାସଙ୍କ ସ୍ମୃତିରକ୍ଷା ନମନ୍ତେ ଏକ ବ୍ରାଗବତ ଗ୍ରନ୍ଥ ଓ ସମଯୋଗତ ଆଦାତ୍ମିକ ବ୍ରାଗବତ-ଶ୍ରୋତା ନବାସ ପୁଗ୍ର ସମୁଦ୍ରକୂଳରେ (ପାତଳାହଡ଼ି ମଠ) ନର୍ମାଣ ଓ ଚାର ପରଚ୍ଛଳନା ନମନ୍ତେ 'ରାଜ୍ୟ ସମାଜମଙ୍ଗଳ ବୋର୍ଡ଼' ନକଟରେ ପଚ୍ଛଶ ହଜାର ଟଙ୍କାର ଏକ ଯୋଜନା ପେଶ୍ କରିପାରିଛୁ ।

ମଧୁବାବୁଙ୍କ ସ୍ମୃତିରକ୍ଷା ନମନ୍ତେ ପାଗାହାଟ ନକଟରେ ଏକ ମଧୁତୋରଣ ଓ ମଧୁସୂଦନଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନର୍ମାଣ ନମନ୍ତେ ଶ୍ରୀଯୁକ୍ତ କାଳକୃଷ୍ଣ ପଟ୍ଟନାୟକ ଓ ସଂସଦ ସଂପାଦକଙ୍କ ଉଦ୍ୟମରେ ଚଉଦ ଟଙ୍କା ମାତ୍ର ଆଦାଯ ହୋଇଅଛୁ । ଏ ପୁସ୍ତକର ବଚ୍ଛିଲବ୍ଧ ଅର୍ଥ ସେଦ୍ର ମନ୍ତତ କାର୍ଯ୍ୟରେ ବ୍ୟଯିତ ହେବା ସ୍ଥିର ହୋଇଅଛୁ । ଏସବୁ ପରିକଳ୍ପନାକୁ ସରକାଗ୍ର ଓ ବେସରକାଗ୍ର ଉଦ୍ୟମ ତଥା ସହଯୋଗ ପରିପୁଷ୍ଟ ନ କଲେ ଏ ଦିଗରେ ଆଗେଇବା ଏକାନ୍ତ କଷ୍ଟକର ବ୍ୟାପାର ହେବ । କାରଣ ଆଜିକାଲି ସାମୂହିକ ଓ ସାମଗ୍ରିକ ଉଦ୍ୟମ ନ ହେଲେ କୌଣସି ଗୋଟିଏ

Digitized by srujanika@gmail.com

ଅନୁଷ୍ଠାନ ଏ ବ୍ୟାପକ କାର୍ଯ୍ୟ ଭୁଲ୍ଇବା ଏକାନ୍ତ ଅସମ୍ଭବ ହୋଇ-ପଡ଼ିବ ।

ଶେଷରେ ଏ ଦେଶର ଜନନାୟକ, ନେତୃତ୍ୱ, ବରେଣ୍ୟ ସାହିତ୍ୟିକ, ସମାଜସେବୀ, ଛାତ୍ର, ଅଧ୍ୟାପକ ଓ ସମାଜର ସମସ୍ତ ସ୍ତରର ଜନସାଧାରଣଙ୍କ ଦୃଷ୍ଟି 'ପ୍ରଜ୍ୟପ୍ରଜା ସଂସଦ'ର କାର୍ଯ୍ୟକ୍ରମପ୍ରତି ଆକୃଷ୍ଟ କରିବା ସଙ୍ଗେ ସଙ୍ଗେ ବନ୍ଧୁ, ସହକର୍ମୀ ଓ ସଂସ୍ଦର ସଭ୍ୟବୃନ୍ଦ ତଥା କାର୍ଯ୍ୟକାରୀ ସମିତିର ସଦସ୍ୟମାନଙ୍କ ସହଯୋଗ ନମନ୍ତେ ମୁଁ ଆନ୍ତରିକତା ଜ୍ଞାପନ କରୁଛି ।

ନିତ୍ୟାନନ୍ଦ ଶତପଥୀ

୨୮ । ୪ । ୭୭

Digitized by srujanika@gmail.com

ଉତ୍କଳ ଗୌରବ ମନସ୍ୱୀ ମଧୁସୂଦନ

୧୧୮ଶ ବାର୍ଷିକ

ଜୟନ୍ତୀ ଉତ୍ସବ ଉପଲକ୍ଷେ

ବାରବାଟୀ ରାଫଲ କମିଟୀ

ଅନ୍ତରର ଭକ୍ତି

ଓ

ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ

ବାରବାଟୀ ରାଫଲ୍ କମିଟୀ

କଟକ-୫

Digitized by srujanika@gmail.com

Published by
Pujya Puja Samsad
PITHAPUR, CUTTACK
1966.

Digitized by srujanika@gmail.com